

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-80 ♦SUNDAY ♦13 SEPTEMBER 2026 ♦PAGE-12+4 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୮୦ ♦ରବିବାର ♦୧୩ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦






STALWART CRAFTING TOMORROW

STALWART ATMOSPHERE

3BHK | 3BHK+S | 4BHK | 4BHK+S
PENT HOUSE

1800 889 8701

Scan for more info





# ଗୃହୀତ ହେଲା ନୂଆଦିଲ୍ଲୀ ଘୋଷଣାପତ୍ର

## ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା, ଏକତରଫା ଶୁଳ୍କକୁ ବିରୋଧ



ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ବିଶ୍ୱ ଭୂ-ରାଜନୀତି ଓ ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ ମଧ୍ୟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀରେ ଶନିବାର 'ନୂଆଦିଲ୍ଲୀ ଘୋଷଣାପତ୍ର' ଗୃହୀତ ହୋଇଛି। ଯୁଦ୍ଧ ଓ ଏକତରଫା ଶୁଳ୍କକୁ ବିରୋଧ, ବହୁପକ୍ଷୀୟ ଅନୁଷ୍ଠାନରେ ସଂସ୍କାର, ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ଏବଂ ବିକାଶଶୀଳ ଦେଶଗୁଡ଼ିକର ଅଧିକ ପ୍ରତିନିଧିତ୍ୱ—ଏସବୁ ବିଷୟକୁ ନୂଆଦିଲ୍ଲୀ ଘୋଷଣାପତ୍ରରେ ଗୁରୁତ୍ୱ ଦିଆଯାଇଛି। ଏହାସହିତ ୧୦୨୫ରେ ଜମ୍ମୁ-କଶ୍ମୀରରେ ପହଲଗାମରେ ହୋଇଥିବା ଆକ୍ରମଣରି ତୀବ୍ର ନିନ୍ଦା କରାଯାଇଛି। ଏହି ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ। ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ପାଇଁ ଏଥିରେ ଆହ୍ୱାନ କରାଯାଇଛି। ସୀମାପାର ଆତଙ୍କବାଦ, ପାଣ୍ଠି ସହାୟତା ଏବଂ ଆତଙ୍କବାଦୀଙ୍କୁ ପ୍ରଶ୍ରୟକୁ ଏଥିରେ ଜୋରଦାର ବିରୋଧ କରାଯାଇଛି।

ବ୍ରିକ୍ସର ଅଧ୍ୟକ୍ଷତା କରୁଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହମତିକ୍ରମେ ପ୍ରସ୍ତୁତ ଏହି ଘୋଷଣାପତ୍ରକୁ ସମ୍ମିଳନୀରେ ଗୃହୀତ ହୋଇଥିବା ଘୋଷଣା କରିଥିଲେ ।। ଘୋଷଣାପତ୍ରରେ ବହୁପକ୍ଷୀୟ ଅନୁଷ୍ଠାନଗୁଡ଼ିକରେ ସଂସ୍କାର ଆଣିବା ସହ ଜାତିସଂଘ ସୁରକ୍ଷା ପରିଷଦରେ 'ଗଠନମୂଳକ ପରିବର୍ତ୍ତନ' ଆବଶ୍ୟକତା ଉପରେ ଜୋର ଦିଆଯାଇଛି। ଏଥିସହ ଆତଙ୍କବାଦକୁ ଦୃଢ଼ ଭାବରେ ନିନ୍ଦା କରାଯାଇଥିବା ବେଳେ ଏକତରଫା ସାମରିକ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ବିରୋଧ କରାଯାଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ସମୁଦ୍ର ଯାତ୍ରୀଙ୍କ ସୁରକ୍ଷା ଓ ବାଣିଜ୍ୟିକ ଜାହାଜ ଚଳାଚଳର ସ୍ୱାଧୀନତା ନିଶ୍ଚିତ କରିବା ଉପରେ ମଧ୍ୟ ଘୋଷଣାପତ୍ରରେ ଗୁରୁତ୍ୱ ଦିଆଯାଇଛି। ଘୋଷଣାପତ୍ରରେ ଜାତିସଂଘ ସୁରକ୍ଷା ପରିଷଦରେ ଆଫ୍ରିକା, ଏସିଆ, ଲାଟିନ୍ ଆମେରିକା ଏବଂ କାରିବିୟାନ୍ ଅଞ୍ଚଳର ବିକାଶଶୀଳ ଦେଶଗୁଡ଼ିକର ଅଧିକ ପ୍ରତିନିଧିତ୍ୱ ପାଇଁ ଦାବି କରାଯାଇଛି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟକୁ ଅଧିକରୁ ଅଧିକ ସ୍ଥାନୀୟ ମୁଦ୍ରାରେ କରିବା ଦିଗରେ ଆଗକୁ ବଢ଼ିବା ପାଇଁ ଘୋଷଣାପତ୍ରରେ ଗୁରୁତ୍ୱ ଦିଆଯାଇଛି। ଏହାର ଅର୍ଥ, ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ପରସ୍ପର ବାଣିଜ୍ୟରେ ଆମେରିକୀୟ ଡଲାର୍ ଉପରେ ନିର୍ଭରଶୀଳତା କମାଇ ନିଜ ନିଜ ମୁଦ୍ରାର ବ୍ୟବହାର ବଢ଼ାଇବାକୁ ଚାହୁଁଛନ୍ତି।

ବ୍ରିକ୍ସ ବିଶ୍ୱ ବାଣିଜ୍ୟ ସଂଗଠନ ବା ଡବ୍ଲ୍ୟୁଟିଓର ସଂସ୍କାର ପାଇଁ ଆହ୍ୱାନକୁ ଦୋହରାଇଛି। ଏକ ଖୋଲା, ସ୍ୱଚ୍ଛ, ସମାନ ଓ ନିୟମାଧାରିତ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ପାଇଁ ବ୍ରିକ୍ସ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି। ଘୋଷଣାପତ୍ରରେ କୁହାଯାଇଛି ଯେ ବହୁପକ୍ଷୀୟ ବାଣିଜ୍ୟ ବ୍ୟବସ୍ଥା ଦୀର୍ଘଦିନ ଧରି ଏକ ସଙ୍କଟପୂର୍ଣ୍ଣ ସ୍ଥିତିରେ ରହିଛି। ବିଶ୍ୱର ବିଭିନ୍ନ ଦେଶ ନିଜସ୍ୱ ଭାବେ ଅଧିକ ଶୁଳ୍କ ଓ ଅଣ-ଶୁଳ୍କ ପ୍ରତିବନ୍ଧକ ଲଗାଇବା ଦ୍ୱାରା ବିଶ୍ୱ ବାଣିଜ୍ୟ ହ୍ରାସ, ଯୋଗାଣ ଶୃଙ୍ଖଳାରେ ବାଧା ଓ ଆର୍ଥିକ ଅନିଶ୍ଚିତତା ବଢ଼ିପାରେ। ପରିବେଶ ସୁରକ୍ଷାର ଆଳରେ ସୁରକ୍ଷଣବାଦୀ ନୀତି ଗ୍ରହଣ କରିବା ମଧ୍ୟ ବିଶ୍ୱ ବାଣିଜ୍ୟ ପାଇଁ ଚ୍ୟାଲେଞ୍ଜ ବୋଲି ବ୍ରିକ୍ସ ଉଲ୍ଲେଖ କରିଛି। ଏକତରଫା ଶୁଳ୍କ ଓ ଅଣ-ଶୁଳ୍କ ପ୍ରତିବନ୍ଧକ ବିଶ୍ୱ ବାଣିଜ୍ୟକୁ ବିକୃତ କରୁଥିବା ଏବଂ ଡବ୍ଲ୍ୟୁଟିଓର ନିୟମ ସହ ସାମଞ୍ଜସ୍ୟ ନୁହେଁ ବୋଲି ବ୍ରିକ୍ସ ଚିନ୍ତା ପ୍ରକାଶ କରିଛି। ଏଥିସହ ବାଣିଜ୍ୟରେ ହଠାତ୍ ଦେଖାଦେଉଥିବା ବାଧାର ମୁକାବିଲା କରିବା ସହ ଉଦୀୟମାନ ବଜାର ଓ ବିକାଶଶୀଳ ଅର୍ଥନୀତିଗୁଡ଼ିକର ଆବଶ୍ୟକତା ଅନୁଯାୟୀ ଡବ୍ଲ୍ୟୁଟିଓକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସାମୂହିକ ଭାବେ କାମ କରିବାର ସଂକଳ୍ପ ନିଆଯାଇଛି। ଏଥିସହ ଏକତରଫା ସାମରିକ କାର୍ଯ୍ୟାନୁଷ୍ଠାନ ଓ ଯୁଦ୍ଧର ପ୍ରଭାବକୁ ନେଇ ଚିନ୍ତା ବ୍ୟକ୍ତ କରାଯାଇଛି। ବିଶେଷକରି ମଧ୍ୟପ୍ରାଚ୍ୟର ସାମରିକ ସଂଘର୍ଷ ମଧ୍ୟରେ ସମୁଦ୍ରପଥରେ ନିରାପଦ ଜାହାଜ ଚଳାଚଳ ଓ ସମୁଦ୍ରଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବାର ଆବଶ୍ୟକତା ଉପରେ ଜୋର ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭବିଷ୍ୟତର ପ୍ରଯୁକ୍ତି ବିକାଶ ଓ ଏହାକୁ ନିୟନ୍ତ୍ରଣ କରୁଥିବା ନିୟମ ନିର୍ଦ୍ଧାରଣରେ ଗ୍ଲୋବାଲ୍ ସାଉଥ୍‌କୁ ସମାନ ଅଂଶୀଦାରିତ୍ୱ ମିଳିବା ଆବଶ୍ୟକ। ତାଙ୍କ ମତରେ, ନୂଆଦିଲ୍ଲୀ ଘୋଷଣାପତ୍ର ବ୍ରିକ୍ସ ଦେଶଗୁଡ଼ିକର ସାମୂହିକ ସଂକଳ୍ପକୁ ଏକ ସ୍ପଷ୍ଟ ଦିଗ ଦେଇଛି।

## ନେତନ୍ୟାହୁଙ୍କ ମେକଅପ୍‌ରେ ୪ କୋଟି ଖର୍ଚ୍ଚ

ତେଲ ଆଭିଭ୍, ୧୨।୯ (ଏଜେନ୍ସି): ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଓ ତାଙ୍କ ପତ୍ନୀ ସାରାଙ୍କ ଚୁଟି ସଜ୍ଜା ଓ ମେକଅପ୍ ପାଇଁ ୨୦୧୯ରୁ ୨୦୨୬ ଅଗଷ୍ଟ ପର୍ଯ୍ୟନ୍ତ ପ୍ରାୟ ୪ କୋଟି ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ ହୋଇଥିବା ତଥ୍ୟ ସାମ୍ନାକୁ ଆସିଛି। ଇସ୍ରାଏଲର ସୂଚନା ଅଧିକାର ଆଇନ ଅନୁଯାୟୀ ପ୍ରକାଶିତ ଦଲିଲରୁ ଜଣାପଡ଼ିଛି, ଏହି ସମୟରେ ଚୁଟି ସଜ୍ଜା ଓ ମେକଅପ୍‌ରେ ପ୍ରାୟ ୪.୭ ଲକ୍ଷ ଡଲାର ଖର୍ଚ୍ଚ ହୋଇଛି।



ଏଥିରୁ ପ୍ରାୟ ୯୦ ପ୍ରତିଶତ ଖର୍ଚ୍ଚ ନେତାନ୍ୟାହୁ ଓ ତାଙ୍କ ପତ୍ନୀଙ୍କ ସହ ଜଡ଼ିତ। ୨୦୨୫ରେ ସର୍ବାଧିକ ୯୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାଛଡ଼ା ଫେବ୍ରୁଆରୀ ୨୦୨୫ରେ ନେତାନ୍ୟାହୁଙ୍କ ଆମେରିକା ଗସ୍ତ ସମୟରେ ଚୁଟି ସଜ୍ଜା ଓ ମେକଅପ୍ ପାଇଁ ପ୍ରାୟ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୨୩ରେ ଇସ୍ରାଏଲ୍-ହମାସ୍ ଯୁଦ୍ଧ ଆରମ୍ଭ ସମୟରେ ମଧ୍ୟ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଚୁଟି ସଜ୍ଜା ଓ ମେକଅପ୍ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ସେପଟେ, ନେତାନ୍ୟାହୁଙ୍କ ଚୁଟି ସଜ୍ଜାକାରୀ ଓ ମେକଅପ୍ କଳାକାରଙ୍କ ନାମ ସୁରକ୍ଷା କାରଣ ଦର୍ଶାଇ ସରକାରୀ ଦଲିଲରୁ ହଟାଇ ଦିଆଯାଇଛି। ପୋଷାକ, ଅଳଙ୍କାର ଓ ଛବି ପରାମର୍ଶ ଭଳି କିଛି ଖର୍ଚ୍ଚର ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ପ୍ରକାଶ କରାଯାଇନାହିଁ।

## ବିହାର କଂଗ୍ରେସରେ ୨୯ ନେତାଙ୍କୁ କାରଣ ଦର୍ଶାଅ ନୋଟିସ

ପାଟନା, ୧୨।୯ (ଏଜେନ୍ସି): ବିହାର କଂଗ୍ରେସରେ ଦଳୀୟ ଅସନ୍ତୋଷ ଆହୁରି ତୀବ୍ର ହୋଇଛି। ଦଳୀୟ ନେତୃତ୍ୱ ବିରୋଧରେ ଦିଲ୍ଲୀରେ ଆୟୋଜିତ ପ୍ରତିବାଦରେ ଯୋଗଦେଇଥିବା ଅଭିଯୋଗରେ ପ୍ରଦେଶ କଂଗ୍ରେସର ଶୃଙ୍ଖଳା କମିଟି ୨୯ ଜଣ ନେତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛି। ସେପ୍ଟେମ୍ବର ୮ ରେ ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟ ନିକଟରେ ବିହାର କଂଗ୍ରେସ ନେତୃତ୍ୱ ବିରୋଧରେ ଏହି ପ୍ରତିବାଦ ହୋଇଥିଲା। ନୋଟିସରେ ନେତାମାନଙ୍କ କାର୍ଯ୍ୟକୁ 'ଦଳବିରୋଧୀ କାର୍ଯ୍ୟ' ଏବଂ ଗୁରୁତର ଶୃଙ୍ଖଳାଭଙ୍ଗ ବୋଲି ଦର୍ଶାଯାଇଛି। ନୋଟିସ ପାଇବାର ୭୨ ଘଣ୍ଟା ମଧ୍ୟରେ ଲିଖିତ ଜବାବ ଦେବାକୁ ନେତାମାନଙ୍କୁ କୁହାଯାଇଛି। ଜବାବ ସନ୍ତୋଷଜନକ ନ ହେଲେ ଦଳୀୟ ନିୟମ ଅନୁଯାୟୀ ଏକତରଫା ଶୃଙ୍ଖଳାମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଟି ଚେତାବନୀ ଦେଇଛି। ନୋଟିସ ପାଇଥିବା ନେତାଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅନିଲ ସିଂହ ଓ ପୁନମ ଦେବୀଙ୍କ ସମେତ ବିଭିନ୍ନ ଜିଲ୍ଲାର ପୂର୍ବତନ କଂଗ୍ରେସ ସଭାପତି ରହିଛନ୍ତି। ବିହାର କଂଗ୍ରେସ ସଭାପତି ରାଜେଶ ରାମ ଓ ଦଳର ବିହାର ପ୍ରଭାରୀ କୃଷ୍ଣ ଆଲ୍ଲାଭାରୁଙ୍କୁ ହଟାଇବା ଦାବିରେ ଅସନ୍ତୁଷ୍ଟ ନେତାମାନେ ପ୍ରତିବାଦ କରିଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ମଧ୍ୟ ସମାନ ଅଭିଯୋଗ ଉଠାଇଥିବା ୯ ଜଣ ନେତାଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରାଯାଇଥିଲା। ବିହାର ବିଧାନସଭା ନିର୍ବାଚନରେ ଦଳର ଦୁର୍ବଳ ପ୍ରଦର୍ଶନ ପରେ ଦଳ ଭିତରେ ନେତୃତ୍ୱ ଓ ସାଂଗଠନିକ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବଢ଼ିଥିବା ଦେଖାଯାଉଛି।

## ୟୁପି ସରକାରଙ୍କୁ ଆହ୍ଲାବାଦ ହାଇକୋର୍ଟଙ୍କ ଭର୍ତ୍ସନା

ପ୍ରୟାଗରାଜ, ୧୨।୯ (ଏଜେନ୍ସି): ଉତ୍ତରପ୍ରଦେଶରେ କଠୋର ଗୁଣ୍ଡା ଆଇନର ବାରମ୍ବାର ଅପବ୍ୟବହାରକୁ ନେଇ ଆହ୍ଲାବାଦ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ରାଜ୍ୟ ସରକାର ଏହି ଶକ୍ତିଶାଳୀ ଆଇନକୁ ମନଇଚ୍ଛା ବ୍ୟବହାର କରୁଛନ୍ତି ଏବଂ ଏହାକୁ ନାଗରିକଙ୍କୁ ନିର୍ଯାତନା ଦେବାର ଆୟୁଧ ଭାବେ ବ୍ୟବହାର କରାଯାଉଥିବା କୋର୍ଟ କହିଛନ୍ତି। କେବଳ ସମାଜରେ ଲୋକ କଲ୍ୟାଣ ଓ ଶାନ୍ତି

**ଗୁଣ୍ଡା ଆଇନର ଅପବ୍ୟବହାର**

ବଜାୟ ରଖିବା ପାଇଁ ଏହି ଆଇନ୍ ଉପଯୁକ୍ତ। ଗୁଣ୍ଡା ଆଇନ୍ ଅତ୍ୟନ୍ତ ସତର୍କତାର ସହ ତଥା ନିର୍ଦ୍ଦିଷ୍ଟ କେତୋଟି ମାମଲାରେ ହିଁ ପ୍ରୟୋଗ କରାଯିବା ଉଚିତ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଗୋଣ୍ଡା ଜିଲ୍ଲା ମାଜିଷ୍ଟ୍ରେଟ ଜାହିଦ ଅଲ୍ଲୀ ନାମକ ଜଣେ ବ୍ୟକ୍ତିଙ୍କୁ ଗୁଣ୍ଡା ଘୋଷଣା କରିଥିଲେ। ଏହାପରେ ୬ ମାସ ପାଇଁ ତାଙ୍କୁ ଜିଲ୍ଲା ବାସନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଦେଶକୁ ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ବେଞ୍ଚ ଆଜି ରଦ୍ଦ କରିଛନ୍ତି। ଏହାସହ ଡିଭିଜନାଲ କମିଶନରଙ୍କ ଅପିଲ ନିଷ୍ପତ୍ତିକୁ ମଧ୍ୟ କୋର୍ଟ ଖାରଜ କରିଛନ୍ତି। କୋର୍ଟ ଦର୍ଶାଇଛନ୍ତି ଯେ, ଯେଉଁ ୨୦୧୦ର ଅପରାଧିକ ମାମଲାକୁ ଭିତ୍ତି କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ସେଥିରୁ ଜାହିଦ ୨୦୧୭ରେ ନିର୍ଦ୍ଦୋଷରେ ଖଲାସ ହୋଇସାରିଛନ୍ତି। ତେଣୁ ମାମଲାରେ ପୁନର୍ବାର ଗୁଣ୍ଡା ଆଇନ ଲଗାଯାଇ ପାରିବ ନାହିଁ। ଏହାବ୍ୟତୀତ ୨୦୨୦ର ଅନ୍ୟ ଏକ ମାମଲା ଓ ପୁଲିସ ବିଟ୍ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ କୋର୍ଟ ଏହି ଆଦେଶକୁ ଅସିଦ୍ଧ ଘୋଷଣା କରିଛନ୍ତି।

## ହୃଦ୍‌ଘାତରେ ଏୟାର ଇଣ୍ଡିଆ ଯୁବ ପାଇଲଟଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଦିଲ୍ଲୀରେ ଲେ-ଓଭର ସମୟରେ ଏୟାର ଇଣ୍ଡିଆର ଜଣେ ମୁମ୍ବାଇଭିତ୍ତିକ ପାଇଲଟଙ୍କ ମୃତ୍ୟୁ ଘଟିଛି। ୪୦ ବର୍ଷ ବୟସ ବର୍ଗର ଏହି ପାଇଲଟ ବସନ୍ତ କୁଞ୍ଜସ୍ଥିତ ଦି ଗ୍ରାଣ୍ଡ ହୋଟେଲରେ ରହୁଥିବା ବେଳେ ଅଚେତ ଅବସ୍ଥାରେ ମିଳିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପୂର୍ବରୁ ଏୟାର ଇଣ୍ଡିଆ ଏକ୍ସପ୍ରେସରେ କାର୍ଯ୍ୟ କରୁଥିଲେ ଏବଂ ପ୍ରାୟ ଦୁଇ ମାସ ପୂର୍ବ ଏୟାର ଇଣ୍ଡିଆରେ ଯୋଗ ଦେଇଥିଲେ। ମୃତ ପାଇଲଟଙ୍କର ଶନିବାର ସକାଳେ ଏକ ବିମାନ ଚଳାଇବାର କାର୍ଯ୍ୟସୂଚୀ ଥିଲା। ଘଟଣାରେ ଏୟାର ଇଣ୍ଡିଆ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ସହ ଯୋଗାଯୋଗରେ ଥିବା ଏବଂ ଏହି ଦୁଃଖଦ ସମୟରେ ସମସ୍ତ ସହାୟତା ଯୋଗାଇ ଦିଆଯାଉଥିବା କହିଛି।

## ଟିଏମ୍‌ସି ବିବାଦ: ବିଦ୍ରୋହୀ ଗୋଷ୍ଠୀକୁ ଅଧିକ ଦସ୍ତାବିଜ ମାଗିଲେ କମିସନ



ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ବିଭାଜନ ପରେ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି)ର ସାଂଗଠନିକ ନିୟନ୍ତ୍ରଣ, ଦଳୀୟ ନାମ ଏବଂ ଚିହ୍ନକୁ ନେଇ ବିବାଦ ଲାଗି ରହିଛି। ଟିଏମସି ଏବେ ମମତାଙ୍କ ନିୟନ୍ତ୍ରଣରେ ରହିଥିବା ବେଳେ ବିଦ୍ରୋହୀ ନେତା ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀ ନିଜକୁ ପ୍ରକୃତ ଟିଏମସି ଦାବି କରିବା ସହିତ ସଂଗଠନ ଚିହ୍ନ ଉପରେ ଆଖି ପକାଇଛନ୍ତି। ଆଜି ନିର୍ବାଚନ କମିସନ ଏସଂପର୍କରେ ଦୁଇ ଗୋଷ୍ଠୀଙ୍କୁ ପୃଥକ ପୃଥକ ଭାବେ ଭେଟିଛନ୍ତି। ସେମାନଙ୍କର ଦାବି ଓ ଯୁକ୍ତିତର୍କ ଶୁଣିଛନ୍ତି।

**ବିନା ଦଳୀୟ ସଙ୍କେତରେ ଉପନିର୍ବାଚନ ଲଢ଼ିପାରନ୍ତି ଦୁଇ ଗୋଷ୍ଠୀ**

ଟିଏମସି ସଂଗଠନ, ଚିହ୍ନ, ଅଫିସ, ପାଣ୍ଠି ଉପରେ ଦାବି କରୁଥିବା ରତବ୍ରତ ଗୋଷ୍ଠୀ ଠାରୁ ଅଧିକ ଦସ୍ତାବିଜ ଲୋଡ଼ିଛନ୍ତି କମିସନ। ୧୬ ତାରିଖ ପୂର୍ବରୁ ପୂର୍ବରୁ ଦଳୀୟ ଚିହ୍ନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ରତବ୍ରତ ଗୋଷ୍ଠୀ କମିଶନଙ୍କୁ ନିବେଦନ କରିଛନ୍ତି। ଦଳୀୟ ଚିହ୍ନ ସେମାନଙ୍କ ସପକ୍ଷରେ ଯିବ ବୋଲି ରତବ୍ରତ ଗୋଷ୍ଠୀ ଆଶା ପ୍ରକଟ କରିଛନ୍ତି।

ଆଜି କମିସନ କୌଣସି ନିଷ୍ପତ୍ତି ନେଇନଥିବାରୁ ଆସନ୍ତା ମାସ ୬ ତାରିଖରେ ନନ୍ଦିଗ୍ରାମ ଏବଂ ରେଜିନଗର ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନରେ କୌଣସି ଗୋଷ୍ଠୀକୁ ଟିଏମ୍‌ସି ସଙ୍କେତ ମିଳିନପାରେ। ସେମାନେ ବିନା ଟିଏମସି ସଙ୍କେତରେ ନିର୍ବାଚନ ଲଢ଼ିପାରନ୍ତି। ଆସନ୍ତା ୧୬ ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସ ହୋଇଥିବାରୁ କମିସନ କୌଣସି ମଧ୍ୟବର୍ତ୍ତିକାଳୀନ ଆଦେଶ ଦେଇପାରନ୍ତି ବୋଲି କୁହାଯାଉଛି। ମମତାଙ୍କ ଗୋଷ୍ଠୀ ପକ୍ଷରୁ ଡେରେକ ଓ'ବ୍ରାଏନ, କଲ୍ୟାଣ ବାନାର୍ଜୀ, ସାଗରିକା ଘୋଷ, ସାକେତ ଗୋଖଲେ ଏବଂ ଆଇନଜୀବୀ ଅଭିନବ ସିଂହଙ୍କୁ ନେଇ ଗଠିତ ୫ ଜଣିଆ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ସମ୍ମୁଖରେ ନିଜର ସାକ୍ଷ୍ୟ ଓ ନଥିପତ୍ର ଉପସ୍ଥାପନ କରିଛନ୍ତି।

## ବ୍ରିକ୍ସରେ ମୋଦୀ-ଜିନପିଙ୍ଗ ଆଲୋଚନା

### ସୀମାରେ ଶାନ୍ତି ପ୍ରତିଷ୍ଠା, ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିକୁ ଗୁରୁତ୍ୱ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ବ୍ରିକ୍ସ ସମ୍ମିଳନୀ ଅବସରରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୫୦ ମିନିଟରୁ ଅଧିକ ସମୟ ଧରି ଏହି ବୈଠକ ଚାଲିଥିଲା। ଉଭୟ ନେତା ଭାରତ-ଚୀନ୍ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ଏବଂ ସୀମା ସମସ୍ୟାର ସମାଧାନ ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ଗତ ୭ ବର୍ଷ ମଧ୍ୟରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କର ଏହା ପ୍ରଥମ ଭାରତ ଗସ୍ତ ହୋଇଥିବାରୁ ବୈଠକକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି।

ବୈଠକ ଆରମ୍ଭରେ ପ୍ରଧାନମନ୍ତ୍ରୀ ମୋଦୀ ଚୀନ୍ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ଭାରତର ବ୍ରିକ୍ସ ଆୟୋଜିତ ହେଉଥିବା ବେଳେ ଚୀନ୍‌ର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିପାକ୍ଷିକ ସମ୍ପର୍କର ବିକାଶ ପାଇଁ ସୀମାଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଉଭୟ ଦେଶ ମଧ୍ୟରେ ରହିଥିବା ମତଭେଦ ବିବାଦରେ ପରିଣତ ନ ହେବା ପାଇଁ ପାରସ୍ପରିକ ସମ୍ମାନ, ପାରସ୍ପରିକ ସମ୍ବେଦନଶୀଳତା ଏବଂ ପାରସ୍ପରିକ ସ୍ୱାର୍ଥ ଭଳି ତିନୋଟି ନୀତି ପାଳନୀୟ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ଅନ୍ୟପଟେ ସି ଜିନପିଙ୍ଗ ପ୍ରକାଶ କରିଥିଲେ ଯେ ଚୀନ୍ ସଦାସର୍ବଦା ଭାରତ-ଚୀନ୍ ସମ୍ପର୍କକୁ କୂଟନୈତିକ ଏବଂ ଦୀର୍ଘକାଳୀନ ସମ୍ପର୍କ ଭାବେ ଦେଖିଆସିଛି। ଭାରତ-



ଚୀନ୍ ହେଉଛନ୍ତି ବିଶ୍ୱର ସବୁଠାରୁ ଜନବହୁଳ ଦୁଇ ରାଷ୍ଟ୍ର ତଥା ଗ୍ଲୋବାଲ ସାଉଥ୍‌ର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ। ଏଣୁ ଦୁଇ ଦେଶ ପରସ୍ପରର ଶକ୍ତିରୁ ଶିକ୍ଷା ଲାଭ କରି, ମିଳିମିଶି ବିକାଶ ପଥରେ ଆଗେଇବା ଉଚିତ୍ ବୋଲି ସେ କହିଥିଲେ। ବୈଠକରେ ବାଣିଜ୍ୟିକ ଅସନ୍ତୁଳନ ଏବଂ ଯୋଗାଣ ଶୃଙ୍ଖଳା ସମ୍ବନ୍ଧୀୟ ଚିନ୍ତା ଦୂର କରିବା ସହ ସାଂସ୍କୃତିକ ଆଦାନପ୍ରଦାନ, ବ୍ୟବସାୟିକ ସଂଯୋଗ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଥିଲା।



## ଜେଲ୍‌ରେ ରେଭନ୍ନାଙ୍କ ମୋବାଇଲରେ ଅଶ୍ଲୀଳ ଭିଡିଓ

ବେଙ୍ଗାଲୁରୁ, ୧୨।୯ (ଏଜେନ୍ସି): ଦୁଷ୍କର୍ମ ମାମଲାରେ ଦଣ୍ଡିତ ହୋଇ ଜେଲ୍‌ରେ ଥିବା ପୂର୍ବତନ ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କଠାରୁ ଜବତ ମୋବାଇଲ୍ ଫୋନ୍ ଓ ଅନ୍ୟ ଉପକରଣରେ ଏକାଧିକ ଅଶ୍ଲୀଳ ଭିଡିଓ ମିଳିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ପୁଲିସ ଅନୁସାରେ, ଜେଲ୍ ଭିତରକୁ ଚୋରାରେ ମୋବାଇଲ୍, ସିମ୍ କାର୍ଡ, ଚାର୍ଜର ଓ ପେନ୍‌ଡ୍ରାଇଭ୍ ପହଞ୍ଚାଇବା ପାଇଁ ରେଭନ୍ନା ପ୍ରାୟ ୧ ଲକ୍ଷ ଟଙ୍କା ଦେଇଥିଲେ। ଏହି ଘଟଣାରେ ଜେଲ୍ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତକାରୀଙ୍କ ଅନୁସାରେ, ଜେଲ୍ ୱାର୍ଡେନ୍ ପ୍ରକାଶ ଗାୱାଡେ ରେଭନ୍ନାଙ୍କୁ ମୋବାଇଲ୍ ଦେଇଥିଲେ। ଜଣେ ବିଚାରାଧୀନ କଏଦୀ ସିମ୍ କାର୍ଡକୁ ଲୁଚାଇ ତାଙ୍କ ପାଖରେ ପହଞ୍ଚାଇଥିବା ଅଭିଯୋଗ ହୋଇଛି। ପରେ ଚାର୍ଜର ଓ ପେନ୍‌ଡ୍ରାଇଭ୍ ମଧ୍ୟ ଦିଆଯାଇଥିଲା। ଅଗଷ୍ଟରେ କେନ୍ଦ୍ରୀୟ ଅପରାଧ ଶାଖା ରେଭନ୍ନାଙ୍କ ବ୍ୟାରାକ୍‌ରେ ଚଢ଼ାଉ କରି ମୋବାଇଲ୍, ସିମ୍, ଚାର୍ଜର ଓ ପେନ୍‌ଡ୍ରାଇଭ୍ ଜବତ କରିଥିଲା। ଘଟଣାରେ ରେଭନ୍ନା ଓ ତାଙ୍କ ସହବନ୍ଦୀ ପ୍ରତାପ ରାଇଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତେବେ ରେଭନ୍ନାଙ୍କୁ ଜେଲ୍‌ରେ ମୋବାଇଲ୍ ପହଞ୍ଚାଇବା ଘଟଣାରେ ତଦନ୍ତ ଜାରି ରହିଛି।



## ୫ଜି ନେଟୱର୍କ ପାଇଁ ଟେକ୍ନିସିଆନଙ୍କୁ ମୋବାଇଲ୍ ଟାୱାରରେ ବାନ୍ଧିଲେ

ଫତେହପୁର, ୧୨।୯ (ଏଜେନ୍ସି): ଦୀର୍ଘଦିନ ଧରି ୫ଜି ନେଟୱର୍କ ଠିକ୍ ଭାବେ କାମ କରୁ ନ ଥିବାରୁ ଉତ୍ତରପ୍ରଦେଶର ଫତେହପୁର ଜିଲ୍ଲାରେ ଉତ୍ତେଜନା ସୃଷ୍ଟି ହୋଇଛି। ନେଟୱର୍କ ସମସ୍ୟାର ସମାଧାନ ଦାବି କରି କିଛି ଗ୍ରାମବାସୀ ଜଣେ ଟେଲିକମ୍ ଟେକ୍ନିସିଆନଙ୍କୁ ମୋବାଇଲ୍ ଟାୱାରରେ ବାନ୍ଧି ଦେଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ପୁଲିସ ଅନୁଯାୟୀ, ବିନ୍ଦକୀ ଅଞ୍ଚଳର ହରୌଲି ଗାଁକୁ ମୋବାଇଲ୍ ନେଟୱର୍କ ସମସ୍ୟା ସମାଧାନ ପାଇଁ ଯାଇଥିବା ଟେକ୍ନିସିଆନ୍ ଆଦିତ୍ୟ ଭାନ ସିଂହଙ୍କୁ କିଛି ଗ୍ରାମବାସୀ ଅଟକାଇ ଟାୱାରରେ ବାନ୍ଧି ଦେଇଥିଲେ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଫତେହପୁର ଏସ୍‌ପି ଅଭିମନ୍ୟୁ ମାଙ୍ଗଲିକ୍ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ଦୁଇ ବର୍ଷ ଧରି ଅଞ୍ଚଳରେ ୫ଜି ସେବା ଠିକ୍ ଭାବେ ମିଳୁନଥିଲା। ବିଦ୍ୟୁତ୍ ଥିଲେ ମଧ୍ୟ ନେଟୱର୍କ ବାରମ୍ବାର ବନ୍ଦ ହୋଇଯାଉଥିବାରୁ ଫୋନ୍ କଲ୍ ଓ ଇଣ୍ଟରନେଟ୍ ସେବା ପ୍ରଭାବିତ ହେଉଥିଲା। ଦୀର୍ଘଦିନ ଧରି ୫ଜି ସେବା ପାଇଁ ଟଙ୍କା ଦେଉଥିଲେ ମଧ୍ୟ ସୁଧାର ହୋଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଥିଲା। ଏହି ଘଟଣାକୁ ନେଇ ଟେକ୍ନିସିଆନଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ରାହୁଲ ପଟେଲ, ସୂରଜ ଯାଦବ, ଆଲୋକ ପଟେଲ, ଯୋଗେନ୍ଦ୍ର ପଟେଲ, ଆଲୋକ ଯାଦବ ଓ ସଚିନ ପଟେଲଙ୍କୁ ଗିରଫ କରିଛି।

# ହୁତି ଆକ୍ରମଣ ପରେ ମାଡ଼ି ଆସୁଛି ତୈଳ ସଙ୍କଟ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଭାରତଠାରୁ ପ୍ରାୟ ୩, ୦୦୦ କିଲୋମିଟର ଦୂରରେ ଥିବା ଏକ ସଂକୀର୍ଣ୍ଣ ସମୁଦ୍ରପଥ ଏବେ ଭାରତର ଅର୍ଥନୀତି ଓ ଶକ୍ତି ସୁରକ୍ଷା ପାଇଁ ବଡ଼ ଚିନ୍ତାର କାରଣ ହୋଇଛି। ୟେମେନ୍‌ର ଇରାନ୍ ସମର୍ଥିତ ହୁତି ବିଦ୍ରୋହୀମାନେ ଲୋହିତ ସାଗର ଉପକୂଳରେ ଦ୍ରୁତ ଅଗ୍ରଗତି କରି ବାବ୍-ଏଲ୍-ମାନ୍ଦେବ୍ ସମୁଦ୍ର ପଥ ଉପରେ ନିୟନ୍ତ୍ରଣ ସ୍ଥାପନର ନିକଟତର ହୋଇଥିବା ଦାବି କରାଯାଉଛି। ଏହି ଜଳପଥ ବନ୍ଦ କିମ୍ବା ଅସୁରକ୍ଷିତ ହେଲେ ତୈଳ ଯୋଗାଣ, ସମୁଦ୍ର ପରିବହନ ଓ ୟୁରୋପକୁ ଭାରତୀୟ ରପ୍ତାନି ଉପରେ ଭୀଷଣ ପ୍ରଭାବ ପଡ଼ିପାରେ। ବାବ୍-ଏଲ୍-ମାନ୍ଦେବ୍ ଭାରତଠାରୁ ହଜାର ହଜାର କିଲୋମିଟର ଦୂରରେ ଥିଲେ ମଧ୍ୟ ଏହାର ଗୁରୁତ୍ୱ ଭାରତୀୟ ଅର୍ଥନୀତି ପାଇଁ ପ୍ରତ୍ୟକ୍ଷ। ଏହି ସମୁଦ୍ରପଥରେ ଦୀର୍ଘସ୍ଥାୟୀ ଅସ୍ଥିରତା ହେଲେ ତୈଳ ଦର ବଢ଼ିବା, ସମୁଦ୍ର ପରିବହନ ମହଙ୍ଗା ହେବା, ଆମଦାନି ଖର୍ଚ୍ଚ ବୃଦ୍ଧି ଓ ୟୁରୋପୀୟ ବଜାରରେ ଭାରତୀୟ ରପ୍ତାନିର ପ୍ରତିସ୍ପର୍ଦ୍ଧିତା ହ୍ରାସ-ଏସବୁ ସମସ୍ୟା ଏକାସାଙ୍ଗରେ ଦେଖାଦେଇପାରେ। ତେଣୁ ବାବ୍-ଏଲ୍-ମାନ୍ଦେବ୍ କେବଳ ମଧ୍ୟପ୍ରାଚ୍ୟରେ ଏକ ଦୂରସ୍ଥ ସମୁଦ୍ରପଥ ନୁହେଁ, ଏହା ଭାରତର ଶକ୍ତି ସୁରକ୍ଷା, ବାଣିଜ୍ୟ ଓ ଅର୍ଥନୀତି ସହ ଜଡ଼ିତ ଏକ ରଣନୈତିକ ଜଳପଥ। ହର୍ମୁଜ ଏବେ ବନ୍ଦ ପଡ଼ିଥିବା ବେଳେ ବାବ୍-ଏଲ୍-ମାନ୍ଦେବ୍ ବନ୍ଦ ହେଲେ ପରିସ୍ଥିତି ଭୟଙ୍କର ହୋଇପଡ଼ିବ। ବାବ୍-ଏଲ୍-ମାନ୍ଦେବ୍ ହେଉଛି ୟେମେନ୍ ଓ ଜିବୁତି ମଧ୍ୟରେ ଥିବା ପ୍ରାୟ ୨୯ କିଲୋମିଟରର ଚଉଡ଼ା ସଂକୀର୍ଣ୍ଣ ସମୁଦ୍ରପଥ। ଏହା ଲୋହିତ ସାଗରକୁ ଏଡେନ୍ ଉପସାଗର ସହିତ ଯୋଡ଼ିଥାଏ। ଏହା ମାଧ୍ୟମରେ ସୁଏଜ୍ କେନାଲ୍ ଦେଇ ଭୂମଧ୍ୟ ସାଗର ଓ ୟୁରୋପର ବନ୍ଦରଗୁଡ଼ିକ ସହ ଭାରତ ଓ ଏସିଆର ସମୁଦ୍ର ବାଣିଜ୍ୟ ସଂଯୁକ୍ତ ହୋଇଛି। 'ଗେଟ୍ ଅଫ୍ ଟିୟର୍ସ' ବା 'ଲୁହର ଦ୍ୱାର' ଭାବେ ପରିଚିତ ଏହି ସମୁଦ୍ରପଥ ଦୀର୍ଘଦିନ ଧରି ବିଶ୍ୱ ତୈଳ ଓ ବାଣିଜ୍ୟ ପରିବହନର ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। ସାଉଦି ଆରବର ପଶ୍ଚିମ ଉପକୂଳର ଜେଦ୍ଦା ଓ ୟାନ୍ବୁ ଭଳି ବନ୍ଦରରୁ ତୈଳ ଟ୍ୟାଙ୍କର୍‌ଗୁଡ଼ିକ ଏହି ପଥ ଦେଇ ଏସିଆର ବଜାରକୁ ଯାଇଥାନ୍ତି। ଏହାର ଅନ୍ୟପଟେ ଭାରତ ସମେତ ଏସିଆର ଦେଶଗୁଡ଼ିକରୁ ୟୁରୋପ ଓ ଉତ୍ତର ଆଫ୍ରିକାକୁ ଯାଉଥିବା ଅନେକ

**ହର୍ମୁଜ ପରେ ବନ୍ଦ ହୋଇଯିବ ବାବ୍-ଏଲ୍-ମାନ୍ଦେବ**

ସାମଗ୍ରୀ ମଧ୍ୟ ଏହି ମାର୍ଗ ଦେଇ ପରିବହନ ହୋଇଥାଏ। ଭାରତ ପାଇଁ ଏହି ମାର୍ଗର ଗୁରୁତ୍ୱ ଆହୁରି ବଢ଼ିଛି, କାରଣ ଦେଶର ତୈଳ ବିଶୋଧନ ଶିଳ୍ପ ୟୁରୋପକୁ ବିପୁଳ ପରିମାଣର ଡିଜେଲ୍, ବିମାନ ଇନ୍ଧନ ଓ ଅନ୍ୟାନ୍ୟ ପେଟ୍ରୋଲିୟମ୍ ଉତ୍ପାଦ ରପ୍ତାନି କରିଥାଏ। ଏଥିସହ ଔଷଧ, ବସ୍ତ୍ର, ଯନ୍ତ୍ରପାତି ଓ ଇଞ୍ଜିନିୟରିଂ ସାମଗ୍ରୀ ବୋଝେଇ କଣ୍ଟେନର୍ ମଧ୍ୟ ଏହି ମାର୍ଗରେ ଯାତାୟାତ କରେ। ରିୟାଦ: ବାବ୍-ଏଲ୍-ମାନ୍ଦେବ ସମୁଦ୍ରପଥରେ ହୁତି ବିଦ୍ରୋହୀଙ୍କ ପତିଆରା ବଢ଼ିବା ସହ ସାଉଦି ଆରବ ଉପରେ ସଙ୍କଟ ଆହୁରି ଗଭୀର ହୋଇଛି। ହୁତିମାନେ ରଣନୀତିକ ପେରିମ୍ ଦ୍ୱୀପ ଦଖଲ କରିଥିବା ବେଳେ ସାଉଦି ଆରବର ୧, ୨୦୦ କିଲୋମିଟର ଲମ୍ବା ଇଷ୍ଟ-ୱେଷ୍ଟ ତୈଳ ପାଇପ୍‌ଲାଇନ୍‌ରେ ଡ୍ରୋନ୍ ଆକ୍ରମଣ ହୋଇଛି।





ଟେଲର୍-କାଟେରିନା
ଯୋଡ଼ି ଚାମ୍ପିଅନ୍


▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-80 ◆SUNDAY ◆13 SEPTEMBER 2026 ◆PAGE-12+4 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୮୦ ◆ରବିବାର ◆୧୩ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦



ଭିତର ପୃଷ୍ଠାରେ

ହାଇଦରାବାଦ୍‌ରେ ମୟୂରଭଞ୍ଜର ଯୁବ ଶ୍ରମିକଙ୍କୁ ନିର୍ମମ ହତ୍ୟା

ଭାଇକୁ ବଞ୍ଚାଇବାକୁ ଯାଇ ନଦୀରେ ଭାସିଗଲେ ଦିବ୍ୟାଙ୍ଗ ଭଉଣୀ

ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାରେ ସିବିଆଇ ତଦନ୍ତ ଦାବିକଲା ବିଜେଡି


### ମାଡ଼ି ଆସୁଛି ବଡ଼ ବିଦ୍ୟୁତ୍ ସଙ୍କଟ

# ୫୯ଟି ପ୍ଲାଣ୍ଟରେ ୩ ଦିନର କୋଇଲା

■ ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଦେଶର ଶକ୍ତି କ୍ଷେତ୍ର ଆଉ ଏକ ବଡ଼ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି। ସରକାରୀ ତଥ୍ୟ ଅନୁଯାୟୀ, ପ୍ରାୟ ଏକ ତୃତୀୟାଂଶ କୋଇଲା ଚାଳିତ ବିଦ୍ୟୁତ୍ ପ୍ଲାଣ୍ଟ ବା ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଇନ୍ଧନ ଭଣ୍ଡାର ବର୍ତ୍ତମାନ



## ଏକ ତୃତୀୟାଂଶ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଇନ୍ଧନ ଅଭାବ

## ଅନେକ ପ୍ଲାଣ୍ଟ ବନ୍ଦ ହେବା ସ୍ଥିତିରେ

ବିପଦଜନକ ସ୍ତରକୁ ହ୍ରାସ ପାଇଛି। ଏହି ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକରେ କୋଇଲା ଅଭାବ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ଦେଶର ୫୯ଟି କୋଇଲା ଚାଳିତ ବିଦ୍ୟୁତ୍ କେନ୍ଦ୍ରରେ ମାତ୍ର ତିନି ଦିନ ପାଇଁ କୋଇଲା ମହଜୁଦ ଅଛି। କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣର ସଦ୍ୟତମ ତଥ୍ୟ ଅନୁଯାୟୀ, ମୋଟ ଆବଶ୍ୟକତାର ୨୫%ରୁ କମ୍ କୋଇଲା ରିଜର୍ଭ ଥିବା କିମ୍ବା କେବଳ ତିନି ଦିନ ପାଇଁ କୋଇଲା ମହଜୁଦ ଥିବା ବିଦ୍ୟୁତ୍ ପ୍ଲାଣ୍ଟ ସଂଖ୍ୟା ସେପ୍ଟେମ୍ବର ୯ ସୁଦ୍ଧା ୫୯ରେ ପହଞ୍ଚିଛି। ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାରର ବିଶେଷଜ୍ଞ କହିଛନ୍ତି ଯେ କୋଇଲା ମହଜୁଦ କ୍ଷମତାରେ ହ୍ରାସ ଶକ୍ତି ସୁରକ୍ଷା ପାଇଁ ଏକ ବଡ଼ ଚେତାବନୀ।

ଚଳିତବର୍ଷ ମୌସୁମୀ ଋତୁରେ କ୍ରମାଗତ ଭାବେ ବର୍ଷା ଯୋଗୁଁ ଖଣିରୁ କମ୍ କୋଇଲା ଉତ୍ତୋଳନ ହୋଇଛି। ଏଥିଯୋଗୁ ଯୋଗାଣ କମ୍ ହେଉଥିବାରୁ ତାପଜ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକରେ କୋଇଲା ଷ୍ଟକ୍ କମ୍ ହେବାରେ ଲାଗିଛି। ଫଳରେ ପ୍ଲାଣ୍ଟରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଅପରପକ୍ଷେ ପାର୍ବଣର ଆରମ୍ଭରେ ଧୀରେ ଧୀରେ ବିଦ୍ୟୁତ ଚାହିଦା ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ପାର୍ବଣ ଋତୁରେ ସାରା ଦେଶରେ ବିଦ୍ୟୁତ୍ ଯୋଗାଣ ଏବେ ବିଦ୍ୟୁତ୍ କମ୍ପାନୀଙ୍କ ଆଗରେ ବଡ଼ ଆହ୍ୱାନ ପାଲଟିଛି।

ସୂଚନାଯୋଗ୍ୟ ଯେ, ମେ' ମାସରେ ଦେଶର ସର୍ବାଧିକ ବିଦ୍ୟୁତ ଚାହିଦା ୨୭୦.୭୦ ଗିଗାୱାଟ୍ (ଜିଡବ୍ଲ୍ୟୁ)ର ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ତେବେ ଗତ କିଛି ଦିନ ଧରି ଏହା ପ୍ରାୟ ୨୬୭ ଜିଡବ୍ଲ୍ୟୁ ରହିଛି। ଚଳିତବର୍ଷ ଦେଶରେ ଦୀର୍ଘ ସମୟ ଧରି ଗ୍ରୀଷ୍ମ ପ୍ରବାହ ଏବଂ ଏଲ୍ ନିନୋର ପ୍ରଭାବ ବିଦ୍ୟୁତ ଚାହିଦା ଢ଼େର ବଢ଼ାଇଦେଇଛି। ଯଦିବା ସୌର ଶକ୍ତି ଏଥିରେ କିଛିଟା ଆଶ୍ୱସ୍ତି ପ୍ରଦାନ କରୁଛି, କିନ୍ତୁ ବ୍ୟାଟେରୀ ସଂରକ୍ଷଣର ଅଭାବ ଏବଂ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଉଥିବାରୁ ଜଳ ବିଦ୍ୟୁତ ଉପରେ ନିର୍ଭରଶୀଳତା ଏହି ଚାହିଦା ପୂରଣ କରିବାରେ ବିଫଳ। ଏପରି ସ୍ଥିତିରେ ଭାରତୀୟ ରେଳବାଇ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକୁ କୋଇଲା ପରିବହନ ପାଇଁ ବ୍ୟବହୃତ ରେକ୍/ଟ୍ରେନ୍ ସଂଖ୍ୟା ସେପ୍ଟେମ୍ବର ୩ରେ ୩୭୦ରୁ ସେପ୍ଟେମ୍ବର ୬ ରେ ୪୪୪କୁ ବୃଦ୍ଧି କରିଛି। ବିଶ୍ୱର ସର୍ବବୃହତ କୋଇଲା କମ୍ପାନୀ କୋଲ୍ ଇଣ୍ଡିଆ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ମଧ୍ୟ ସଡ଼କ ପଥ ମାଧ୍ୟମରେ କୋଇଲା ଯୋଗାଣ ବୃଦ୍ଧି କରିଛନ୍ତି, ସେମାନଙ୍କ ଖଣିରେ ପ୍ରାୟ ୭୬ ନିୟୁତ ମେଟ୍ରିକ୍ ଟନ୍ ପର୍ଯ୍ୟାପ୍ତ ଷ୍ଟକ୍ ରହିଥିବା କହିଛନ୍ତି।

ଶୁକ୍ରବାର ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପଞ୍ଜାବର ରାଜପୁରା ଥର୍ମାଲ୍ ପ୍ଲାଣ୍ଟର ୭୦୦ ▶ପୃଷ୍ଠା-୭

# ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ

## ୫ ଶ୍ରମିକ ଗୁରୁତର: ୧୫ରୁ ଊର୍ଦ୍ଧ୍ୱ ଆହତ ଆଶଙ୍କା

■ ରାଉରକେଲା, ୧୨।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅନ୍ତର୍ଗତ କମଣ୍ଡସ୍ଥିତ ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟର ଏସ୍‌ଏମ୍‌ଏସ୍-୨ ଫର୍ଣ୍ଣେସରେ ଶନିବାର ପୂର୍ବାହ୍ନରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୫ ଶ୍ରମିକ ଗୁରୁତର ହୋଇଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସୂଚନା ମିଳିଛି। ଗୁରୁତର ଆହତମାନଙ୍କୁ ଜିଲ୍ଲା ବାହାର ହସ୍ପିଟାଲକୁ ନିଆଯାଇଥିବାବେଳେ ଅନ୍ୟ ଆହତମାନଙ୍କୁ ରୁଙ୍ଗଟା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ହେଲେ ଏ ନେଇ ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ।

ସୂଚନା ମୁତାବକ, ଆଜି ସକାଳ ପ୍ରାୟ ସାଢେ ୧୦ଟାରେ ରୁଙ୍ଗଟା









ଷ୍ଟିଲ୍ ପ୍ଲାଣ୍ଟର ଷ୍ଟିଲ ମେଲ୍ଟିଂ ସପ୍-୨(ଏସ୍‌ଏମ୍‌ଏସ୍-୨)ର ଫର୍ଣ୍ଣେସରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏସ୍‌ଏମ୍‌ଏସ୍-୨ ଫର୍ଣ୍ଣେସରୁ ଉତ୍ତପ୍ତ ତରଳ ଲୁହା କଣ୍ଟେନର ସାହାଯ୍ୟରେ ଯାଉଥିବାବେଳେ ହଠାତ୍ ଉତ୍ତପ୍ତ

## ଘଟଣା ଚପାଇବାକୁ ଚାଲିଛି ଉଦ୍ୟମ

ତରଳ ଲୁହାର ଏକ ବଡ଼ ଅଂଶ ତଳେ ପଡ଼ିଯାଇଥିଲା। ଚଟାଣରେ ପାଣି ଥିବାରୁ ଏହି ଉତ୍ତପ୍ତ ଲୁହା ପାଣି ଉପରେ ଢାଳି ହୋଇଯିବାରୁ ଭୟଙ୍କର ଶବ୍ଦ ହୋଇ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ସେଠାରେ ଥିବା କାର୍ଯ୍ୟାଳୟର ଝରକା ▶ପୃଷ୍ଠା-୭

# କୋହ୍ଲାପୁରର ମହାଦେବୀ 'ମାଧୁରୀ'ର ସୁରକ୍ଷା ପାଇଁ ବନ୍ତାରା ପ୍ରତିଶ୍ରୁତିବଦ୍ଧ

■ କୋହ୍ଲାପୁର, ୧୨।୯: କୋହ୍ଲାପୁରର ମହାଦେବୀ ଭାବେ ପରିଚିତ ମାଧୁରୀ ସ୍ଥାନୀୟ ଜନସାଧାରଣଙ୍କ ଅଜସ୍ର ଭଲ ପାଇବା ସାଉଁଟିଛି। ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ୩୦ ଜୁଲାଇ ୨୦୨୫ରେ ଜାମନଗରସ୍ଥିତ ବନ୍ତାରାକୁ ଆସିଥିଲା। ଏହି ନିର୍ଦ୍ଦେଶକୁ ମାନ୍ୟବର ବମ୍ବେ ହାଇକୋର୍ଟ ଏବଂ ମାନ୍ୟବର ସୁପ୍ରିମକୋର୍ଟ ମଧ୍ୟ ବଳବତ୍ତର ରଖିଥିଲେ। ବନ୍ତାରା ତାଙ୍କ ହେପାଜତ ଚାହିଁ ନ ଥିଲା। ତାଙ୍କୁ ଗ୍ରହଣ କରି ଯତ୍ନ ନେବାର କାରଣ ଥିଲା, ତାହା କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମହାରାଷ୍ଟ୍ର ସରକାର, ଏହାର ଅଧିକାରୀ, ସମ୍ପୃକ୍ତ ପକ୍ଷ ଏବଂ ସମୁଦାୟର ସଦସ୍ୟମାନଙ୍କ ସହ ଆଲୋଚନା ପରେ, ୦୬ ଅଗଷ୍ଟ ୨୦୨୫ରେ ଏହି ଭାବନାକୁ ସମ୍ମାନ ଦିଆଯିବ ଏବଂ ସକ୍ଷମ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ବନ୍ତାରା ସ୍ପଷ୍ଟ କରିଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ସମସ୍ତ ପକ୍ଷଙ୍କୁ ସେମାନଙ୍କ ଦାବି ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ ନିକଟରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପକ୍ଷମାନଙ୍କ ଯୁକ୍ତି ଶୁଣିବା, ରିପୋର୍ଟ ମାଗିବା ଏବଂ ନନ୍ଦାନୀସ୍ଥିତ ସୁବିଧା କେନ୍ଦ୍ରର ନିରୀକ୍ଷଣ କରିବା ପରେ, ୦୯ ସେପ୍ଟେମ୍ବର ୨୦୨୬ରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ ଏକ କାରଣସମ୍ମତ ଆଦେଶ ଜାରି କରି ମାଧୁରୀଙ୍କୁ କଠୋର ସର୍ତ୍ତାବଳୀ ସହ କୋହ୍ଲାପୁର ଫେରାଇ ନେବାକୁ ଅନୁମତି ଦେଇଥିଲେ।

ଏହି ସର୍ତ୍ତାବଳୀ ମଧ୍ୟରେ ରହିଛି ଯେ, ମାଧୁରୀଙ୍କୁ କୌଣସି ଶୋଭାଯାତ୍ରା କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ନାହିଁ, ତାଙ୍କୁ ଦିନରାତି ନିରନ୍ତର ଯତ୍ନ ପ୍ରଦାନ କରାଯିବ ଏବଂ ପ୍ରତି ଦୁଇ ସପ୍ତାହରେ ଥରେ ତାଙ୍କର ଚିକିତ୍ସା ପରୀକ୍ଷା କରାଯିବ। ବନ୍ତାରା ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ କର୍ତ୍ତୃତ୍ୱକୁ ସମ୍ମାନ କରେ ଏବଂ ତାଙ୍କର ସମସ୍ତ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ। ସର୍ବଦା ପ୍ରାଣୀ ଚିକିତ୍ସା ବିଜ୍ଞାନ ଏବଂ ମାଧୁରୀର କଲ୍ୟାଣକୁ ଆଧାର କରି ନିରନ୍ତର ପ୍ରାଣୀ ଚିକିତ୍ସା ଯତ୍ନ ମାଧ୍ୟମରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ହୋଇଛି। କିନ୍ତୁ ତାଙ୍କର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ତାଙ୍କୁ ଉପଯୁକ୍ତ ଯତ୍ନ, ସହାୟକ ଚିକିତ୍ସା ବ୍ୟବସ୍ଥା ଏବଂ ନିୟମିତ ପ୍ରାଣୀ ଚିକିତ୍ସା ନିରୀକ୍ଷଣର ଆବଶ୍ୟକତା ଜାରି ରହିଛି।

ମାଧୁରୀ କୋହ୍ଲାପୁର ଫେରିଯିବା ରେ ମଧ୍ୟ ଉପଯୁକ୍ତ ରହଣି ପରିବେଶ, ପ୍ରାଣୀ ଚିକିତ୍ସା ଭିତ୍ତିଭୂମି, ଚିକିତ୍ସା ଉପକରଣ, ଔଷଧ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଉପଲବ୍ଧ ରହିବା ନିଶ୍ଚିତ କରିବାରେ ସହଯୋଗ କରି ବନ୍ତାରା ମାଧୁରୀର ସ୍ଥାନାନ୍ତରଣ ପ୍ରକ୍ରିୟାକୁ ସହଜ କରିବା ପାଇଁ ପଦକ୍ଷେପ ନେଇଛି। ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ, ବନ୍ତାରାର ପ୍ରାଣୀ ଚିକିତ୍ସକମାନେ ପ୍ରତି ଦୁଇ ସପ୍ତାହରେ





## ବର୍ଷକର ନିରନ୍ତର ଯତ୍ନ ଓ ବନ୍ତାରାର ସମର୍ପିତ ପ୍ରାଣୀ ଚିକିତ୍ସା ଦ୍ୱାରା ସୁସ୍ଥ ଓ ସୁନ୍ଦର ଜୀବନ ପାଇଛି ମାଧୁରୀ

## ମାଧୁରୀର ସର୍ବକାଳୀନ ସୁନ୍ଦର ସହାବସ୍ଥାନ ଓ ଯତ୍ନ ପାଇଁ ବନ୍ତାରା ଜାରି ରଖିବ ନିୟମିତ ନିରୀକ୍ଷଣ

ଥରେ କୋହ୍ଲାପୁର ଯାଇ ମାଧୁରୀଙ୍କ ଚିକିତ୍ସା ପରୀକ୍ଷା କରିବେ ଏବଂ ଏହାର ରିପୋର୍ଟ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ। ମାଧୁରୀ ଯେଉଁଠାରେ ରହୁ ନା କାହିଁକି, ତାଙ୍କର ନିରନ୍ତର ଯତ୍ନ ଏବଂ କଲ୍ୟାଣ ସୁନିଶ୍ଚିତ କରିବା ହିଁ ବନ୍ତାରାର ଉଦ୍ଦେଶ୍ୟ।

ମାଧୁରୀ ବର୍ତ୍ତମାନ ଯେଉଁ ନନ୍ଦାନୀସ୍ଥିତ ଏନ୍‌କ୍ଲୋଜର୍ ଏବଂ ସୁବିଧା କେନ୍ଦ୍ରକୁ ଫେରୁଛି, ସେଠାରେ ମଧ୍ୟ ବନ୍ତାରା ପକ୍ଷରୁ କାର୍ଯ୍ୟ କରାଯାଇଛି। ଉପଲବ୍ଧ ଭିତ୍ତିଭୂମି ମଧ୍ୟରେ ତାଙ୍କ ପାଇଁ ସର୍ବୋତ୍ତମ ସମ୍ଭାବ୍ୟ ବ୍ୟବସ୍ଥା କରାଯାଇଛି। ନଗର ଯୋଜନା ସମ୍ପର୍କିତ କଟକଣା ଯୋଗୁଁ ଏହି ପର୍ଯ୍ୟାୟରେ ଭିତ୍ତିଭୂମିରେ ଆହୁରି ସୁଧାର କରାଯାଇପାରି ନ ଥିଲା। ଟ୍ରଷ୍ଟର ଜମି ମଧ୍ୟଦେଇ ଏକ ରାସ୍ତା ଯାଇଥିବାରୁ ବିକାଶ ପାଇଁ ଉପଲବ୍ଧ ଜମିର ପରିମାଣ ସୀମିତ ହୋଇଛି। ମାଧୁରୀ ସେଠାରେ ସ୍ୱାଭାବିକ ହୋଇଯିବା ପରେ, ସୁବିଧା କେନ୍ଦ୍ରର ଉନ୍ନତିକରଣ ପାଇଁ ବନ୍ତାରା ମଠକୁ ଆବଶ୍ୟକ ସହଯୋଗ ଯୋଗାଇବାକୁ ସର୍ବଦା ପ୍ରସ୍ତୁତ ରହିବ।

ପ୍ରକୃତ ପ୍ରାଣୀ କଲ୍ୟାଣ ପାଇଁ ତଥ୍ୟ, ପ୍ରାଣୀ ଚିକିତ୍ସା ବିଜ୍ଞାନ, ଦାୟିତ୍ୱପୂର୍ଣ୍ଣ ଯତ୍ନ, ଆଇନସମ୍ମତ ପ୍ରକ୍ରିୟା ପ୍ରତି ସମ୍ମାନ ଏବଂ ଜୀବନର ସୁରକ୍ଷା ପାଇଁ ଚିରସ୍ଥାୟୀ ଓ ଅଟଳ ପ୍ରତିବଦ୍ଧତା ଉପରେ ବନ୍ତାରା ବିଶ୍ୱାସ କରେ।

ସୁପ୍ରିମକୋର୍ଟ, ବମ୍ବେ ହାଇକୋର୍ଟ, ଉଚ୍ଚ କ୍ଷମତା ସଂପନ୍ନ କମିଟିଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇବା ସହ ମହାରାଷ୍ଟ୍ର ଏବଂ ଗୁଜରାଟ ସରକାର ଓ ସେମାନଙ୍କର ଅଧିକାରୀମାନଙ୍କ ସହଯୋଗ ପାଇଁ ବନ୍ତାରା କୃତଜ୍ଞତା ଜ୍ଞାପନ କରିଛି। ମାଧୁରୀଙ୍କ ପ୍ରତି ଚିନ୍ତା ଓ ମମତା ପାଇଁ ମଧ୍ୟ ମଠ ଏବଂ କୋହ୍ଲାପୁରବାସୀଙ୍କ ପ୍ରତି ବନ୍ତାରା ସାଧୁବାଦ ଜଣାଇଛି। ମାଧୁରୀର ସୁସ୍ଥତାକୁ ସର୍ବପ୍ରଥମ ପ୍ରାଥମିକତା ଦେଇ ବନ୍ତାରା ତା'ର ଉତ୍ତମ ସୁସ୍ଥ ସ୍ୱାସ୍ଥ୍ୟ ଏବଂ ଦୀର୍ଘ, ସୁରକ୍ଷିତ ଓ ସୁଖମୟ ଜୀବନ କାମନା କରିଛି।

### ମାଲକାନଗିରିରେ ବର୍ଷା ବିପର୍ଯ୍ୟୟ

# ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି, ଯାତାୟତ ପ୍ରଭାବିତ

■ ଭୁବନେଶ୍ୱର,୧୨।୯(ସମିସ): ଲଘୁଚାପଜନିତ ବର୍ଷା କାରଣରୁ ମାଲକାନଗିରିରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଜିଲ୍ଲାରେ ଜନଜୀବନ ବ୍ୟାହତ ହୋଇଛି। ବିଶେଷକରି ଗତ ୨୪ ଘଣ୍ଟାରେ ଜିଲ୍ଲାରେ ପ୍ରବଳ ବର୍ଷା ରେକର୍ଡ କରାଯାଇଥିବା ବେଳେ ଅନେକ ଅଞ୍ଚଳରେ ଯାତାୟତ ଗୁରୁତର ଭାବେ ପ୍ରଭାବିତ ହୋଇଛି। କେତେକ ସ୍ଥାନରେ କଚ୍ଚା ଘର ଭାଙ୍ଗି ଯାଇଥିବା ବେଳେ ବିପନ୍ନଙ୍କ ପାଇଁ ଜିଲ୍ଲା ପ୍ରଶାସନ ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଛି। ତେବେ ରବିବାରଠାରୁ ବର୍ଷା ବ୍ୟାପକ ମାତ୍ରାରେ କମିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଥିବା ବେଳେ ସାଧାରଣରେ ଏହା ଆଶ୍ୱସ୍ତି ଆଣିଛି।

## ଆଜିଠାରୁ କମିବ ବର୍ଷା

ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ଚିତ୍ରକୋଣ୍ଡାରେ ସର୍ବାଧିକ ୧୯୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଲକାନଗିରିରେ ୧୪୨.୮ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଖଇରିପୁଟରେ ୧୪୨ ମିମି, କୋରକୁଣ୍ଡାରେ ୧୩୪ ମିମି, କାଳିମେଳା ଓ ମାଥିଲିରେ ୮୫ ମିମି ବର୍ଷା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀ ଓ ନାଳାର ଜଳସ୍ତର ବଢ଼ିବାରୁ ଅନେକ ସେତୁ ଉପରେ ପାଣି ପ୍ରବାହିତ ହେଉଛି। ମାଥିଲି ବ୍ଲକ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ପାଙ୍ଗାମ ବ୍ରିଜ୍ ଉପରେ ବନ୍ୟାପାଣି ପ୍ରବାହିତ ହେବାରୁ ମାଲକାନଗିରି-ଜୟପୁର ଯୋଗାଯୋଗ ଠପ ହୋଇପଡ଼ିଛି। ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ବହୁ ଯାତ୍ରୀବାହୀ ବସ୍, ଟ୍ରକ୍, ଚାରିଚକିଆ ଯାନ ଓ ବାଇକ୍ ଅଟକି ରହିଛି। ସେହିପରି ମେକ୍କା ପଞ୍ଚାୟତର ତାଳଗୁଡ଼ା ସମେତ ଆଖପାଖ ଅଞ୍ଚଳରେ ପାହାଡ଼ିଆ ବନ୍ୟାପାଣି ପ୍ରବାହିତ ହେଉଛି। ସାଲିମି-ଟେମୁରୁପାଲ୍ଲୀ ପଞ୍ଚାୟତ ରାସ୍ତାର ଏକ ବ୍ରିଜ୍ ଉପରେ ପାଣି ଚାଲିବାରୁ ଟେମୁରୁପାଲ୍ଲୀ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ପଞ୍ଚାୟତର ଅନେକ ଗାଁ ଜଳମଗ୍ନ ହେବା ସହ ଚାଷଜମିରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି। ପଟେରୁ ସେତୁ ଉପରେ ପ୍ରାୟ ୩ ଫୁଟ୍ ▶ପୃଷ୍ଠା-୭




ସକାଳ THE SAKALA



www.sakalaepaper.com

## କେନ୍ଦୁଝର ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୩, ୪୪୨ଟି ମକଦ୍ଦମାର ସମାଧାନ

କେନ୍ଦୁଝର, ୧୨।୯ (ସମିସ):

ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ, ବଡବିଲ, ହାଟଡିହୀ, ତେଲକୋଇ ଓ ଘଟଗାଁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟଗୁଡ଼ିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତଗୁଡ଼ିକରେ ସମୁଦାୟ ୧୩୪୪୨ଟି ମକଦ୍ଦମା ସମାଧାନ କରାଯାଇ ୯ କୋଟି ୮୩ ଲକ୍ଷ ୧୨ ହଜାର ୫୭ ଟଙ୍କା ୪୩ ପଇସା ଟଙ୍କା ଆଦାୟ ହୋଇଥିଲା। ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ସ୍ଥାୟୀ ଲୋକ ଅଦାଲତର ବିଚାରପତି ଇ. ବିଘ୍ନେଶ୍ୱର ରାଓ, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଭଗବାନ ପ୍ରଧାନ, ପରିବାର ଅଦାଲତର ବିଚାରପତି ଶ୍ୱେତା ମିଶ୍ର,



ଅତିରିକ୍ତ ଜିଲ୍ଲା ଜଜ୍ ଦିଲ୍ଲୀପ ସାହୁ, ଅତିରିକ୍ତ ଜିଲ୍ଲା ଜଜ୍ (ପୋକ୍‌ସୋ) ମୋନାଲିସା ମହାନ୍ତି, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ଉପଖଣ୍ଡୀୟ ବିଚାରପତି ସନ୍ତୋଷ ବାରିକ, କନିଷ୍ଠ ପ୍ରଥମଶ୍ରେଣୀ ବିଭାଗୀୟ ବିଚାରପତି ପ୍ରଜ୍ଞା ପରମିତା ସ୍ୱାଇଁ, ସଙ୍ଗମ ଇଶ୍ୱର, ଶ୍ରୀତା ଛୋଟରାୟ ମକଦ୍ଦମା ପରିଚାଳନା କରିଥିବାବେଳେ

**୯ କୋଟି ୮୩ ଲକ୍ଷ ୧୨ ହଜାର ୫୭ ଟଙ୍କା ୪୩ ପଇସା ଟଙ୍କା ଆଦାୟ**

ପ୍ରାଧିକରଣର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କାର୍ଯ୍ୟଭାର ସମ୍ଭାଳିଥିଲେ।

ପ୍ରାକ ବ୍ୟାଙ୍କ ମକଦ୍ଦମା ୮୫ଟି ମାମଲାର ସମାଧାନ ହୋଇ ୩୩ଲକ୍ଷ ୮୬ ହଜାର ୨୦୦ ଟଙ୍କା, ମଟର ଦୁର୍ଘଟଣା ୭୬ଟି ମାମଲା ସମାଧାନ ହୋଇ ୬କୋଟି ୬୦ଲକ୍ଷ ୮୦ ହଜାର ଟଙ୍କା, ପ୍ରାକ ଲୋକ ଉପଯୋଗୀ ସେବା ୪୧ଟି ସମାଧାନ ହୋଇ ୨ଲକ୍ଷ ୭୫ ହଜାର ୬୫୨ ଟଙ୍କା, ପ୍ରାକ ବିଏସ୍ଏନ୍ଏଲ୍ ମକଦ୍ଦମା ୧୪ଟି ମାମଲାର ସମାଧାନ ହୋଇ ୨୨ହଜାର ୪୨୭ ଟଙ୍କା, ଦେୱାନୀ ମକଦ୍ଦମା ୧୫୦ଟି ମାମଲା ସମାଧାନ ହୋଇ ୪୧ଲକ୍ଷ ୬୩ ହଜାର ୯୦ ଟଙ୍କା ୪୩ ପଇସା, ଫୌଜଦାରୀ ମକଦ୍ଦମା ୭୭ଟି ମାମଲା ସମାଧାନ ହୋଇ ୧କୋଟି ୩୧ଲକ୍ଷ ୬୬ହଜାର ୨୯୫ ଟଙ୍କା ଆଦାୟ ହୋଇଥିଲା। ସେହିପରି ପାରିବାରିକ ମାମଲା ୫୪ଟି ଫଇସଲା ହୋଇ ୧୦୦୦ ଟଙ୍କା, ଖାଉଟି ବିଭାଗୀୟ ୩ଟି ମକଦ୍ଦମା ଫଇସଲା ହୋଇ ୩୦ହଜାର ୮୫୫ ଟଙ୍କା, ରାଜସ୍ୱ ମାମଲାର ୧୨୯୪୨ଟି ସମାଧାନ ହୋଇ ୧କୋଟି ୧୧ଲକ୍ଷ ୮୬ ହଜାର ୫୩୮ ଟଙ୍କା ଆଦାୟ ହୋଇଥିଲା। କୋର୍ଟ ପରିଚାଳକ ନିର୍ମଳ କୁମାର ନାୟକ, ଆଇନସେବା ପ୍ରାଧିକରଣର ପାନେଲ ଅଧିବକ୍ତା ସୁନିଲ ମହାନ୍ତ, ରମଣୀ ରଞ୍ଜନ ସେଠୀ, ହାଡିବନ୍ଧୁ ମିଶ୍ର, ଜଗଜିତା ଦାସ, ଅର୍ଚ୍ଚନା ଦାସ, ରେଣୁଦେବୀ ସିଂ, ମୋନାଲିସା, ପ୍ରତୀକ ମିଶ୍ର, ପ୍ରେରଣା ମିଶ୍ର, ଅନିଲ ନନ୍ଦ, ରାଜେଶ ବେହେରା, ଦେବଶ୍ରିତା ସ୍ୱାଇଁ, ପ୍ରାଧିକରଣ କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ ଦାସ, ମାନସ ରଞ୍ଜନ ନାଏକ, ଶିଶିର ସାହୁ ସହଯୋଗ କରିଥିଲେ।

## ଘସିପୁରା ଅଗ୍ନିଶମ କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ



ଆନନ୍ଦପୁର, ୧୨।୯ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଅଗ୍ନିଶମ ବିଭାଗର ୨ ମହଲା ଛାତରେ ଚଢ଼ି ଫାୟାର ଫାଇଟରଙ୍କ ଆତ୍ମହତ୍ୟା ଉଦ୍ୟମ ଆନନ୍ଦପୁର ଅଞ୍ଚଳରେ ଚର୍ଚ୍ଚା ହୋଇଛି। ଫାୟାର ଅଫିସରଙ୍କ ଦ୍ୱାରା ମାନସିକ ନିର୍ଯାତନା ଅଭିଯୋଗରେ ଆତ୍ମହତ୍ୟା ଉଦ୍ୟମ କରିଥିବା ଫାୟାର ଫାଇଟର ହେମାନନ୍ଦ ଦେହୁରୀ ପ୍ରକାଶ କରିବା ଘଟଣା ସମସ୍ତଙ୍କୁ ବିଚଳିତ କରିଛି। ଛୁଟି ନଦେବା, ଛୁଟି ସାରି ଆସିବା ପରେ ଦୁର୍ବ୍ୟବହାର କରିବା ଓ କଥା କଥାରେ ଗାଳିଗୁଲଜ କରିବା ଭଳି ଘଟଣାକୁ ନେଇ ଅତିଷ୍ଠ ହେବାରୁ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି ଫାୟରା ଫାଇଟର ଶ୍ରୀ ଦେହୁରୀ। ତେବେ ବୁଝାସୁଝା କରାଇ ସହକର୍ମୀମାନ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଏଣେ ଫାୟାର ଅଫିସରଙ୍କୁ ପଚାରିବାରୁ କର୍ମଚାରୀ ଜଣଙ୍କ ଛୁଟିରୁ ଫେରି ଗତକାଲି ଡିଉଟିରେ ଯୋଗ ଦେଇଥିଲେ। ହେଲେ ସେ ରାତି ୯ଟାରେ ଆସିଥିଲେ। ରାତି ୧ଟା ସମୟରେ ଅଫିସରଙ୍କୁ ଆସିଥିବାର ସୂଚନା ଦେଇଥିଲେ। ମାନସିକ ନିର୍ଯାତନା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।

## ପାଦରେ ଚାଲିଚାଲି ଜ୍ୟୋତିର୍ଲିଙ୍ଗ ଯାତ୍ରା



ଆନନ୍ଦପୁର, ୧୨।୯ (ସମିସ): ପାଦରେ ଚାଲିଚାଲି ଜ୍ୟୋତିର୍ଲିଙ୍ଗ ଯାତ୍ରାରେ ବାହାରିଛନ୍ତି ଝାଡ଼ଖଣ୍ଡ ଚକ୍ରଧରପୁରର ଦୀପକ କୁମାର ମହାତୋ। ଗତ ୨୯ ତାରିଖରେ ସେ ଘରୁ ହାତାରେ ଜାତୀୟ ପତାକା ଧରି ବାହାରିଛନ୍ତି। ଗତକାଲି ଘସିପୁରା ଓ ଶୈଳଙ୍ଗରେ ପହଞ୍ଚିବା ପରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହିତ ଯାତ୍ରା ପାଇଁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଘସିପୁରା ବଜାରରେ ନଗର ଯୁବମୋର୍ଚ୍ଚା ସଭାପତି ଧବଳଲେଶ୍ୱର ସାହୁ, ବରିଷ୍ଠ ସାମ୍ବାଦିକ ସୁବାସଚନ୍ଦ୍ର ମହାପାତ୍ର ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି ଶୈଳଙ୍ଗ ବଜାରରେ ସ୍ୱେଚ୍ଛାସେବୀ ଲିପୁ ମିଶ୍ର ତାଙ୍କୁ ଯାତ୍ରାର ଭଲମନ୍ଦ ବୁଝିବା ସହିତ ସହଯୋଗ କରିଥିଲେ। ସେ ପ୍ରଥମେ ପୁରୀଧାମରେ ଜଗନ୍ନାଥଙ୍କ ଦର୍ଶନ ପରେ ଜ୍ୟୋତିର୍ଲିଙ୍ଗ ଯାତ୍ରାରେ ବାହାରିବେ ବୋଲି ପ୍ରକାଶ କରିଛନ୍ତି।

## ରାଜ୍ୟ ମାନବାଧିକାର ଆୟୋଗ ସଦସ୍ୟଙ୍କ କାରାଗାର ପରିଦର୍ଶନ



କେନ୍ଦୁଝର, ୧୨।୯ (ସମିସ): କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ମାନବାଧିକାର ଆୟୋଗ ସଦସ୍ୟ ବିରଜା ଶଙ୍କର ମିଶ୍ର ଶନିବାର କେନ୍ଦୁଝର ଜିଲ୍ଲା ମୁଖ୍ୟ କାରାଗାରର ପରିଦର୍ଶନ କରିଛନ୍ତି। ସେଠାରେ ଜିଲ୍ଲା କାରାଗାରର ଜେଲ୍ ଅଧୀକ୍ଷକ ତାଙ୍କୁ ସ୍ୱାଗତ କରିବା ସହ ଜେଲ ପରିଦର୍ଶନ କରାଇଥିଲେ। ଆୟୋଗ ସଦସ୍ୟ ଜେଲ ମଧ୍ୟରେ ଥିବା ଅନ୍ତେବାସୀଙ୍କ ସହିତ ବିଭିନ୍ନ ଆଲୋଚନା କରିଥିଲେ। ଆଗାମୀ ଦିନରେ ଜେଲ ଭିତରେ ଅନ୍ତେବାସୀଙ୍କ ସମସ୍ତ ସୁବିଧା ସୁଯୋଗ କିପରି ଯୋଗାଇ ଦିଆଯିବ ସେନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି ଏହି ଅବସରରେ ସେ ପ୍ରକାଶ କରିଛନ୍ତି। ପ୍ରକାଶ ଯେ ଆସନ୍ତା ସୋମବାର ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କାର୍ଯ୍ୟକ୍ରମ ଥିବା ବେଳେ ୧୭ ତାରିଖ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି।

## ଝାଡ଼େଶ୍ୱର ହାଇସ୍କୁଲରେ ବିଜ୍ଞାନ ସେମିନାର




ଆନନ୍ଦପୁର, ୧୨।୯ (ସମିସ): ପିଏମଶ୍ରୀ ଝାଡ଼େଶ୍ୱର ସରକାରୀ ହାଇସ୍କୁଲ ଘସିପୁରାଠାରେ ବ୍ଲକସ୍ତରୀୟ ବିଜ୍ଞାନସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଘସିପୁରା ବ୍ଲକ ଶିକ୍ଷାଧିକାରୀ ସଦ୍ୟସ୍ନାନ ପଣ୍ଡା ମୁଖ୍ୟଅତିଥି ଭାବେ ସେମିନାରକୁ ଉଦଘାଟନ କରିଥିଲେ। ଘସିପୁରା ବ୍ଲକର ୩୨ଟି ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ବିଜ୍ଞାନ ପ୍ରକଳ୍ପ ନେଇ ସେମିନାରରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଡ. ଆଲୋକ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜ୍ଞାନ ଶିକ୍ଷକ ଜୟଦେବ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଡ଼.ଉତ୍ତମ କୁମାର ପାଣିଗ୍ରାହୀ ଓ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଚିନ୍ତାମଣି ବେହେରା ବିଚାରକ ଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ଲକ ବିଜ୍ଞାନ ସଂଯୋଜକ ତଥା ଅଲତି ହାଇସ୍କୁଲର ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସେମିନାରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ୩୨ଟି ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଶିକ୍ଷୟିତ୍ରୀ ଗାଇଡ ଦାୟିତ୍ୱ ସମ୍ପାଦନ କରିଥିଲେ। ପ୍ରତିଯୋଗିତାର ଫଳାଫଳ ଅନୁସାରେ ଡିଏନ ହାଇସ୍କୁଲର ଛାତ୍ର ମାନସ ଜେନା ପ୍ରଥମ, ପଞ୍ଚାୟତ ହାଇସ୍କୁଲର ଛାତ୍ର ପରମେଶ୍ୱର ଦ୍ୱିତୀୟ ଓ ନେହରୁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କ୍ଷୀରାବ୍ଧୀ ନନ୍ଦିନୀ ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## ଟ୍ରେନ ଲାଇନରେ ଯୁବକଙ୍କ ଆତ୍ମହତ୍ୟା

କେନ୍ଦୁଝର, ୧୨।୯ (ସମିସ): କେନ୍ଦୁଝରଗଡ଼ ରେଲୱେ ଷ୍ଟେସନ ଗୁମୁରା ନିକଟରେ ଟ୍ରେନ ଲାଇନରେ ବେକ ରଖି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ଆତ୍ମହତ୍ୟା କରିଥିବା ଯୁବକ ଜଣକ ପୁରୀ ଜିଲ୍ଲାର ରାଜୁ ନାୟକ ବୋଲି ଜଣାପଡିଛି। ସେ ରେଲୱେ ମେଡିକାଲରେ ଆଟେଣ୍ଡାଣ୍ଟ ଭାବେ ଚାକିରି କରୁଥିଲେ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବାବେଳେ ଘଟଣାସ୍ଥଳରେ ରେଲୱେ ପୁଲିସ ତଦନ୍ତ କରିଛି। ଶନିବାର ପୁରୀ ଆନନ୍ଦ ବିହାର ଟ୍ରେନ କେନ୍ଦୁଝର ଷ୍ଟେସନ୍ ଦେଇ ଯାଇଥିବା ବେଳେ ସେ ଏହି ଘଟଣା ଘଟାଇଥିଲେ ବୋଲି ରେଲୱେ ପୁଲିସ ପକ୍ଷରୁ ଜଣାପଡ଼ିଛି।

## ଦୂରଦର୍ଶନ ପ୍ରଶ୍ନମଞ୍ଚରେ ଗୁରୁ ଦମ୍ପତି ବିଜୟୀ

ଆନନ୍ଦପୁର, ୧୨।୯ (ସମିସ): ବୀଣାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ଗୁରୁ ଜିତୁଦାଶ ଓ ତାଙ୍କର ପତ୍ନୀ ନମିତା ମିଶ୍ର



ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ଜଣା।ଅଜଣା। ପ୍ରଶ୍ନ ମଞ୍ଚରେ ସମସ୍ତଙ୍କୁ ପଛରେ ପକାଇ ବିଜୟୀ ହୋଇଛନ୍ତି। ନମିତା ସରସ୍ୱତୀ ବିଦ୍ୟାମନ୍ଦିରର ଜଣେ ଗୁରୁମା ଅଟନ୍ତି। ଉଭୟ ଗୁରୁ ଓ ଗୁରୁମା ଏହି ପ୍ରତିଯୋଗିତାରେ ବାଜି ମାରି ନେଇଥିଲେ। ଆମ ପୋଥି ଓ ଆମ ପୁରାଣ ଉପରେ ଆଧାରିତ ସମସ୍ତ ପ୍ରଶ୍ନକୁ ସାମ୍ନା କରି ଶ୍ରେଷ୍ଠ ଦମ୍ପତି ରୂପେ ମଞ୍ଚରେ ବିଜୟୀ ବିବେଚିତ ହୋଇଥିଲେ। ନୃତ୍ୟଗୁରୁ ଦାଶ କେବଳ ନାଚ ନୁହଁ ପାଠପଢ଼ାରେ ବେଶ ଦକ୍ଷତା ଅର୍ଜନ କରିଛନ୍ତି ବୋଲି କହିଛନ୍ତି। ଦୂରଦର୍ଶନ ମଞ୍ଚରେ ଶିକ୍ଷକ ବିକ୍ରମ କେଶରୀ ଜେନା ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଦୂରଦର୍ଶନରେ ଆସନ୍ତା ଶନିବାର ସକାଳ ୬ଟା ୩୦ମିନଟରେ ଡ଼ିଡ଼ି ସିକ୍ସ ଓଡ଼ିଆରେ ଦେଖିବାକୁ ପାଇବେ।

**● ଆମ୍ବୁଲାନ୍ସ ଓ ସ୍କୁଲ ବସ୍ ଚଳାଚଳରେ ବାଧା ଘଟଣାରେ ଅଭିଯୋଗପତ୍ର**

## ଖଣିଜ ପରିବହନ ଯୋଗୁଁ ରାସ୍ତା ଜାମ୍ ସମସ୍ୟା ସମାଧାନ ଦାବି

ଯୋଡ଼ା, ୧୨।୯ (ସମିସ): ବାମେବାରୀ-କାଳିମାଟିରୁ ପଳାସପଙ୍ଗା ଏବଂ କାଳିମାଟିରୁ ଦୁବୁନା ରାସ୍ତାରେ ଅହରହ ଦିନରାତି ଖଣିଜ



ପରିବହନ କରୁଥିବା ଭାରୀ ଯାନବାହନ ଯୋଗୁଁ ରାସ୍ତା ଜାମ୍ ଓ ସାଧାରଣ ଯାତାୟାତରେ ବାଧା ସୃଷ୍ଟି ହେଉଥିବା ନେଇ ଏଏମ/ଏନଏସ ଦୁବୁନା ପ୍ଲାଣ୍ଟ ମୁଖ୍ୟଙ୍କ ନିକଟରେ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଲିଖିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ ଖଣିଜ ପରିବହନ କରୁଥିବା ଗାଡ଼ିଗୁଡ଼ିକ ରାସ୍ତାରେ ଅନିୟମିତ ଭାବେ ଚଳାଚଳ କିମ୍ବା ଅଟକି ରହିବା ଫଳରେ ଯାତାୟାତ ପ୍ରଭାବିତ ହେଉଛି। ବିଶେଷକରି ସ୍କୁଲ ବସ୍, ଆମ୍ବୁଲାନ୍ସ ଓ ଅନ୍ୟ ଜରୁରିକାଳୀନ ଯାନବାହନ ଚଳାଚଳରେ ସମସ୍ୟା ଉପୁଜୁଥିବା ଅଭିଯୋଗ ରହିଛି। ଜାମ୍ ଯୋଗୁଁ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ବିଳମ୍ବିତ ହୋଇ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ସେହିପରି ସ୍କୁଲ ବସ୍ ଓ ସାଧାରଣ ଯାତ୍ରୀବାହୀ ଯାନ ମଧ୍ୟ ଜାମ୍‌ରେ ଫସି ରହୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚିଠିରେ ଖଣି ଅଞ୍ଚଳରେ ବସବାସ କରୁଥିବା ପ୍ରଭାବିତ ଲୋକଙ୍କ ସୁରକ୍ଷିତ ଓ ସ୍ୱାଭାବିକ ଯାତାୟାତର ଅଧିକାରକୁ ଗୁରୁତ୍ୱ ଦେଇ ଖଣିଜ ପରିବହନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ନିଜର ପାର୍କିଙ୍ଗ ବ୍ୟବସ୍ଥା କରିବା, ରାସ୍ତା ଜାମ୍ ନିୟନ୍ତ୍ରଣ କରିବା ଏବଂ ଆମ୍ବୁଲାନ୍ସ ଓ ସ୍କୁଲ ବସ୍ ପାଇଁ ନିରବିଚ୍ଛିନ୍ନ ରାସ୍ତା ସୁନିଶ୍ଚିତ କରିବାକୁ ଦାବି କରାଯାଇଛି। ଏହି ଅଭିଯୋଗ ଉପରେ ଏଏମ/ଏନଏସ ପକ୍ଷରୁ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ଏବେ ସ୍ଥାନୀୟ ଲୋକଙ୍କ ନଜର ରହିଥିବା ବେଳେ ପ୍ରତିକାରର ରାସ୍ତା ନ ବାହାରିଲେ ଆଗକୁ ଆଇନକୁ ହାତକୁ ନେବାକୁ ଗ୍ରାମବାସୀ ପଛଘୁଞ୍ଚା ଦେବେ ନାହିଁ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ ସଚେତନତା ରଥ



ତେଲକୋଇ, ୧୨।୯ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ନବଭାରତ ସାକ୍ଷରତା ଅଭିଯାନ ଅନ୍ତର୍ଗତ ସାକ୍ଷରତା ସଚେତନତା ରଥ ସମଗ୍ର ତେଲକୋଇ ବ୍ଲକରେ ବିଭିନ୍ନ ଗ୍ରାମକୁ ଯାଇ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପ୍ରଚାର କରିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଅଣସାକ୍ଷରତା ବ୍ୟକ୍ତିବିଶେଷଙ୍କୁ ସାକ୍ଷର କରିବାର ଏକ ପ୍ରୟାସ ମାତ୍ର। ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ନବଭାରତ ସାକ୍ଷରତା ଅଭିଯାନରେ ତେଲକୋଇ ବ୍ଲକର ନୋଡାଲ ଅଧିକାରୀ ଯୋଗେଶ୍ୱର ବେହେରା, ତେଲକୋଇ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ନାଏକ, ବ୍ଲକର ନୋଡାଲ କ୍ଲଷ୍ଟର ସଂଯୋଜକ ଟୁନା ଅମାନ୍ତ ଓ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସହାୟକ ଗଙ୍ଗାଧର ସାହୁ ପ୍ରମୁଖ ସାମିଲ ହୋଇ ଏହି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ତେଲକୋଇ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଦଧିବାମନଜୀଉଙ୍କୁ ଲାଗିହେଲା ସପ୍ତପୁରୀ କାକରା



ଆନନ୍ଦପୁର, ୧୨।୯ (ସମିସ): ପବିତ୍ର ସପ୍ତପୁରୀ ଅମାବାସ୍ୟା ଅବସରରେ ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀଦଧିବାମନଜୀଉଙ୍କ ନିକଟରେ ଆଜି ସପ୍ତପୁରୀ କାକରା ଭୋଗ ଲାଗିଛି। ପରମ୍ପରା ଅନୁସାରେ ପ୍ରତିବର୍ଷ ଏହି ଅମାବାସ୍ୟାରେ ସପ୍ତପୁରୀ କାକରା ଭୋଗ ଲାଗି ଆସୁଛି। ଆଜି ଅପରାହ୍ନଠାରୁ ଏହି ଭୋଗ ଲାଗିଥିବା ବେଳେ ଭକ୍ତମାନଙ୍କ ବିଶେଷ ଭିଡ଼ ପରିଲକ୍ଷିତ ହୋଇଥିଲା। ଅସ୍ଥାୟୀ କାକରା ଦୋକାନରୁ ଶ୍ରଦ୍ଧାଳୁମାନେ କାକରା କିଣି ଭୋଗ ଲଗାଇଥିଲେ। ସାରା ରାଜ୍ୟରେ ଆନନ୍ଦପୁରର କାକରା ପିଠାର ପ୍ରସିଦ୍ଧି ରହିଛି। ଅମାବାସ୍ୟା ଦିନ ଅଟା ଓ ସାତ ପ୍ରକାର ପୁରରେ ତିଆରି ହୋଇଥିବା ଏହି ସ୍ୱତନ୍ତ୍ର କାକରା ୫, ୧୦ ଓ ୨୦ ଟଙ୍କାରେ ଉପଲବ୍ଧ ହୋଇଥିଲା। ସ୍ଥାନୀୟ ବ୍ୟବସାୟୀ କୁଲୁ ସାହୁ, କାହ୍ନୁ ସାହୁ, ସିଲୁ ସାହୁ, ବଳରାମ ସାହୁ, ରବି ସାହୁ ପ୍ରମୁଖ ମନ୍ଦିର ସମ୍ମୁଖରେ କାକରା ବିକ୍ରି କରିଥିଲେ। ସବୁଦିନଠାରୁ ସପ୍ତପୁରୀ ଅମାବାସ୍ୟା ଦିନ ଦଧିବାମନଜୀଉଙ୍କ ନିକଟରେ ଲାଗି ହୋଇଥିବା କାକରାର ସ୍ୱାଦ ନିଆରା ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ ସାହୁ କହିଛନ୍ତି। ପୁରୀ ଶ୍ରୀ ମନ୍ଦିରର ପରମ୍ପରା ଅନୁସାରେ ଏଠାରେ ବହୁ ପ୍ରାଚୀନ କାଳରୁ ସପ୍ତପୁରୀ କାକରା ଭୋଗ ଲାଗି ଆସୁଛି। ଏହିଦିନ ଆନନ୍ଦପୁରରେ ପରିବାରର ମହିଳାମାନେ ନିଜର ମାନସିକ ପୂରଣ ପାଇଁ ସାତ ପ୍ରକାର ଶାଗ ଖାଇବାର ମଧ୍ୟ ପରମ୍ପରା ରହିଛି। ଆଜିର କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳକ ସୁରେନ୍ଦ୍ର ମିଶ୍ର ଓ ପୂଜକମାନେ ଉପସ୍ଥିତ ଥିଲେ।

## ମାଟି କାନ୍ଥ ଭୁଶୁଡ଼ି ବୃଦ୍ଧ ଗୁରୁତର

ତୁରୁମୁଙ୍ଗା, ୧୨।୯ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ କରଞ୍ଜିଆପଡ଼ା ଗ୍ରାମରେ ଶନିବାର ଅପରାହ୍ନ ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ବୃଦ୍ଧ ଜଣକ ହେଲେ ବୈରାଗୀ ପାଇଦା(୭୦)। ବୈରାଗୀ ଘର ସମ୍ମୁଖରେ ଛିଡ଼ା ହୋଇଥିବା ସମୟରେ ଲଗାଣ ବର୍ଷା ରେ ଦୁର୍ବଳ ହୋଇ ପଡିଥିବା ଘରର ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା।



ଫଳରେ ସେ କାନ୍ଥ ତଳେ ଚାପି ହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ଓ ସ୍ଥାନୀୟଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ପାଟଣା ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

# ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ତ୍ରିପାକ୍ଷିକ ସୁରକ୍ଷା ସମୀକ୍ଷା




ଯୋଡ଼ା, ୧୨।୯ (ସମିସ):

ଜେଏସଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ଭୁବନେଶ୍ୱରରେ ତ୍ରିପାକ୍ଷିକ ସୁରକ୍ଷା ସମୀକ୍ଷା ବୈଠକ ୨୦୨୬ ଆୟୋଜନ କରିଛି; ଯାହା ନିରାପଦ, ସ୍ଥାୟୀ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ଖଣି କାର୍ଯ୍ୟ ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟର ବରିଷ୍ଠ ପରିଚାଳନା ଅଧିକାରୀ, କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଉପସ୍ଥିତ ଥିଲେ। ଏକ ନିରାପଦ କର୍ମକ୍ଷେତ୍ର ସୃଷ୍ଟି କରିବା ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଏକ ନିରାପଦ ସଂକ୍ଷିପ୍ତ ବିବରଣୀ, ଜାତୀୟ ଗୀତ, ଏବଂ ସୁରକ୍ଷା ଶପଥ କରାଯାଇଥିଲା। ଏହି ଅବସରରେ ଜେଏସଡବ୍ଲୁ ଷ୍ଟିଲ୍, ଖଣି ବିଭାଗର ସୌଭିକ୍ ମଜୁମଦାର ଖଣି କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ଉପରେ କମ୍ପାନୀର ଧ୍ୟାନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, "ଆମେ ଏବେ ୯%ରେ ଅଛୁ ଏବଂ ଏହାକୁ ୩୦%କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ'। ସେ ଆହୁରି ଗୁରୁତ୍ୱାରୋପ କଲେ ଯେ ଜେଏସଡବ୍ଲୁ ସୁରକ୍ଷାକୁ ପଦାନୁକ୍ରମ ଉପରେ ରଖେ ଏବଂ ଉଲ୍ଲେଖ କଲେ ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ବିଭାଗ କୌଣସି ମାରାତ୍ମକ କିମ୍ବା ବଡ଼ ଦୁର୍ଘଟଣା ରେକର୍ଡ କରିନାହିଁ। ସେ ସୁରକ୍ଷା ଅଭ୍ୟାସକୁ ନିରନ୍ତର ସୁଦୃଢ଼ କରିବା ଦିଗରେ ଅଧିକାରୀ ଏବଂ କର୍ମଚାରୀଙ୍କ ପରାମର୍ଶକୁ ଅନ୍ତର୍ଭୁକ୍ତ କରିବାର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କଲେ। ସମାବେଶକୁ ସ୍ୱାଗତ କରି, ଜେଏସଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ସୁରକ୍ଷା ଉତ୍କର୍ଷତା ଏବଂ କର୍ମଚାରୀ କଲ୍ୟାଣ ଉପରେ ବିଭାଗର ନିରନ୍ତର ଧ୍ୟାନ ଉପରେ ଆଲୋକପାତ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ବିଭାଗ ଶୂନ୍ୟ ମୃତ୍ୟୁ ବଜାୟ ରଖିଛି। ରାମଶଙ୍କର ଶର୍ମା, ମୁଖ୍ୟ, ଅପରେସନ୍ସ ଏବଂ ପ୍ରୋଜେକ୍ଟ, ଖଣି କାର୍ଯ୍ୟ ଏବଂ ସୁରକ୍ଷା ଅଭ୍ୟାସର ପ୍ରମୁଖ ମୁଖ୍ୟ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଉପମହାନିର୍ଦ୍ଦେଶକ ଶ୍ୟାମ ସୁନ୍ଦର ପ୍ରସାଦ ଜରୁରିକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ କର୍ମଚାରୀମାନଙ୍କୁ ନିୟମିତ ତାଲିମ ଏବଂ ପୁନଃପ୍ରଶିକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଖଣି କାର୍ଯ୍ୟରେ ମହିଳାମାନଙ୍କର ଅଧିକ ଅଂଶଗ୍ରହଣ ପାଇଁ ମଧ୍ୟ ଆହ୍ୱାନ କରିଥିଲେ। ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବରେ କର୍ମକ୍ଷେତ୍ରରେ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ତ୍ରିପକ୍ଷୀୟ ସୁରକ୍ଷା ବୈଠକ ୨୦୨୫ର କାର୍ଯ୍ୟ ବିନ୍ଦୁ, ଦ୍ୱାଦଶ ଜାତୀୟ ସୁରକ୍ଷା ସମ୍ମିଳନୀର ସୁପାରିସ ଉପରେ ଅଗ୍ରଗତି ଏବଂ ଭୂମିସ୍ତରୀୟ ସୁରକ୍ଷା ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ ଶ୍ରମିକମାନଙ୍କଠାରୁ ମୂଲ୍ୟବାନ ପରାମର୍ଶ ମଧ୍ୟ ସମୀକ୍ଷା କରାଯାଇଥିଲା।

## କରଞ୍ଜିଆ ପଞ୍ଚାୟତ ସମିତିର ଦଶମ ସାଧାରଣ ଅଧିବେଶନ



କରଞ୍ଜିଆ, ୧୨।୯ (ସମିସ): କରଞ୍ଜିଆ ପଞ୍ଚାୟତ ସମିତିର ଦଶମ ସାଧାରଣ ଅଧିବେଶନ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପାଧ୍ୟକ୍ଷ ଛତିଶ ମହାନ୍ତ, ବିଡିଓ ପ୍ରଦ୍ୟୁମ୍ନ ନାୟକ, ସହକାରୀ ଯନ୍ତ୍ରୀ ଲୋକନାଥ ନାୟକ ଓ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦଳୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଜିପିଡିଓ ଅନ୍ତର୍ଯାମୀ ସେଠୀ ଗତ ଅଧିବେଶନର ବିବରଣୀ ପାଠ କରିଥିଲେ। ବୈଠକରେ ଉପସ୍ଥିତ ସରପଞ୍ଚ ଓ ସମିତି ସଭ୍ୟ ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଅଙ୍ଗନବାଡ଼ି କେନ୍ଦ୍ରର ଦୁରବସ୍ଥା ଓ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ନେଇ ସରପଞ୍ଚମାନେ ପ୍ରଶ୍ନ ଉଠାଇଥିଲେ। ଏଥିସହ ସ୍ୱାସ୍ଥ୍ୟ, ପାନୀୟଜଳ, ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ଶିକ୍ଷା, କୃଷି ଯୋଜନା ଓ ମନରେଗା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ବ୍ଲକ ଅଧୀନସ୍ଥ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ଯୋଗଦେଇ ନିଜ ବିଭାଗରେ ଚାଲୁଥିବା ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଭାକୁ ଅବଗତ କରାଇଥିଲେ। ଜିପିଡିଓ ଅନ୍ତର୍ଯାମୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ



ବେତନଟୀ, ୧୨।୯ (ସମିସ): ସ୍ଥାନୀୟ ବନ୍ଧନ କଲ୍ୟାଣ ମଣ୍ଡପରେ ବେତନଟୀ ପୁଲିସ କର୍ତ୍ତୃପକ୍ଷଙ୍କ ଦ୍ୱାରା ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କରାଯାଇଛି। ବେତନଟୀ ସିଭିଲ ସୋସାଇଟିର ତୃତୀୟ ଥର ପାଇଁ ୧୮ ଜଣ ବରିଷ୍ଠ ନାଗରିକଙ୍କୁ ଏହି ପରିଚୟ ପତ୍ର ଥାନା ଭାରପ୍ରାପ୍ତ ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ ବଣ୍ଟନ କରିଥିଲେ। ରୋଟାରୀ କ୍ଲବ୍ ବେତନଟୀ ପରିଚାଳନାରେ ଅନୁଷ୍ଠିତ ସଭାକୁ ରୋଟାରିଆନ ଉପସଭାପତି ରବୀନ୍ଦ୍ର ନାଥ ମିଶ୍ର ପରିଚାଳନା କରିଥିଲେ। ସଭାରେ ବେତନଟୀ ରୋଟାରୀ କ୍ଲବ୍ ସଭାପତି ଶ୍ୟାମପ୍ରସାଦ ମଙ୍ଗୁଲିଆ ସଭାପତିତ୍ୱ ଓ ସଂପାଦକ ଆଇନଜୀବୀ ସଂଜୟ କୁମାର ଭୂୟାଁ ମଞ୍ଚାସୀନ ଥାଇ ରୋଟାରୀ କ୍ଲବ୍ କାର୍ଯ୍ୟ ସମ୍ବନ୍ଧରେ ଓ ସିଭିଲ ସୋସାଇଟିର ସଭାପତି ହରିଶଚନ୍ଦ୍ର ନନ୍ଦଗୋସ୍ୱାମୀ ଓ ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ସିଭିଲ ସୋସାଇଟିର କାର୍ଯ୍ୟ ଓ ପରିଚୟପତ୍ରର ଉପକାରିତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଥାନା ଅଧିକାରୀ ପିଙ୍ଗୁଆ ବାବୁ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଓ ଆବଶ୍ୟକ ମତେ ପୁଲିସ ସେମାନଙ୍କ ସୁରକ୍ଷା ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ। ରୋଟାରୀ କ୍ଲବ୍ ପକ୍ଷରୁ ସହକାରୀ ଗଭର୍ଣ୍ଣର ଶଶଧର ପଣ୍ଡା, ପୂର୍ବତନ ସଭାପତି ବସନ୍ତ ମହାନ୍ତ, ଅଜିତ ମିଶ୍ର ଓ ସତୀଶ ସାହୁ, ସିଭିଲ ସୋସାଇଟିର ଉପସଭାପତି ଅରୁଣ କୁମାର ପାତ୍ର ପ୍ରମୁଖ ବେତନଟୀ ଉନ୍ନତିରେ ସିଭିଲ ସୋସାଇଟିର ଭୂମିକା ସହ ରୋଟାରୀ କ୍ଲବର ଜନହିତକର କାର୍ଯ୍ୟର ସୂଚନା ପ୍ରଦାନ କରିଥିଲେ। ରୋଟାରୀ କ୍ଲବର ପୂର୍ବତନ ସଭାପତି ଭଗୀରଥ ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ସାହି ବଜାରରେ ଗୁଟଖା ଓ ତମ୍ବାଖୁ ଦୋକାନରେ ଚଢ଼ଉ

- ୫ଟି ଦୋକାନରୁ ଜରିମାନା ଆଦାୟ

ବଡ଼ସାହି,୧୨।୯ (ସମିସ): ବଡ଼ସାହି ବଜାର ଅଞ୍ଚଳର ଶିକ୍ଷାନୁଷ୍ଠାନ ନିକଟରେ ଗୁଟଖା ଓ ତମ୍ବାଖୁଜାତ ସାମଗ୍ରୀ ବିକ୍ରୟ ଉପରେ ମିଳିତ ଚଢ଼ଉ କରାଯାଇଛି। ପୁଲିସ, ଅବକାରୀ ଓ ଡ୍ରଗ୍ସ ବିଭାଗ ଅଧିକାରୀ ମିଳିତ ଭାବେ ବଜାର ଓ ଏହା ଆଖପାଖ ଅଞ୍ଚଳରେ ଥିବା ଦୋକାନ ଯାଞ୍ଚ କରିଥିଲେ। ଶିକ୍ଷାନୁଷ୍ଠାନ ନିକଟରେ ଗୁଟଖା, ତମ୍ବାଖୁ, ବିଡ଼ି, ସିଗାରେଟ ଆଦି ତମ୍ବାଖୁଜାତ ସାମଗ୍ରୀ ବିକ୍ରୟ ଉପରେ ଆଇନଗତ କଟକଣା ରହିଛି। ଏହାସତ୍ତ୍ୱେ ବଡ଼ସାହି ବଜାର ଓ ଏହା ଆଖପାଖ ଅଞ୍ଚଳର କେତେକ ଦୋକାନରେ ଖୁଲମଖୁଲା ଭାବେ ଗୁଟଖା, ସିଗାରେଟ, ବିଡ଼ି ଓ ତମ୍ବାଖୁଜାତ ସାମଗ୍ରୀ ବିକ୍ରୟ ହେଉଥିବା ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଆଧାରରେ ୫ଟି ଦୋକାନରେ ଚଢ଼ଉ କରାଯାଇଥିଲା। ନିୟମ ଉଲ୍ଲଂଘନ କରିଥିବା ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ଏହି ଚଢ଼ଉରେ ବଡ଼ସାହି ପୁଲିସ, ବେତନଟୀ ଅବକାରୀ ଥାନା ଅଧିକାରୀ, ଡ୍ରଗ୍ସ ବିଭାଗ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ସାମିଲ ଥିଲେ। ଶିକ୍ଷାନୁଷ୍ଠାନ ନିକଟରେ ତମ୍ବାଖୁଜାତ ସାମଗ୍ରୀ ବିକ୍ରୟ ଉପରେ ଆଗାମୀ ଦିନରେ ମଧ୍ୟ କଡ଼ା ନଜର ରଖାଯିବ ବୋଲି ଜଣାପଡ଼ିଛି।

## ବର୍ଜୁସାହି ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ




ଖୁଣ୍ଟ, ୧୨।୯ (ସମିସ): ଶୁକ୍ଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବର୍ଜୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତେରଣ୍ଟି କ୍ଲଷ୍ଟର ସିଆରସିସି ଅଗସ୍ତି ଗିରିଙ୍କ ପୌରୋହିତ୍ୟରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶିକ୍ଷକ ଦିବ୍ୟଲୋଚନ ସାହୁ ଦ୍ୱିତୀୟ ଶ୍ରେଣୀର 'ଝୁଲଣା' ପୁସ୍ତକର ପାଠ୍ୟକ୍ରମରେ ଥିବା "ବାଘ ମାମୁଙ୍କୁ ଜ୍ୱର ହେଉଛି' ବିଷୟଟି ଶିକ୍ଷଣ କାର୍ଯ୍ୟ କରିଥିବାବେଳେ ଶିକ୍ଷକ ରାହୁଲ ବେହେରା 'ଶିଶୁ-କେନ୍ଦ୍ରିକ ଶିକ୍ଷାଦାନ ପଦ୍ଧତି'ରେ ଗଣିତ ଶିକ୍ଷଣ ପ୍ରଦାନ କରିଥିଲେ। ଏ ଅବସରରେ ହରପ୍ରିୟା ପାତ୍ର, ସୁସ୍ମିତା ସାହୁ, ପ୍ରତିଭା ବେହେରା, ପ୍ରତିଭା ସେଠୀ, ଇନ୍ଦ୍ରମଣି ବାରିକ, ରାମଚନ୍ଦ୍ର ପାତ୍ର, ଅଭୟ ନାୟକ, ଅରବିନ୍ଦ ସ୍ୱାଇଁ, ମଧୁସୂଦନ ବେହେରା ଓ ବନବିହାରୀ ପରମାଣିକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଉକ୍ତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଆଲୋଚ୍ୟ ବିଷୟରେ ଅଂଶଗ୍ରହଣ କରି ନିଜର ମତ ଓ ଅନୁଭୂତି ପ୍ରକାଶ କରିଥିଲେ।

### ସୌନ୍ଦର୍ଯ୍ୟକରଣ ନାଁରେ ବନ୍ଧ ସଙ୍କୁଚିତ

# ଭୁଶୁଡ଼ିବ ଷ୍ଟେସନ ବନ୍ଧ, ସହରବାସୀ ଆତଙ୍କିତ

ବାରିପଦା,୧୨।୯ (ସମିସ):



ବାରିପଦା ଷ୍ଟେସନ ବନ୍ଧର ସୌନ୍ଦର୍ଯ୍ୟକରଣ ଏବେ ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି। ସୌନ୍ଦର୍ଯ୍ୟକରଣ ପରେ ପୋଖରୀର ଜଳ ନିଷ୍କାସନ ବ୍ୟବସ୍ଥା ବିଗିଡ଼ିଥିବା ଅଭିଯୋଗ ହୋଇଛି। ପୂର୍ବରୁ ଥିବା ଦୁଇଟି ଆଉଟଲେଟ୍ ପୋତି ଦିଆଯାଇଥିବାରୁ ବର୍ଷା ପାଣି ବାହାରି ପାରୁନାହିଁ। ଫଳରେ ରାତିଅଧିଆ ଲୋକଙ୍କ ଘରେ ପାଣି ପଶୁଛି। ଅନ୍ୟପକ୍ଷରେ ପୋଖରୀ ଆଡ଼ିର ଗାଡ଼ୱାଲ୍ ଧସି ହୋଇଯାଇଥିବାରୁ ବନ୍ଧ ତଳ ବସ୍ତିବାସିନ୍ଦାଙ୍କ ମୁଣ୍ଡ ଉପରେ ବିପଦ ଘନେଇଛି।

ବାରିପଦା ଷ୍ଟେସନ ବନ୍ଧ ଦିନେ ଯେଉଁଠି ଥିଲା ସହରର ସୌନ୍ଦର୍ଯ୍ୟର ଚିତ୍ର, ଆଜି ସେଠି ଦେଖାଦେଇଛି ଜଳବନ୍ଦୀର ଯନ୍ତ୍ରଣା। ସୌନ୍ଦର୍ଯ୍ୟକରଣ ନାଁରେ ହୋଇଥିବା ପୁନର୍ନିର୍ମାଣ ପରେ ଜଳ ନିଷ୍କାସନ ବ୍ୟବସ୍ଥା ବିଗିଡ଼ିଥିବା ଓ ଚଳିତ ବର୍ଷ ଅତ୍ୟଧିକ ବର୍ଷା ପାଇଁ ପୋଖରୀର ପାଣି ନିଷ୍କାସନ ହୋଇ ନ ପାରି ବିପରୀତ ଅଞ୍ଚଳକୁ ମାଡି ଲୋକଙ୍କ ଘରେ ପାଣି ପଶୁଛି। ସ୍ଥାନୀୟ ବାସିନ୍ଦା କାଶୀନାଥ ଦାଶ, ସୁଚେତା ମହାନ୍ତି ଓ ସନୀମା ମହାନ୍ତିଙ୍କ କହିବା ଅନୁଯାୟୀ, ପୂର୍ବରୁ ପୋଖରୀର ପୂର୍ବ ଓ ପଶ୍ଚିମ ଦିଗରେ ଦୁଇଟି ଆଉଟଲେଟ୍ ଥିଲା। ପୋଖରୀରେ ପାଣି ବଢ଼ିଲେ ଏହି ଆଉଟଲେଟ୍ ଦେଇ ଅତିରିକ୍ତ ପାଣି ନିଷ୍କାସିତ ହେଉଥିଲା। ହେଲେ ସୌନ୍ଦର୍ଯ୍ୟକରଣ ପରେ ଏହି ଜଳ ନିଷ୍କାସନ ବ୍ୟବସ୍ଥା ବନ୍ଦ କରିଦିଆଗଲା। ଫଳରେ ବର୍ଷା ହେଲେ ପୋଖରୀ ପାଣି ଅଞ୍ଚଳ ଲୋକଙ୍କ ଘରେ ପଶୁଛି। ରାତିଅଧିଆ ଘରେ ପାଣି ପଶିଯିବାରୁ ଲୋକେ ଭୟଭୀତ ହୋଇପଡୁଛନ୍ତି। ପୋଖରୀ ସଂଲଗ୍ନ ରାସ୍ତା ଉପରେ ପାଣି ଚାଲିବା ଯୋଗୁଁ ଛୋଟଛୋଟ ଛୁଆଙ୍କୁ ଅଙ୍ଗନବାଡି ଓ ସ୍କୁଲ ଛାଡିବାକୁ ଭୟ ଲାଗୁଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। କେବଳ ଜଳବନ୍ଦୀ ନୁହେଁ, ପୋଖରୀ ଆଡ଼ିରେ ନିର୍ମାଣ ହୋଇଥିବା ଗାଡ଼ୱାଲ୍ ମଧ୍ୟ ଧସି ରହିଥିବା ଅଭିଯୋଗ ହୋଇଛି। ଫଳରେ ବନ୍ଧକଡ଼ ବସ୍ତିରେ ରହୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। କେତେବେଳେ ଯେ ଗାଡ଼ୱାଲ୍ ଭୁଶୁଡ଼ି ପଡ଼ିବ, ସେନେଇ ଆଶଙ୍କାରେ ଅଛନ୍ତି ସ୍ଥାନୀୟ ଲୋକ।

ସେମାନଙ୍କ ଅଭିଯୋଗ ଏହି ପୋଖରୀ ପୂର୍ବରୁ ତିନିକୋଣ ବିଶିଷ୍ଟ ଥିଲା। ତେଣୁ ଏହା ତିନିକୋଣିଆ ପୋଖରୀ ବା ତିନିକୋଣିଆ ବନ୍ଧ ନାମରେ ପରିଚିତ ଥିଲା। କିନ୍ତୁ ସୌନ୍ଦର୍ଯ୍ୟକରଣ ସମୟରେ ପୋଖରୀର ଅନେକ ଅଂଶ ପୋତି ଦିଆଯାଇ ଏହାର ଆକାର ଓ ଜଳଧାରଣ କ୍ଷମତା କମାଇ ଦିଆଗଲା। ଯାହା ଆଦୌ ଗ୍ରହଣୀୟ ନୁହେଁ। ଏହି ପୋଖରୀ ସହ ବାରିପଦା ପୌର ପରିଷଦର ୧୧ ଓ ୧୨ ନମ୍ବର ୱାର୍ଡର ଲୋକଙ୍କ ସିଧାସଳଖ ସମ୍ପର୍କ ରହିଛି। ଅନେକ ପରିବାର ଏହି ଜଳାଶୟ ଉପରେ ଦୈନିକ ନିର୍ଭରଶୀଳ। ନୂଆ ଡିଜାଇନ୍ ଯୋଗୁଁ ପୋଖରୀର ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ଅଭିଯୋଗ କରୁଛନ୍ତି ଲୋକେ। ଗତ ତିନିବର୍ଷ ହେଲାଣି ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଛି। ହେଲେ ସମସ୍ୟାର ସମାଧାନ ହୋଇପାରୁନାହିଁ। ସୌନ୍ଦର୍ଯ୍ୟକରଣ ଲୋକଙ୍କ ପାଇଁ ବରଦାନ ହେବା ବଦଳରେ ଅଭିଶାପ ପାଲଟିଛି। ଯଥାଶୀଘ୍ର ପୂର୍ବ ସ୍ଥିତି ଫେରାଇ ନ ଆଣିଲେ ଓ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ନ କଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସ୍ଥାନୀୟ ଲୋକେ। ଏ ନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ କହିଛନ୍ତି, ବନ୍ଧର ପୁନର୍ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସରିନାହିଁ। ତତସହିତ କାର୍ଯ୍ୟରେ ଥିବା ତ୍ରୁଟି ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ସେ ସ୍ୱୀକାର କରିଛନ୍ତି। ସ୍ଥିତି ଅନୁଧ୍ୟାନ ପାଇଁ ନିର୍ବାହୀ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ଓ ସେ ନିଜେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ବର୍ଷା ଛାଡ଼ିବା ମାତ୍ରେ

### ଆଉଟଲେଟ୍ ପୋତିଦେବାରୁ ଘରେ ପଶୁଛି ପାଣି

ଆଗାମୀ ୧୦ ଦିନ ମଧ୍ୟରେ ଆଉଟଲେଟ୍ ନିର୍ମାଣ କାମ ଆରମ୍ଭ କରାଯିବ। ଆବଶ୍ୟକ ପଡ଼ିଲେ ପମ୍ପ ବ୍ୟବହାର କରି ପାଣି ନିଷ୍କାସନ କରାଯିବ ବୋଲି କହିଛନ୍ତି। ତେବେ ସୌନ୍ଦର୍ଯ୍ୟକରଣ ଡିପିଆର ପ୍ରସ୍ତୁତି ସମୟରେ ଜଳ ନିଷ୍କାସନ ଓ ବନ୍ଧର ପୂର୍ବ ପରିସୀମା ସଙ୍କୁଚିତ ନ ହେବା ଦିଗରେ ଦୃଷ୍ଟି ନ ଦେବା ଫଳରେ ଲୋକଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହେଉଛି। ଅପରପକ୍ଷରେ ବନ୍ଧ ଉପରେ ପୂର୍ତ୍ତ ବିଭାଗ ରାସ୍ତା ୨ଟି ୱାର୍ଡକୁ ଯୋଗାଯୋଗ କରୁଥିବାବେଳେ ବର୍ତ୍ତମାନ ଭାରୀଯାନ ଚଳାଚଳ ବନ୍ଦ ରହିଛି। ଆଗକୁ ପ୍ରତିକାର ବ୍ୟବସ୍ଥା ନ ହେଲେ ବନ୍ଧ ପ୍ରତି ବିପଦ ଆଶଙ୍କା ରହିଛି।

## ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଧସିଲା

କୁଳିଅଣା,୧୨।୯ (ସମିସ): ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଧସିଛି। କୁଳିଅଣା ବ୍ଲକ୍ କେଉଁଟୁଣୀ ମାରୀ ନିକଟରେ ମୁଖ୍ୟ କେନାଲର ଡାହାଣ ପାଶ୍ୱର୍ ୯ ତାରିଖ ବିଳମ୍ବିତ ରାତିରେ ଧସିଯାଇଛି। ପ୍ରାୟ ୩୦-୪୦ ମିଟର ପର୍ଯ୍ୟନ୍ତ ଧସିଥିବା ଦେଖିବାକୁ ମିଳିଛି। ବିଭାଗର ଅଧିକାରୀ ଓ ଯନ୍ତ୍ରୀ ସ୍ଥାନ ପରିଦର୍ଶନ ପୂର୍ବକ ପରବର୍ତ୍ତୀ ପଦକ୍ଷେପ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ବର୍ଷା କମିଲେ ମରାମତି ହେବ ବୋଲି ଜଣାପଡ଼ିଛି।



## ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ସୂଚନା ଅଧିକାର ଆଇନ କର୍ମଶାଳା



ବାରିପଦା, ୧୨।୯ (ସମିସ): ତକତପୁରସ୍ଥ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୂଚନା ଅଧିକାର ସମ୍ପର୍କରେ ସଚେତନତା ଓ ବ୍ୟବହାରିକ ଜ୍ଞାନ ବୃଦ୍ଧି ପାଇଁ 'ସୂଚନା ଅଧିକାର ଆଇନ-୨୦୦୫' ଶୀର୍ଷକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ରଞ୍ଜନ କୁମାର ତରେଇ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବାରିପଦା ଜିଲ୍ଲା ବାର୍ ଆସୋସିଏସନର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆର୍‌ଟିଆଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେ ନାଗରିକଙ୍କ ସୂଚନା ପାଇବାର ଅଧିକାର, ଆବେଦନ ପ୍ରକ୍ରିୟା, ସମୟସୀମା, ଲୋକ ସୂଚନା ଅଧିକାରୀଙ୍କ ଭୂମିକା ଓ ଆବେଦନ ଖାରଜ ହେଲେ ଅପିଲ କରିବାର ନିୟମାବଳୀ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ବିଷୟବସ୍ତୁକୁ ସହଜ ଓ ପ୍ରାୟୋଗିକ କରିବା ଉଦ୍ଦେଶ୍ୟରେ ଡିଜିଟାଲ୍ ପ୍ରୋଜେକ୍ଟର୍ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଯେଉଁଥିରେ ସ୍ନେହାଶିଷ ଦାସ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ପ୍ରଶ୍ନୋତ୍ତର ମାଧ୍ୟମରେ ସକ୍ରିୟ ଅଂଶଗ୍ରହଣ କରି ଆଇନର ପ୍ରୟୋଗ ସମ୍ପର୍କରେ ଧାରଣା ହାସଲ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଡ ବନମାଳୀ ବାରିକ, ଭକ୍ତଚରଣ ସୋରେନ, ଅଧ୍ୟାପିକା ଜୟଶ୍ରୀ ମିଶ୍ର, ଅଧ୍ୟାପକ ଧୀରେନ୍ଦ୍ର ବେହେରା, ଅଧ୍ୟାପିକା ସୁଶ୍ରୀ ଏସ୍ ନାୟକ, ଶ୍ରଦ୍ଧା ସୋରେନ, ଅତିଥି ଅଧ୍ୟାପକ ବୀରେନ୍ଦ୍ର ମୁର୍ମୁ ଓ ଅଧ୍ୟାପିକା ଅଙ୍କିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟାଳୟ ସୁପରିଟେଣ୍ଡେଣ୍ଟ ଅତୁଲ୍ କୁମାର ମହାନ୍ତି, ସିନିୟର କ୍ଲର୍କ ତାପସ ରଞ୍ଜନ ଜେନା ଓ ଡାଟା ଏଣ୍ଟ୍ରି ଅପରେଟର୍ ସ୍ନେହାଶିଷ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଇରଙ୍ଗପୁର କଲେଜ ଓଡ଼ିଆ ବିଭାଗର ସ୍ୱାଗତ ଉତ୍ସବ

ରାଇରଙ୍ଗପୁର,୧୨।୯ (ସମିସ): ରାଇରଙ୍ଗପୁର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ +୩ ପ୍ରଥମ ବର୍ଷ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଓଡ଼ିଆ ବିଭାଗ ମୁଖ୍ୟ ଜିତେନ୍ଦ୍ରନାଥ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋହର ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ବିଭାଗର ଅଧ୍ୟାପକ ଅଧ୍ୟାପିକା ଶୁଭଶ୍ରୀ ବେହେରା, ଡ ତନ୍ମୟୀ ରଥ, ଆଣ୍ଡ୍ରେଶ ମାରାଣ୍ଡି ଓ ଶେଷବର୍ଷ ଛାତ୍ରଛାତ୍ରୀ ଶୁଭଶ୍ରୀ ମହାନ୍ତ, ମଞ୍ଜୁଲତା ହେମ୍ବ୍ରମ, ଅଭିସ୍ପା ବାରିକ, ହେମନ୍ତି ବେହେରା, ବନିତା ଗିରି, ନିବେଦିତା ଗିରି, କଳ୍ପନା ବେହେରା, ଗୌର ନାଏକ, ଯଶୋବନ୍ତ ସିଂ, ଅଭିମନ୍ୟୁ ପୂର୍ତ୍ତି, ଜଲନ ସିର୍କା ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟ ଜିତେନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ଶେଷବର୍ଷ ଛାତ୍ରଛାତ୍ରୀ ଦୁର୍ଗା ହେମ୍ବ୍ରମ ଓ ଲକ୍ଷ୍ମୀପ୍ରିୟା ମୁର୍ମୁ ମଞ୍ଚ ପରିଚାଳନା କରିଥିବାବେଳେ ନବାଗତ ଛାତ୍ରଛାତ୍ରଙ୍କୁ ପୁଷ୍ପଗୁଚ୍ଛ ସହ ସ୍ୱାଗତ ଜ୍ଞାପନ କରିଥିଲେ। ଅଧ୍ୟକ୍ଷ ଓ ବିଭାଗୀୟ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀଙ୍କୁ ନୂତନ ଶିକ୍ଷାନୀତି -୨୦୨୦ର ମହତ୍ତ୍ୱ, ଉତ୍ତମ ଅଧ୍ୟୟନ ଦ୍ୱାରା ଭବିଷ୍ୟତ ଗଢିବା, ଆଦର୍ଶଶୀଳ ଶିଷ୍ଟାଚାର ସମ୍ପନ ଉତ୍ତମ ମଣିଷ, ନିଷ୍ଠାର ସହିତ ଅଧ୍ୟୟନ, ନିଜକୁ ଦେଶ ପ୍ରେମରେ ଜଡିତ ହେବାକୁ ଉପଦେଶ ଦେଇଥିଲେ। ଅଧ୍ୟାପକ ଆଣ୍ଡ୍ରେଶ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପାଞ୍ଚପୀଢ଼ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପ୍ରାଥମିକ ଉପଚାର ଦିବସ

କରଞ୍ଜିଆ, ୧୨।୯ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହରସ୍ଥ ପାଞ୍ଚପୀଢ଼ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳିତ ହୋଇଛି। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅଧ୍ୟକ୍ଷ ଦିଲ୍ଲୀପ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଅଧ୍ୟାପକ, ଯୁବ ରେଡକ୍ରସ ପରାମର୍ଶଦାତା ତଥା ପ୍ରାଥମିକ ଉପଚାର ପ୍ରଶିକ୍ଷକ ମାନସ ବେହେରା, ଯୁବ ରେଡକ୍ରସ ପରାମର୍ଶଦାତା ତଥା ଗୃହ ବିଜ୍ଞାନ ଅଧ୍ୟାପିକା ଶୁଭଦର୍ଶିନୀ ଶ୍ୱେତପଦ୍ମାଙ୍କ ନେତୃତ୍ୱରେ ଏହି ଦିବସ ପାଳନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ଉପସ୍ଥିତ ଥିଲେ। ପ୍ରାଥମିକ



ଉପଚାର ପ୍ରଶିକ୍ଷକ ମାନସ ବେହେରା ପ୍ରାଥମିକ ଉପଚାରର ଗୁରୁତ୍ୱ ଓ ଦୈନନ୍ଦିନ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ବିଶେଷକରି ନିଶ୍ୱାସ ବନ୍ଦ ହେବା, ରକ୍ତସ୍ରାବ, ଖାଦ୍ୟ ଲାଗିଯିବା, କୁକୁର କାମୁଡ଼ିବା, ହୃଦ୍‌ଘାତ, ବିଷପାନ, ହାଡ଼ ଭାଙ୍ଗିବା ଓ ସାପ କାମୁଡ଼ିବା ଭଳି ଆପତ୍ତକାଳୀନ ପରିସ୍ଥିତିରେ କ'ଣ କରିବା ଓ କ'ଣ ନ କରିବା ଉଚିତ, ସେ ସମ୍ପର୍କରେ ବିଭିନ୍ନ ବ୍ୟବହାରିକ କୌଶଳ ମାଧ୍ୟମରେ ବୁଝାଇ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ +୨ ପ୍ରଥମ ଓ ଦ୍ୱିତୀୟ ବର୍ଷର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସ୍ୱପ୍ନାରାଣୀ କିସ୍କୁ, ଯଶୋଦା ପ୍ରଧାନ, ତୁଳସୀ ହୋ, ନିବେଦିତା ସେଠୀ, ସୁନୀତା ବାରୀ, ଅପରାଜିତା ବିଶ୍ୱାଳ, ପ୍ରଜ୍ଞା ପରମିତା ମହାନ୍ତ, ଲୀସାରାଣୀ ମହାନ୍ତ, ଶୁଭସ୍ମିତା ଆରୁକ, ମୋନାଲିସା ରାଉଳ ଓ ରୁକ୍ମଣୀ ସିଂଙ୍କ ସହ ଓଡ଼ିଆ ଅଧ୍ୟାପକ ଜୟକୁମାର ସାହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭୀମସେନ ବେହେରା ସହଯୋଗ କରିଥିଲେ।

## କୁଡ଼ମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ ଦାବି

ବାରିପଦା, ୧୨।୯ (ସମିସ): ମୟୂରଭଞ୍ଜର ଜନଜାତି ଓ ଅଞ୍ଚଳବାସୀଙ୍କ ଭାଷା, ସଂସ୍କୃତି ଓ ସ୍ୱାଭିମାନର ସୁରକ୍ଷା ଦିଗରେ ଆଉଏକ ପ୍ରମୁଖ ପଦକ୍ଷେପ ନେଇଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ। ନୂଆଦିଲ୍ଲୀ ଗସ୍ତ ସମୟରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ କରି ମୟୂରଭଞ୍ଜ ସମେତ କୁଡ଼ମାଲି ଭାଷାଭାଷୀ ଲୋକଙ୍କ ଦୀର୍ଘଦିନର ଦାବି କୁଡ଼ମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ଥାନ ଦେବା ପାଇଁ ଦୃଢ଼ ଭାବେ ଦାବି ଜଣାଇଛନ୍ତି। କୁଡ଼ମାଲି ଭାଷା ମୟୂରଭଞ୍ଜର ଏକ ବିଶିଷ୍ଟ ଭାଷାଗତ ପରିଚୟ ବହନ କରୁଥିବାରୁ ଏହାକୁ ସାମ୍ବିଧାନିକ ମାନ୍ୟତା ମିଳିଲେ ଭାଷାର ସଂରକ୍ଷଣ, ପ୍ରସାର ଓ ବିକାଶ ସହିତ ଏହାର ସାହିତ୍ୟ, ଲୋକପରମ୍ପରା ଓ ସାଂସ୍କୃତିକ ଐତିହ୍ୟ ଆହୁରି ସୁଦୃଢ଼ ହେବ ବୋଲି ଶ୍ରୀମତୀ ମହାନ୍ତ ଗୃହମନ୍ତ୍ରୀଙ୍କ ନିକଟରେ ଉଲ୍ଲେଖ କରିଥିଲେ। ତାଙ୍କର ଏହି ପ୍ରୟାସକୁ ମୟୂରଭଞ୍ଜବାସୀଙ୍କ ଭାଷାଗତ ଅଧିକାର ଓ ସାଂସ୍କୃତିକ ଅସ୍ମିତା ସହ ଜଡ଼ିତ ଏକ ସକାରାତ୍ମକ ପଦକ୍ଷେପ ଭାବେ



ବିବେଚନା କରାଯାଉଛି। ଏହି ଦାବି ଉପରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହା ସକାରାତ୍ମକ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି। ଫଳରେ କୁଡ଼ମାଲି ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ଦାବି ନେଇ ଆଶାର ସଞ୍ଚାର ହୋଇଛି। ନୂଆଦିଲ୍ଲୀ ଗସ୍ତ ସମୟରେ ଶ୍ରୀମତୀ ମହାନ୍ତ ବିଜେପିର ଓଡ଼ିଶା ରାଜ୍ୟ ପ୍ରଭାରୀ ସୁନୀଲ ବଂଶଲଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଏହି ସାକ୍ଷାତକାରରେ ଓଡ଼ିଶାର ବିଭିନ୍ନ ବିକାଶମୂଳକ ପ୍ରସଙ୍ଗ ସହିତ ଦଳୀୟ ସଂଗଠନର ସ୍ଥିତି ଓ ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ସେ ବିଜେପିର ଜାତୀୟ ସଂଗଠନ ମହାସଚିବ ବିଏଲ୍ ସନ୍ତୋଷଙ୍କୁ ଭେଟି ଓଡ଼ିଶାର ରାଜନୈତିକ ପରିସ୍ଥିତି, ସଂଗଠନକୁ ଆହୁରି ମଜବୁତ କରିବାର ରଣନୀତି ଓ ବିଭିନ୍ନ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ମତ ବିନିମୟ କରିଥିଲେ। ମୟୂରଭଞ୍ଜର ଭାଷା, ଆଞ୍ଚଳିକ ବିକାଶ ଓ ଜନସାଧାରଣଙ୍କ ସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗକୁ ଜାତୀୟ ସ୍ତରରେ ଉପସ୍ଥାପନ କରିବା ସହ ଦଳୀୟ ସଂଗଠନ ଓ ରାଜ୍ୟର ବିକାଶକୁ ନେଇ ନେତୃତ୍ୱ ସହ ନିୟମିତ ଯୋଗାଯୋଗ ରଖିବା ଶ୍ରୀମତୀ ମହାନ୍ତଙ୍କ ଏହି ଗସ୍ତର ଗୁରୁତ୍ୱକୁ ବଢ଼ାଇଛି।

### ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିରେ ଗେରୁଆ ପତାକା ଲଗାଇବା ଘଟଣା

## ୫ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀଙ୍କ ଶାନ୍ତିପୂର୍ଣ୍ଣ ବିକ୍ଷୋଭ

ବାରିପଦା, ୧୨।୯ (ସମିସ):

ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକରେ ପ୍ରଥମ ଆଦିବାସୀ ନେତା ତଥା ପୂର୍ବତନ ମନ୍ତ୍ରୀ ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିରେ ଗେରୁଆ ରଙ୍ଗର ପତାକା ଲଗାଯିବା ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହାକୁ ବିରୋଧ କରି ୫ ହଜାରରୁ ଅଧିକ ଆଦିବାସୀ ଏକତ୍ରିତ ହୋଇ ଏକ ବିଶାଳ ଶାନ୍ତିପୂର୍ଣ୍ଣ ରାଲି ଓ ପ୍ରତିବାଦ ସଭା କରିଛନ୍ତି। ବିକ୍ଷୋଭକାରୀଙ୍କ କହିବା ଅନୁଯାୟୀ, ସୁନାରାମ ସୋରେନ ଜଣେ ବିଶିଷ୍ଟ ଆଦିବାସୀ ନେତା ଥିଲେ। ତାଙ୍କ ପ୍ରତିମୂର୍ତ୍ତିରେ ଗେରୁଆ ପତାକା ଲଗାଇବା ଆଦିବାସୀ ଅସ୍ମିତା ଓ ସଂସ୍କୃତି ଉପରେ ଆଘାତ। ଜଣେ ଆନ୍ଦୋଳନକାରୀ କହିଛନ୍ତି, ଗେରୁଆ ପତାକା ହିନ୍ଦୁ ଧର୍ମର ପ୍ରତୀକ। ଆଦିବାସୀମାନେ ମୂଳବାସୀ, ତାଙ୍କର ସ୍ୱତନ୍ତ୍ର





ପତାକା ରହିଛି ଓ ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିରେ କେବଳ ଆଦିବାସୀ ପତାକା ହିଁ ଉଡ଼ିବା ଉଚିତ। ଆମେ ପ୍ରଶାସନ ନିକଟରେ ସେହି ପତାକା ହଟାଇବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛୁ।

ଆମେ ଆମର ସ୍ୱତନ୍ତ୍ର ପରିଚୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଚାହୁଁ। ଆଦିବାସୀ ଅଞ୍ଚଳ ଓ ଗାଁଗୁଡ଼ିକରେ କେବଳ ଆଦିବାସୀ ପତାକା ହିଁ ଉତ୍ତୋଳନ ହେବା ଉଚିତ ବୋଲି ଆଦିବାସୀ ନେତା ମନୋରଞ୍ଜନ ହାଁସଦା କହିଛନ୍ତି। ଘଟଣାର ତୁରନ୍ତ ତଦନ୍ତ କରି ପ୍ରତିମୂର୍ତ୍ତିକୁ ଅପମାନିତ କରିଥିବା ଲୋକଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ତିରି ବ୍ଲକ୍ ଅଧ୍ୟକ୍ଷ ପରମେଶ୍ୱର ସାମାଡ ଦାବି କରିଛନ୍ତି। ଏହି ଆନ୍ଦୋଳନରେ ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରୁ ଆଦିବାସୀ ପ୍ରତିନିଧି ଯୋଗ ଦେଇଥିଲେ। ବିକ୍ଷୋଭକାରୀ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଗେରୁଆ ପତାକା ଲଗାଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ତେବେ ପୁଲିସ ଓ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ଆସନ୍ତା ୭ ଦିନ ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଶାନ୍ତିପୂର୍ଣ୍ଣ ଭାବେ ରାଲି ସମାପ୍ତ କରିଥିଲେ। ସମଗ୍ର କାର୍ଯ୍ୟକ୍ରମରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି କିମ୍ବା ହିଂସାକାଣ୍ଡ ଘଟିନାହିଁ।

## ବେଆଇନ ବାଲି ଉତ୍ତୋଳନ ଅଭିଯୋଗରେ ଜଣେ ଗିରଫ

- ୨ଟି ବାଲି ବୋଝେଇ ଟ୍ରାକ୍ଟର ଓ ବୁଲେଟ୍ ଜବତ

କରଞ୍ଜିଆ, ୧୨।୯ (ସମିସ): ବେଆଇନ ବାଲି ଉତ୍ତୋଳନ ଅଭିଯୋଗରେ କରଞ୍ଜିଆ ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ବାଲି ବୋଝେଇ ୨ଟି ଟ୍ରାକ୍ଟର ଓ ଗୋଟିଏ ବୁଲେଟ୍ ଜବତ କରାଯାଇଛି। କରଞ୍ଜିଆ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ କୁଦରସାହି ଦେଓ ନଦୀ ପଠାରେ ବେଆଇନ ବାଲି ଉତ୍ତୋଳନ ଚାଲିଥିବା ଖବର ପାଇଥିଲା। ଏସ୍‌ଆଇ ସୁଧାଂଶୁ ସେଠୀଙ୍କ ନେତୃତ୍ୱରେ ଥାନା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସକୁ ଦେଖି ବାଲି ଉତ୍ତୋଳନରେ ନିୟୋଜିତ ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ସେଠାରେ ବାଲି ବୋଝେଇ ୨ଟି ଟ୍ରାକ୍ଟର ଥିବା ପୁଲିସ ଦେଖିଥିଲା। ଏହି ସମୟରେ ରସମତଳା ଗ୍ରାମର ରାଧେଶ୍ୟାମ ଦାଶଙ୍କ ପୁଅ ଉମେଶ ଚନ୍ଦ୍ର ଦାଶ ଏକ ବୁଲେଟ୍ ଯୋଗେ ସେଠାରେ ପହଞ୍ଚିଥିବା ପୁଲିସ କହିଛି। ସେ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଠେଲାପେଲା କରି ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ପୁଲିସ ପକ୍ଷରୁ ବାଲି ଉତ୍ତୋଳନ ସମ୍ପର୍କିତ ବୈଧ କାଗଜପତ୍ର ମଗାଯିବାରୁ ଉମେଶ ଦାଶ କୌଣସି କାଗଜପତ୍ର ଦେଖାଇପାରିନଥିବା ଜଣାପଡ଼ିଛି। ପରେ ପୁଲିସ ୨ଟି ବାଲି ବୋଝେଇ ଟ୍ରାକ୍ଟର ଓ ବୁଲେଟ୍‌କୁ ଜବତ କରି ଉମେଶ ଚନ୍ଦ୍ର ଦାଶଙ୍କୁ ଥାନାକୁ ଆଣିଥିଲା। ପରେ ଉମେଶ ଚନ୍ଦ୍ର ଦାଶଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବାବେଳେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଉପହାର





ରଶ୍ମି ସାମଲ

ଆଜି ହାଟରୁ ବାପା ମୋ' ପାଇଁ ନିଶ୍ଚୟ ନୂଆ ଜାମାଟେ ଆଣିବେ। ନାଲି ରଙ୍ଗ ସାଙ୍ଗକୁ ଚୁମୁକି ଲଗା ସୁନ୍ଦର ହାତକାମ ସବୁ ସେଥିରେ ହୋଇଥିବ। ସୁରିଆ ଦାଦା ଘର ରଙ୍ଗ ଆଗରେ ଯାଇ ଆଗ ଦେଖେଇ ଦେଇ ଆସିବି। ଚୁମୁକି ଲଗା ନାଲି ରଙ୍ଗ ଜାମାଟେ ପିନ୍ଧୁଛି ବୋଲି ସବୁବେଳେ ମୋ ଆଗରେ ଆସି ଦେଖେଇ ହେଉଛି। ରହ ଆଜି ଖାଲି ମୋ' ବାପା ହାଟରୁ ଆସିଯାଆନ୍ତୁ। ଦେଖିବୁ ତୋ'ଠାରୁ ଆହୁରି ସୁନ୍ଦର କାମ ହୋଇଥିବ ମୋ ଜାମାରେ। ଦାଣ୍ଡରୁ ବାରି ଯାଏ ଏପଟ ସେପଟ ହେଉ ହେଉ ସାଙ୍ଗେ ସାଙ୍ଗେ ବାପାଙ୍କ ସାଇକେଲ ଶବ୍ଦ ଶୁଭିଲା।

"ମାଆ ରଞ୍ଜୁ କୁଆଡ଼େ ଗଲୁ କିରେ!" ବାପାଙ୍କ ହାତରେ ବ୍ୟାଗ୍ ଦେଖି ଜୋର୍‌ରେ ପାଖକୁ ଦୌଡ଼ିଲି। ଖୁସିରେ ବଡ଼ ପାଟିରେ ପଚାରିଲି , "ବାପା ମୋ ପାଇଁ ନୂଆ ଜାମା ଆଣିଛ ତ?" ହେଲେ ବାପା କିଛି ନ କହି ମୋ ମୁହଁକୁ ଚାହିଁ ଟିକେ ଅଧା ହସିଲେ। ସେ ହସ ଭିତରେ ମୁଁ ଗୋଟିଏ ଅଜଣା କଷ୍ଟ ଟିକେ ଦେଖିପାରିଲି। କହିଲେ- "ନାରେ, ମାଆ ଆଜି ପରା ଭାଇର ଯନ୍ତ୍ରବାକ୍ସଟା ଆଣିଲି। ନେ ତାକୁ ଦେଇଦେ। ଆର ମାସକୁ ତୋ ପାଇଁ ନିଶ୍ଚୟ ଜାମାଟେ ଆଣିଦେବି।"

ମନଟା ହଠାତ୍ ଦୁଃଖ ହୋଇଗଲା। ଆଉ କିଛି ନ କହି ଅଭିମାନରେ ମୁହଁ ଫୁଲାଇ ଘର ଭିତରକୁ ଚାଲିଗଲି। "ବୋଉ, ଏ ବୋଉ ଶୁଭୁଛି ନାଁ ନାହିଁ ବାପା ମୋତେ ବିଲକୁଲ୍ ଭଲ ପାଉନାଁହାନ୍ତି। ଯାହା କହିଲେ କିଛି ବି ଆଣି ଦେଉ ନାଁହାନ୍ତି।"

"ଆରେ ତୁ କ'ଣ ପାଗେଳିଟା ନାଁ କ'ଣ! ବାପା ତୋତେ ଯେତିକି ଭଲ ପାଆନ୍ତି ତାହା ତୁ ମାପି ପାରିବୁନି। ଶୁଣୁ ଛୋଟ ହୋଇଥିଲୁ ସାମାନ୍ୟ ଥଣ୍ଡା ଜ୍ୱର ଟିକେ ତୋତେ ହୋଇଥିଲା ତିନି ଖଣ୍ଡ ମୌଜା ଚାଲି ଚାଲି ପାରି ହୋଇ ତୋ' ପାଇଁ ଔଷଧ ଯାଇ ଆଣିଥିଲେ। ରାତି ଅନିଦ୍ରା ହୋଇ ସେମିତି ଜ୍ୱର କମିବା ଯାଏ ପାଖରେ ଜଗି ରହୁଥିଲେ। ଏବେ ଟିକେ ଅଭାବ ତାଙ୍କୁ.... ।" ଏତିକି କହୁକହୁ ବୋଉ ଆଖିରୁ ଦୁଇଧାର ଲୁହ ବହି ଆସିଲା। ସବୁ ଶୁଣି ନୀରବି ଯାଇ ଭାବିଲି ଯଦି ସମସ୍ତଙ୍କ ବାପା ନିଜ ପିଲାଙ୍କ ଇଚ୍ଛା ପୂରଣ କରି ପାରୁଛନ୍ତି, ତେବେ ମୋ' ବାପା କାହିଁକି ପାରନ୍ତି ନାହିଁ? ବୋଧ ହୁଏ କିଛି ବିଶେଷ କାରଣ ହୋଇପାରେ।

ହଁ, ଆମେ ପରା ଭାଇଭଉଣୀ ଚାରିଜଣ। ବାପାଙ୍କ ରୋଜଗାର ବହୁତ ଅଧିକ ବି ନୁହେଁ। ଛୋଟ ଚାକିରିଟିଏ କରି ଯାହା ରୋଜଗାର ହେଉଛି ସେଥିରେ ଆମ ଚାରିଜଣଙ୍କ ପାଠପଢ଼ା, ଖାଇବା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବନ୍ଧୁବାନ୍ଧବ ଚଳାଇବା ବହୁତ କଷ୍ଟ ହେଉଛି। ସବୁ ବୁଝିଲି ଯେ, ତଥାପି ଅଭିମାନରେ ସେଦିନ ରାତିରେ ବାପାଙ୍କ ସହ କଥା ହେଲି ନାହିଁ। ଖାଇବା ବେଳେ ମୁହଁ ଫୁଲାଇ ବସିଥିଲି। ବାପା ଦୁଇଥର ମୋତେ ଡାକିଲେ, "ମାଆ ରଞ୍ଜୁ କ'ଣ ହେଲା ଖାଉନୁ କାହିଁକି?"

ମୁଁ କିଛି କହିଲି ନାହିଁ। ବୋଉ ମୋ' ମନ କଥା ବୁଝିପାରିଥିଲା। ଧୀରେ କହିଲା, "ଜାମା ଆସିନି ବୋଲି ତୁ ରାଗିଛୁ?"

ମୁହଁଟାକୁ ବୁଲାଇ କହିଲି, "ହଁ।"

କିଛି ସମୟ ପରେ ମୁଁ ଦେଖିଲି ବାପା ଘରର ଗୋଟେ କୋଣରେ ଯେଉଁଠି ଚାଉଳ ଘୁମ ରଖା ହୋଇଥିଲା ସେଠି ବସି ନିଜ ପୁରୁଣା ପର୍ସଟି ଖୋଲି ଟଙ୍କା ଗଣୁଛନ୍ତି। ଆଖିରେ ଦେଖାଯାଉଥାଏ ମେଞ୍ଚାଏ ଚିନ୍ତା। କିଛି ସମୟ ପରେ ସେ ଦୀର୍ଘନିଶ୍ୱାସ ଛାଡ଼ି ପର୍ସଟି ବନ୍ଦ କରିଦେଲେ। ମୋ ମନରେ ପ୍ରଶ୍ନ ଉଠିଲା ବାପା ଏତେ ଚିନ୍ତିତ କାହିଁକି?

ପରଦିନ ସକାଳେ ବାପା ମୋତେ ସ୍କୁଲ୍ ଯିବା ପାଇଁ ଟଙ୍କା ଦେବା ବେଳେ କହିଲେ, "ରଞ୍ଜୁ, ଏହି ମାସର ସ୍କୁଲ ଫି' ନେ ଦେଇ ଦେବୁ ନଚେତ୍ ତୋ ନାଁ କଟିଯିବ। ଏବେ ତୋ ଭାଇର ନୂଆ ବହି ମଧ୍ୟ କିଣିବାକୁ ହେବ। ସାନ ଭଉଣୀର ସ୍କୁଲ୍ ଡ୍ରେସ୍‌ଟା ଛୋଟ ହୋଇଯାଇଛି ତା'ର ତିଆରି କରିବାକୁ ହେବ। ଧାନ ବିଲରେ ସାର ପଡ଼ିବ। ଦୋକାନୀ ଆମକୁ ବାକିରେ କିଛି ଦେବେ ନାହିଁ। ତୁ ମୋତେ ଖାଲି ଟିକେ ସମୟ ଦେ। ସୁବିଧା ଦେଖି ତୋ' ପାଇଁ ଭଲ ଜମାଟିଏ ନିଶ୍ଚୟ ଆଣି ଦେବି।"

ଏ ସବୁ କଥା ଶୁଣି ମୋ' ମନଟା କାହିଁ ଥରି ଉଠିଲା। ବାପାଙ୍କ ମୁହଁକୁ ଚାହିଁ ମୁଁ ପ୍ରଥମ ଥର ପାଇଁ ତାଙ୍କ କ୍ଲାନ୍ତିକୁ ଦେଖିଲି। ତାଙ୍କ ପାଦରେ ପୁରୁଣା ଚପଲ ଦେହରେ ସେହି ଫିକା ହୋଇଯାଇଥିବା ସାର୍ଟ ଖଣ୍ଡିଏ। ଖଣ୍ଡିଆ ଦଦରା ସାଇକେଲଟି ସେମିତି କଁ କଁ ଡାକ ଛାଡୁଛି।

ଆମ ଚାରିଜଣଙ୍କ ଭବିଷ୍ୟତ ପାଇଁ ସେ ନିଜର ଛୋଟ ଛୋଟ ଇଚ୍ଛାକୁ ସଦା ତ୍ୟାଗ କରିଆସୁଛନ୍ତି। ମୋ ଆଖିରେ ଲୁହ ଆସିଗଲା। ମୁଁ ବାପାଙ୍କ ପାଖକୁ ଯାଇ ତାଙ୍କ ହାତ ଧରି କହିଲି, "ବାପା ମୋର ଜାମା ଦରକାର ନାହିଁ। ମୁଁ ଆଉ ଅଭିମାନ କରିବି ନାହିଁ। ତୁମେ ଆମ ଚାରିଜଣଙ୍କୁ ପାଠ ପଢ଼ାଅ ସେଇଟା ହିଁ ମୋ' ପାଇଁ ସବୁଠୁ ବଡ଼ ଉପହାର।"

ବାପା ମୋ' ମୁଣ୍ଡକୁ ନିଜ ଛାତିରେ ଜାକି ଧରିଲେ। ତାଙ୍କ ଆଖିରୁ ମଧ୍ୟ ଦୁଇ ଧାର ଲୁହ ଝରିପଡ଼ିଲା।

ସେଦିନ ମୁଁ ବୁଝିଲି ବାପା ମୋ ଇଚ୍ଛା ପୂରଣ କରି ନଥିଲେ ବୋଲି ତାଙ୍କ ଭଲ ପାଇବା କମି ଯାଇ ନଥିଲା। ସେଦିନର ଅଭିମାନ ଆଜି ମୋ ପାଇଁ ଗୋଟିଏ ଶିକ୍ଷା ହୋଇ ରହିଗଲା। ବାପାଙ୍କ ହାତରେ ଟଙ୍କା କମ୍ ଥାଇପାରେ, କିନ୍ତୁ ତାଙ୍କ ହୃଦୟରେ ପିଲାମାନଙ୍କ ପାଇଁ ଭଲପାଇବା କେବେ କମ୍ ହୁଏ ନାହିଁ। ସେ ଆମକୁ ଦାମୀ ଜିନିଷ ଦେଇପାରି ନଥିଲେ, କିନ୍ତୁ ଆମ ଜୀବନକୁ ସୁନ୍ଦର କରିବା ପାଇଁ ନିଜ ସମସ୍ତ ସ୍ୱପ୍ନକୁ ଆମ ପାଦତଳେ ବିଛାଇ ଦେଇଥିଲେ। ଆଜି ବି ସେଦିନଟି ମନେ ପଡ଼ିଲେ ମୋ ଆଖି ଓଦା ହୋଇଯାଏ। ଚୁମୁକି ଲଗା ଜାମା ପାଇଁ ଯେଉଁ ବାପାଙ୍କ ଉପରେ ମୁଁ ଅଭିମାନ କରିଥିଲି ସେହି ବାପା ହିଁ ମୋ ଜୀବନର ସବୁଠୁ ମୂଲ୍ୟବାନ ଉପହାର। ■

ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

# ତୁମେ



ଅଖିଳ କୁମାର ମିଶ୍ର

ତୁମେ ମୋ' ପ୍ରତ୍ୟେକ ଶିରାରେ ଓ ନିଶ୍ୱାସରେ,
ଘର କରି ରହିଛ,
ତୁମର ନାମ ଶରୀରରେ ଯେପରି ଅଛି ଓ ସଙ୍ଗୀତରେ
ଠିକ୍ ସେହିପରି ତୁମର ଶବ୍ଦରେ ମୋର ହୃଦୟ ଉଠୁଛି...
ପ୍ରତ୍ୟେକ ନୃତ୍ୟରେ, ମୁଁ କେବଳ ତୁମକୁ ଦେଖେ-
ଜୀବନକୁ ଚହଲି ଯାଉଥିବାର ଛବି ମାପେ।
ଭଲପାଏ ବୋଲି ଶବ୍ଦଟି ଆଉ ଦୂର ନୁହେଁ,
ଦୂର ନୀରବତାରେ ମଧ୍ୟ ମୁଁ ତୁମର ନାମ ନେଉଛି
ଓ ଆକର୍ଷଣରେ ହଜି ଯାଉଛି।
ଏବେ ଦର୍ପଣ ମଧ୍ୟ କହୁଛି,
ଏହି ମୁହଁ ମୋର, କିନ୍ତୁ ଆଲୋକ ତୁମର...
ପ୍ରୀତିର ପ୍ରାଚୁର୍ଯ୍ୟ ତମ ମନ ଓ ଚେହେରାରେ।
ଯଦିଓ ମୁଁ ନିଜକୁ ସମ୍ପୂର୍ଣ୍ଣ ବୋଲି ଭାବୁଛି,
ମୁଁ କିଛି ନୁହେଁ, ସବୁଠି ମୁଁ ତୁମକୁ ହିଁ ଭାବୁଛି...
ମୁଁ ତୁମକୁ, ମୋ' ଆତ୍ମାରେ,
ଏପରି ଭାବରେ ସ୍ଥାପିତ କରିଛି ଯେ,
ଏହାର ପ୍ରତ୍ୟେକ ଅଂଶ ତୁମର...
ମୁହାଣରେ ମିଶିଥିବା ସାଗର ଓ ନଦୀ ପରି,
ତୁମେ ଓ ମୁଁ ଏକାକାର। ■

ଅତିରିକ୍ତ ମହାନିର୍ଦ୍ଦେଶକ
ପତ୍ର ସୂଚନା ବ୍ୟୁରୋ
ଭାରତ ସରକାର, ଭୁବନେଶ୍ୱର



# ଆକାଶ ପରି ନିବିଡ଼





ନୃସିଂହ ତରାଇ

ତା' ହାତ ପାହାନ୍ତାରେ
ମୋ ଆଖିର ଅନେଶତ ଇଚ୍ଛା
ମାଗୁଥାନ୍ତି ମୋକ୍ଷ
ମାଟିରେ ନିଗୁଡୁଥାଏ
ପାହାନ୍ତିର ପ୍ରତିବିମ୍ବ
ଆକାଶ ସଂଚରୁ ଥାଏ ମୋ ଦେହ,
ଚେତନା ଓ ଭାବ ସମୁଦ୍ରରେ।

ସକାଳର ସଫେଦ ମୁହଁରେ
ଫୁଟେ କଇଁଫୁଲିଆ ହସ
ପ୍ରେମର ସୋରିଷ କ୍ଷେତରେ
ଆକାଶର ଅଭିସାର।
ଧୂଳିରେ ସଜାଅ କି ଫୁଲରେ ସଜାଅ
ଆକାଶ ଚିରକାଳ ପ୍ରେମିକର।

ଆକାଶ ଆଖିରେ
ସ୍ୱପ୍ନର ସମ୍ମୋହନ, ବେପଥୁ ବିରହ
ଝଲସୁ ଥାଏ ଝଲମଲ
ପ୍ରେମର ନୈବେଦ୍ୟ,
ନିବିଡ଼ତାର ଝରା ଫୁଲ।

ଆକାଶରେ ସ୍ୱପ୍ନ ସଜାଉଚି କେଉଁ
ଦୂର ବଣ ପାହାଡ଼ି ଝିଅର
ଦ୍ରାବିଡ଼ ଯୌବନ,
ମହୁଲ ଫୁଲର ବାସ୍ନାରେ ମହମହ ଜହ୍ନର
ଆଲୁଅ,
ତାରା ଖଚିତ ତାଳ ବଣ।

ମାଟିରେ ନିବନ୍ଧିତ ଚିରକାଳ ମୁଁ
ମାଟିର ବାସ୍ନା, ମାଟିର ଫୁଲ
ମାଟିର ମୋହ, ମାଟିର ମଳୟରେ
ସଜେଇଚି ଫୁଲ ଶେଯ।

ଜୀବନ ଦେଖୁଚି
ବିଶ୍ୱାସର ପୂର୍ଣ୍ଣ ଅଭିଳାଷ
ଭୋକିଲା ମଣିଷର ତୀବ୍ର କୋଳାହଳ,
ମୃତ୍ୟୁର ସମୁଦ୍ର ଡେଇଁ ତରତର
ଆଙ୍କିବାକୁ ଆକାଶରେ
ନିବିଡ଼ତାର ଚାନ୍ଦ ମୁହଁ। ■

ମୋ: ୭୯୭୮୩୮୧୨୧୩

# ଓଡ଼ିଆ କବିତାରେ ପ୍ରଣୟ ଦର୍ଶନ



ଅଧ୍ୟାପକ ବିପିନ ମହାନନ୍ଦ

ଏ ପୃଥିବୀର ସବୁ ପ୍ରେମିକ ନିଶ୍ଚୟ ଜଣେ ଜଣେ କବି ନୁହଁନ୍ତି ; କିନ୍ତୁ ସବୁ କବି ନିଶ୍ଚୟ ଜଣେ ଜଣେ ପ୍ରେମିକ ଅଟନ୍ତି। ପ୍ରେମ କରୁଥିବା ଜଣେ ଛଳଛଳ ହୃଦୟବାନ ମଣିଷ ହିଁ ପ୍ରେମ ଓ ଭଲପାଇବାର କବିତା ଲେଖିପାରେ । ଯିଏ ନାରୀକୁ ଭଲପାଏ, ନଦୀକୁ ଭଲପାଏ, ଯିଏ ଭଲପାଏ ପ୍ରକୃତିକୁ ଏବଂ ଈଶ୍ୱରଙ୍କୁ।

ଜଣେ କବି ତା'ର ପରବର୍ତ୍ତୀ ଜୀବନରେ ବିଦ୍ରୋହର କବିତା ଲେଖୁ କି ଦର୍ଶନ ଓ ମୃତ୍ୟୁ ଚେତନାର କବିତା ଲେଖୁ। ସେ କିନ୍ତୁ ତା'ର ଆଦ୍ୟ କବି ଜୀବନରେ ପ୍ରଣୟର କବିତା ଲେଖି କବି ଜୀବନର ଶୁଭାରମ୍ଭ କରିବା ଲାଗି ପ୍ରୟାସ କରିଥାଏ। ଖଣ୍ଡିଉଡ଼ା ଦେଉଥିବା ପକ୍ଷୀ ଶାବକ ଭଳି ଜଣେ ନୂଆ ନୂଆ ପ୍ରେମର କବିତା ହିଁ ଲେଖେ। ପ୍ରେମିକାର ଆଖି, ପ୍ରେମିକାର ଓଠ, ତା'ର ଗହନ କୁନ୍ତଳ, ହସିବାର ଶୈଳୀ,କଥା କହିବାର ତରିକା, ଚାଲିବାର ଭଙ୍ଗୀ, ତୀବ୍ର ଚାହାଣି ସବୁକିଛିକୁ ରାତି ତମାମ ବର୍ଣ୍ଣନା କରେ।

ତେଣୁ ପ୍ରଣୟକୁ ଉପେକ୍ଷା କରି କବିତା ନାହିଁ କି କବିତା ସରସ ସୁନ୍ଦର ହୋଇପାରେ ନାହିଁ। କବିତାର ମାନେ ପ୍ରେମର ପତ୍ର। ତେଣୁ ସବୁ ଭାଷାର ସବୁ ସାହିତ୍ୟରେ ପ୍ରେମ ଓ ପ୍ରାର୍ଥନାର କବିତା ନିଶ୍ଚୟ ଦୃଷ୍ଟି ଗୋଚର ହୋଇଥାଏ।

ପ୍ରେମ କବିତା ବିପ୍ଳବ କରେ ନାହିଁ କି ରାସ୍ତାରେ ଚକାବନ୍ଦ କରି ଧର୍ମଘଟ କରେ ନାହିଁ। ପ୍ରେମ କବିତାରେ କୌଣସି ପାରିବାରିକ, ସାମାଜିକ ଅଥବା ରାଜନୈତିକ ଷଡ଼ଯନ୍ତ୍ର ନଥାଏ। ଭାଗ୍ୟର ବିଡ଼ମ୍ବନାକୁ ବି ପ୍ରେମ କବିତା ଲେଖେ ନାହିଁ। ପ୍ରେମ ଓ ପ୍ରଣୟର କବିତା କେବଳ ସୁଷମା ଓ ଶାଳୀନତାକୁ ଅବଲୋକନ କରେ। ନିଃସର୍ତ୍ତ ଭାବରେ ଦୁଇଟି ଅନ୍ତରକୁ ଯୋଡ଼ିବାର ଯୋଜନା କରେ। ତେଣୁ ପ୍ରଣୟର କବିତା ମୃତ୍ୟୁ ସଂଜୀବନୀ ଔଷଧ ସଦୃଶ।

ସମଗ୍ର ବିଶ୍ୱ ସାହିତ୍ୟରେ ଓଡ଼ିଆ କବିତାରେ ପ୍ରଣୟ ଦର୍ଶନକୁ ଏକ ଭିନ୍ନ ମର୍ଯ୍ୟାଦା ଦିଆଯାଇପାରେ। ଓଡ଼ିଆ ସାହିତ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିବର ରାଧାନାଥ ରାୟ , ସଚ୍ଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂହ, ରମାକାନ୍ତ ରଥ ପ୍ରମୁଖ ଶତାଧିକ କବିଙ୍କ କବିତାରେ ପ୍ରେମର ଶାଶ୍ୱତ ମୂଲ୍ୟବୋଧକୁ ପାଠକମାନେ ଅନୁଭବ କରିଥାଆନ୍ତି। ପ୍ରଣୟ ହେଉଛି କବିତାର ଆତ୍ମା। ଏଧରଣର କବିତା ପାଠକକୁ ଚିର ସବୁଜ କରେ। ମୃତ୍ୟୁର ଭୟଠାରୁ ଦୂରେଇ ରଖେ। ବଞ୍ଚିବାର ଏକ ଅଫୁରନ୍ତ ଶକ୍ତି ଯୋଗାଏ। ଜୀବନକୁ ଏକ ଭିନ୍ନ ମୋଡ଼ ଦିଏ। ତେଣୁ 'ଭାଗବତ' ପଢ଼ିଲା ପରି କବିତାର ପ୍ରଣୟଭାବକୁ ସବୁ ବର୍ଗ ଓ ସ୍ତରର ପାଠକ ଗ୍ରହଣ କରନ୍ତି। ଏହି କବିତାର ଚେତନା ଏବଂ ଦର୍ଶନ ମନରେ କଦାପି କ୍ଲାନ୍ତି ଆଣେ ନାହିଁ। ବରଂ ଏକ ଅଭିନବ ଉପଲବ୍ଧି ଆଣିଦେଇଥାଏ।

ପ୍ରେମିକ କବି ମାୟାଧର ମାନସିଂହଙ୍କ "ସକଳେ ଡାକନ୍ତି ତମେ ତମେ ବୋଲି, ସେ ତମେର ମୂଲ ନାହିଁ / ତମେ ଯେବେ ମତେ ତମେ ବୋଲି କହ ଏତେ ମିଠା କାହିଁ ପାଇଁ ?" ଅଥବା "ଏଇ ସହକାର ତଳେ / ସେଦିନ ପ୍ରିୟାର କର କଙ୍କଣ ଭିଡ଼ିଥିଲା ମୋର ଗଳେ।" କବିତାର ଫଙ୍କି ପାଠକକୁ ବେଶ୍ ପ୍ରଲୁବ୍ଧ କରେ।

ପ୍ରେମିକା ସମର୍ପଣର ଏକ ପ୍ରତୀକ। ଯିଏ ବଞ୍ଚିବା ଲାଗି ଉତ୍ସାହିତ କରେ। ପ୍ରେମିକା ଦେହ ଦିଏ ନାହିଁ । ସ୍ନେହ ଓ ସହାନୁଭୂତି ଦିଏ। ପ୍ରେମିକାର ସ୍ଥାନ ସବୁବେଳେ ସ୍ୱତନ୍ତ୍ର। ସେ ଜାଗା ଆଉ କେହି ନେଇପାରେ ନାହିଁ । ତେଣୁ ଭାରତର ମନ୍ଦିରଗୁଡ଼ିକରେ ଶ୍ରୀକୃଷ୍ଣଙ୍କ ସହ ରାଧାଙ୍କୁ ପୂଜା କରାଯାଏ। କବି ଅଭିମନ୍ୟୁ, ବନମାଳୀ ଦାସ ପ୍ରମୁଖ କବିଗଣ ରାଧାଙ୍କ ପ୍ରଣୟକୁ ଅତି ଚମତ୍କାର ଭାବେ ଲେଖିଛନ୍ତି।

କବି ରାମାକାନ୍ତ ରଥ 'ଶ୍ରୀରାଧା'ରେ ରାଧାଙ୍କ ସମର୍ପଣର ଏକ ଚମତ୍କାର ଦର୍ଶନକୁ ଲେଖିଛନ୍ତି ! "ନିଅ ନିଅ ମୋ ପରମାୟୁର ଅବଶିଷ୍ଟ ମୁହୂର୍ତ୍ତରୁ ଅଧେ ନେଇଯାଅ / ତା' ବଦଳେ ମୋ ପାଖରେ ରହିଥିବା ମୁହୂର୍ତ୍ତମାନଙ୍କୁ ତମର ଆଗ୍ରହ ଦ୍ୱାରା ପୂର୍ଣ୍ଣ କରିଦିଅ / ମୁଁ କ'ଣ ମାଗିଲି ଖୁବ୍ ବେଶି/ ତାହେଲେ ଗୋଟିଏ ମୁହୂର୍ତ୍ତ ରଖି ସବୁ ନେଇଯାଅ।"

ଓଡ଼ିଆ କବିମାନେ ପ୍ରଣୟର କବିତା ଲେଖିଲାବେଳେ ପ୍ରଣୟିନୀକୁ ଏତେ ଉଚ୍ଚ ଆସନରେ ବସାଇଛନ୍ତି ଯେ, ସେମାନେ ପ୍ରଣୟିନୀରୁ ନାରାୟଣୀ ପାଲଟି ଯାଆନ୍ତି। ଏ ପୃଥିବୀରେ ଏତେ ନାରୀ ଥିବା ସତ୍ତ୍ୱେ କବିମାନେ ଏହି ନାରୀମାନଙ୍କ ସୌନ୍ଦର୍ଯ୍ୟରେ ସନ୍ତୁଷ୍ଟି ନହୋଇ ସେମାନେ ଆଉ ଏକ ନାରୀର ପରିକଳ୍ପନା କରିଛନ୍ତି। ଯେମିତି ରମ୍ଭା, ମେନକା, ଉର୍ବଶୀ ଏମିତି ଅନେକ ଗାନ୍ଧର୍ବୀ। କିନ୍ତୁ ପ୍ରେମ କରିବା ପାଇଁ ସ୍ୱର୍ଗ ଅପେକ୍ଷା ମର୍ତ୍ତ୍ୟ ହିଁ ଉପଯୁକ୍ତ ସ୍ଥଳୀ। ତେଣୁ ସ୍ୱର୍ଗର ଅପସରାମାନେ ମର୍ତ୍ତ୍ୟକୁ ଆସି ପ୍ରେମିକା ସାଜନ୍ତି ଏବଂ ମର୍ତ୍ତ୍ୟର ନାରୀମାନେ ପ୍ରେମିକା ସାଜି ଈଶ୍ୱରୀ ବନି ଯାଆନ୍ତି ! ତେଣୁ ଓଡ଼ିଆ କବିତାରେ ପ୍ରଣୟ ଦର୍ଶନ ଏତେ ଚିତ୍ତାକର୍ଷକ ଯେ, ତା'ର ଏହି ଦିଗ ସବୁବେଳେ ଭିନ୍ନତା ଦାବି କରେ।

ଓଡ଼ିଆ କବିତାର ଶିଳ୍ପୀ ଏମିତି ବୀର ଏବଂ ନିର୍ଭୀକ ଯେ, ଯୁବତୀ ନାରୀର ନାଭି ଓ ସ୍ତନକୁ ମଧ୍ୟ ଲେଖିବାର କାର୍ପଣ୍ୟ କରି ନାହାନ୍ତି। ତେଣୁ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି "ଆଜ ଦେଖିଲିରେ ନବୀନ ବୟସୀବାଳା / ପାଇଥାନ୍ତି ଯେବେ ସେ ଚନ୍ଦ୍ର ବଦନୀ କରିଥାନ୍ତି ଗଳାମାଳା !" ଏଭଳି ଅନେକ ଓଡ଼ିଆ କବିତାରେ ପ୍ରଣୟର ଦର୍ଶନ ବେଶ୍ ଚିତ୍ତାକର୍ଷକ ଭାବେ ପ୍ରତିଫଳିତ ହୋଇଛି, ଯାହା ପାଠକମାନଙ୍କୁ ମୋହାଚ୍ଛନ୍ନ କରିରଖେ। ■

କଳିଙ୍ଗ କଲେଜ
ରେଢ଼ାଖୋଲ, ଜି: ସମ୍ବଲପୁର
ମୋ: ୮୬୫୮୭୩୪୬୭୦

# ପୁସ୍ତକ ଓ ପତ୍ରିକା ପରିଚୟ

## ସୂର୍ଯ୍ୟସ୍ନାତା

### ସଂପାଦିକା: ସୁପ୍ରଭା ସାମଲ





ରାଜର୍ଷି, ଜର୍ଜ ହାଇସ୍କୁଲ ପଡ଼ିଆ ପାଖ
ଶିବାନନ୍ଦ ନଗର
ବରଗଡ଼-୭୬୮୦୨୮
ମୂଲ୍ୟ: ୮୦ ଟଙ୍କା

ତ୍ରୈମାସିକ ମହିଳା ସାହିତ୍ୟ ପତ୍ରିକା 'ସୂର୍ଯ୍ୟସ୍ନାତା'ର ଜୁନ୍-ଅଗଷ୍ଟ- ୨୦୨୬ ସଂଖ୍ୟା ପ୍ରକାଶ ପାଇଛି। ସୁପ୍ରଭା ସାମଲଙ୍କ ସଂପାଦନାରେ ପ୍ରକାଶ ପାଉଥିବା ଏହି ପତ୍ରିକାରେ ଓଡ଼ିଶାର ପ୍ରତିଷ୍ଠିତ ଓ ଯୁବ ଲେଖକଲେଖିକାଙ୍କ ଗପ, କବିତା, ପ୍ରବନ୍ଧ ଆଦି ପ୍ରକାଶ ପାଇଛି। ଏହି ସଂଖ୍ୟାରେ ଡକ୍ଟର ସୁଜିତ୍ କୁମାର ପୃଷେଠ୍‌ଙ୍କ 'ସମଲେଇପଦରର ବହ୍ନିକନ୍ୟା: ବାଏରୀ', ଡକ୍ଟର ଶେଷନ ବିଶିଙ୍କ 'ସମ୍ବଲପୁରୀ ଲୋକ ସଂଗୀତଜ୍ଞ ଓ ଗୀତିକାର ଗୁଣନିଧି ଦାଶ', ସୁଷମା ଦାଶଙ୍କ 'ଏକ ଏକ ଏକ ଉନ୍ମେଷର ହେତୁ ଶଶୀଭୂଷଣ ମିଶ୍ରଶର୍ମା 'ବୁଢ଼ାମାଷ୍ଟ୍ରେ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି। ସେହିପରି ଡ. ସଂଘମିତ୍ରା ରାଏଗୁରୁ, ଡ. ଅନୁପମା ବିଶ୍ୱାଳ, ଜିତେଶ୍ୱରୀ ଦାଶ, ପ୍ରବାସିନୀ ହୋତା, ଡ. ରବିନାରାୟଣ ସାହୁ, ମିନତି ଦାଶ ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ସେଭଳି ହେମାଙ୍ଗିନୀ ଦାଶ, କବିତା କୁମୁଦ ମେହେର, ଯଜ୍ଞେଶ୍ୱର ବିଶି ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି। ଅନୁବାଦ ଗପ, କବିତା, ସାକ୍ଷାତକାର, ହାଣ୍ଡିଶାଳ ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ମନଲାଖି ହୋଇଛି। 'ସୂର୍ଯ୍ୟସ୍ନାତା'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ଯୁବା ଚେହେରା

### ସଂପାଦକ: ବଳରାମ ବଗର୍ତ୍ତି





ପ୍ଲଟ୍ ନଂ: ୧୦୯, ମଧୁସୂଦନ ନଗର
ୟୁନିଟ୍-୪, ଭୁବନେଶ୍ୱର-୧
ମୂଲ୍ୟ: ୬୦ ଟଙ୍କା

ମାସିକ ସାହିତ୍ୟ ଓ ଫିଚରଧର୍ମୀ ପତ୍ରିକା 'ଯୁବା ଚେହେରା'ର ପ୍ରଥମ ସଂଖ୍ୟା ଅଗଷ୍ଟ-୨୦୨୬ ପ୍ରକାଶ ପାଇଛି। ବଳରାମ ବଗର୍ତ୍ତିଙ୍କ ସଂପାଦନାରେ ପ୍ରକାଶିତ ଏହି ପତ୍ରିକାରେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ, ଧର୍ମ, ସିନେମା, ସଂଗୀତ, ସାକ୍ଷାତକାର ଆଦି ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ଲେଖା ପ୍ରକାଶ ପାଇଛି। 'ପ୍ରଚ୍ଛଦ ପ୍ରସଙ୍ଗ'ରେ ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁଙ୍କ ' ଅରଣ୍ୟର ଅନାଲୋଚିତ ମହାଯୋଦ୍ଧା'ରେ ଓଡ଼ିଶାର ଜନଜାତି ସଂଗ୍ରାମୀମାନଙ୍କ ସଂପର୍କରେ ଏକ ଉଚ୍ଚକୋଟୀର ଲେଖା ପ୍ରକାଶ ପାଇଛି। ସେହିପରି ସୁଷମା ପରିଜାଙ୍କ 'ରକ୍ଷାବନ୍ଧନର ମହତ୍ତ୍ୱ', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ପିତୃ ପୂଜା' ଗପ, ସୁରେଶ ସାଗରଙ୍କ 'ସମୁଦ୍ର କୂଳର ଝିଅ' କବିତା ଆଦି ମନଛୁଆଁ ଲେଖା ପ୍ରକାଶ ପାଇଛି। ସେଭଳି 'ଯୁବ ଚେହେରା'ରେ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକ ସଂପର୍କରେ ଆଲେଖ୍ୟ, 'ସାକ୍ଷାତକାର'ରେ ସୋହନୀ ମିଶ୍ରଙ୍କ ସହିତ ଆଳାପ ପ୍ରକାଶ ପାଇଛି। 'ସ୍ୱାସ୍ଥ୍ୟମନ୍ତ୍ର', 'କ୍ୟାରିଅର୍', 'ବିଚିତ୍ର ବିଶ୍ୱ', 'ଫ୍ୟାସନ', 'ଲାଇଫ୍ଷ୍ଟାଇଲ୍', 'ମନୋରଞ୍ଜନ ଜଗତ' ଆଦି ବିଭାଗଗୁଡ଼ିକର ଲେଖାଗୁଡ଼ିକ ମଧ୍ୟ ଆକର୍ଷଣୀୟ ହୋଇଛି। 'ଯୁବା ଚେହେରା'ର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## କଥା ସରିତ ସାଗର

### ସନ୍ତୋଷ କୁମାର ମିଶ୍ର





ଗାୟତ୍ରୀ କୁମାର ନନ୍ଦ
ପଦ୍ମପୁର, ରାଜବୋଡ଼ାସମ୍ବର
ବରଗଡ଼
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୨୦୦ ଟଙ୍କା

କାଶ୍ମୀର ରାଜପଣ୍ଡିତ ସୋମଦେବ ଭଟ୍ଟଙ୍କ ରଚିତ 'କଥା ସରିତ ସାଗର' (ପ୍ରଥମ ଭାଗ) ର ଓଡ଼ିଆ ଅନୁବାଦ ପ୍ରକାଶ ପାଇଛି। ଏହାକୁ ସନ୍ତୋଷ କୁମାର ମିଶ୍ର ଅନୁବାଦ କରିଛନ୍ତି। ମଙ୍ଗଳାଚରଣରୁ ଆରମ୍ଭ କରି ଅଷ୍ଟମ ତରଙ୍ଗ ପର୍ଯ୍ୟନ୍ତ ଏହା ସୁଖପାଠ୍ୟ ଓ ହୃଦୟସ୍ପର୍ଶୀ ହୋଇଛି। ଏହି କଥା ସଂଗ୍ରହଟି ସମୁଦାୟ ଅଠର ଗୋଟିଏ ଲମ୍ବକ ବା ସରିତ (ଅଧ୍ୟାୟ) ରେ ବିଭକ୍ତ। ସେହିପରି ପ୍ରତ୍ୟେକ ଲମ୍ବକ ବା ସରିତକୁ କେତୋଟି ତରଙ୍ଗ (ପରିଚ୍ଛେଦ) ରେ ବିଭକ୍ତ କରାଯାଇଛି। ଏହି ପୁସ୍ତକର ପ୍ରଥମ ଲମ୍ବକ ହେଉଛି 'କଥାପୀଠ'। ସେଭଳି ବିଭିନ୍ନ ତରଙ୍ଗରେ 'ଶିବ-ପାର୍ବତୀଙ୍କ କଥପୋକଥନ', 'ଦିବ୍ୟ କଥା-ଚରିତ୍ର ବ୍ୟାଖ୍ୟାନ', 'ପୁଷ୍ପଦନ୍ତ ଓ କାଣଭୂତି', 'ବରରୁଚି, ଗୁରୁ ବର୍ଷ ଏବଂ ସହପାଠୀ', 'ବ୍ରାହ୍ମଣ ଭାତୃଦ୍ୱୟ', 'ବର୍ଷ ଓ ଉପବର୍ଷ', 'ପାଟଳିପୁତ୍ର ନଗରୀର ସଂସ୍ଥାପନ', 'ରାଜା ବ୍ରହ୍ମଦତ୍ତଙ୍କ ବୃତ୍ତାନ୍ତ', 'ବରରୁଚି ଏବଂ ଉପକୋଷା', 'ଉପକୋଷାଙ୍କ ଚାରି ପ୍ରେମିକ' ଆଦି ଉପାଖ୍ୟାନ ବର୍ଣ୍ଣନା କରାଯାଇଛି। କଥାରୂପୀ ତରଙ୍ଗଗୁଡ଼ିକ ପାଠକମାନଙ୍କୁ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଭାଇକୁ ବଞ୍ଚାଇବାକୁ ଯାଇ ଭାସିଗଲେ ଦିବ୍ୟାଙ୍ଗ ଭଉଣୀ

### ଉଭୟଙ୍କ ମୃତଦେହ ଉଦ୍ଧାର

ବାରିପଦା/କୁଆମରା,୧୨।୯ (ସମିସ): ମୃତ୍ୟୁ ଜଗିଥିଲା ନଦୀ ନିକଟରେ। କିଛି ସମୟ ବ୍ୟବଧାନରେ ଡକାଡକି ହୋଇ ଚାଲିଗଲେ ଭାଇଭଉଣୀ। ଖୁଣ୍ଟା ଥାନା ଅନ୍ତର୍ଗତ ଗଡିଗାଁ ପଞ୍ଚାୟତ ମହ୍ଲାରପଦା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ଅପରାହ୍ନରେ ମହ୍ଲାରପଦା ଗ୍ରାମର ପରମେଶ୍ୱର ନାଏକ (୩୨) ଗ୍ରାମ ନିକଟସ୍ଥ କେନାଲକୁ ମାଛ ଧରିବାକୁ ଯାଇଥିଲେ। ଅସାବଧାନତା ବଶତଃ କେନାଲ ପାଣିରେ ପଡିଯାଇ ବାହାରି ପାରି ନ ଥିଲେ। ଭାଇ ଘରକୁ ଫେରିବା ବିଳମ୍ବ ହେବାରୁ ଦିବ୍ୟାଙ୍ଗ ଭଉଣୀ ନନ୍ଦିନୀ (୪୫) ଭାଇକୁ ଖୋଜିବାକୁ ଯାଇ କେନାଲରେ ପଡିଥିବା ଦେଖି ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଉଠାଇ ପାରି ନ ଥିଲେ। ତେବେ ନାଲୁହା ନଦୀର ବିପରୀତ ପାର୍ଶ୍ୱରେ କରକଚିଆ ପଞ୍ଚାୟତ ଦୁବରାଜପୁରରେ




ବନ୍ଧୁ ଘର ଥିବାବେଳେ ସେମାନଙ୍କ ସାହାଯ୍ୟ ପାଇଁ ନନ୍ଦିନୀ ନଦୀ ପାରି ହୋଇ ଡାକିବାକୁ ଯାଉଥିଲେ। ମାତ୍ର ନଦୀର ସ୍ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ମଧ୍ୟ ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କରିପାରି ନ ଥିଲେ। ଶନିବାର ଖୁଣ୍ଟା ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟର କସରତ ପରେ ଦିବ୍ୟାଙ୍ଗ ନନ୍ଦିନୀକୁ ଘର ନିକଟରୁ ଗୋଟିଏ କିଲୋମିଟର ଦୂରରେ ଉଦ୍ଧାର କରିଥିଲେ। ଏଥିସହ କେନାଲରୁ ପରମେଶ୍ୱରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଖୁଣ୍ଟା ଥାନା ପୁଲିସ ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନାକୁ ପଠାଇଥିବାବେଳେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ହାଇଦରାବାଦରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

ବାରିପଦା/ଶୁଳିଆପଦା, ୧୨।୯ (ସମିସ): ହାଇଦରାବାଦର ଏକ ହଷ୍ଟେଲରେ ରହି କାମ କରୁଥିବା ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଧାଡିକା ପଞ୍ଚାୟତ ଅଧୀନ ଡୁମୁରିଆ ଗ୍ରାମର ଜଣେ ଯୁବକଙ୍କୁ ଗୁରୁବାର ରାତିରେ ନିର୍ମମ ଭାବେ ହତ୍ୟା କରାଯାଇଛି। ଡୁମୁରିଆ ଗ୍ରାମର ସ୍ୱର୍ଗତ ଶମ୍ଭୁନାଥ ରାଜଙ୍କ ପୁଅ ଶଶୀଧର ରାଜ ରୋଜଗାର ଆଶା ନେଇ ହାଇଦରାବାଦ ଯାଇଥିଲେ। ସେଠାରେ ଥିବା ଏକ ଘରୋଇ ହଷ୍ଟେଲ ରହି କାମ କରୁଥିଲେ। ଗତ ମେ ମାସରେ ଘରକୁ ବୁଲିବାକୁ ଆସିଥିବାବେଳେ ପତ୍ନୀଙ୍କୁ ମଧ୍ୟ ସାଙ୍ଗରେ ନେଇଯାଇଥିଲେ। ସେଠାରେ ସ୍ୱାମୀ-ସ୍ତ୍ରୀ ରହି କାମ କରୁଥିଲେ। ଗୁରୁବାର ରାତିରେ ତାଙ୍କ ପତ୍ନୀ ରୁମରେ ଥିବାବେଳେ ଶଶୀଧର କୌଣସି କାମରେ ବାହାରକୁ ଯାଇଥିଲେ। ଏତିକିବେଳେ ଜଣେ ବ୍ୟକ୍ତି ହଠାତ୍ ଏକ ଭୁଜାଲି ଧରି ଆସି ରାସ୍ତାରେ ଶଶୀଧରଙ୍କୁ ଆକ୍ରମଣ କରିବା ସହ ତାଙ୍କ ଛାତିରେ ବାରମ୍ବାର ଭୁଜାଲି ଭୁସି ଦେଇଥିଲେ। ଏହି ଲୋମଟାଙ୍କୁରା ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଯାହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। ରାୟଦୃଗମ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାଜନିତ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ନେଇ ତାଙ୍କ ନିକଟ ସମ୍ପର୍କୀୟଙ୍କଠାରୁ ସୂଚନା ମିଳିଛି।



ମୃତ ଶଶୀଧର ଜଣେ ଗରିବ ପରିବାରର ହୋଇଥିବାବେଳେ ଘରେ ଥିବା ଦୁଇ ନାବାଳିକା ଓ ଜଣେ ନାବାଳକ ପୁଅଝିଅ ଅସହାୟ ହୋଇପଡ଼ିଛନ୍ତି। ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ସହ ଘଟଣାର ପ୍ରକୃତ କାରଣ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏ ନେଇ ଶଶୀଧରଙ୍କ ଭାଉଜ ସୌଭାଗ୍ୟଲତା ରାଜ କହିଛନ୍ତି, ଅର୍ଥାଭାବରୁ ଶବ ଗାଁକୁ ଆଣିବା ସମ୍ଭବ ନ ହେବାରୁ ସେଠାରେ ସତ୍କାର କରାଯାଇଛି। ଏବେ ସେଠାକାର ପୁଲିସ ପାଖରେ ମୋବାଇଲ

### ସିସି କ୍ୟାମେରାରେ ଛାତିଥିରା ଦୃଶ୍ୟ

ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ। ତେବେ ଶଶୀଧରଙ୍କ ସ୍ତ୍ରୀ ଦେବଯାନୀ ରାଜ କେମିତି ଘରକୁ ଫେରିବେ ଓ ଶଶୀଧରଙ୍କୁ କେମିତି ନ୍ୟାୟ ମିଳିବ, ସେ ଏନେଇ ଚିନ୍ତାରେ ଅଛନ୍ତି ପରିବାର ଲୋକେ। ଅପରପକ୍ଷରେ ଡମୁରିଆ ଗାଁରେ ଥିବା ଶଶୀଧର ଦୁଇ ଝିଅ ଓ ପୁଅ ବାପାମାଙ୍କୁ ଚାହିଁ ବସିଛନ୍ତି। ବାପାଙ୍କ ଖବର ଦେଖି ପୁଅଝିଅଙ୍କ ଆଖିରୁ ଲୁହ ଶୁଖୁ ନ ଥିବାବେଳେ ମା' କେମିତି ଭଲରେ ଘରକୁ ଫେରିବଳ ସେନେଇ ଚିନ୍ତାରେ ପୁଅଝିଅ। ବଡ଼ ଝିଅ ମିଥାଲି ରାଜ ଗୁରୁବାର ସକାଳେ ବାପାଙ୍କ ସହିତ କଥା ହୋଇଥିଲେ। ବାପା କହିଲେ ମୁଁ ଟଙ୍କା ପଠାଉଛି ତୁ ସାନ ଭାଇର ସ୍କୁଲ ଫି' ଦେବୁ ଓ ସାନଭଉଣୀ କଥା ବୁଝୁଥିବୁ। ଏବେ ମାଆ କେମିତି ଭଲରେ ଘରକୁ ଫେରିବ ଓ ବାପାଙ୍କ ହତ୍ୟାକାରୀଙ୍କୁ କୋଠର ଦଣ୍ଡ ଦେବାକୁ ଦାବି କରିଛନ୍ତି ବଡଝିଅ ମିଥାଲି ରାଜ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପଡ଼ିଶା ଲୋକେ ଅନୁରୋଧ କରି କହିଛନ୍ତି ଯେ ଶଶୀଧରଙ୍କ ସ୍ତ୍ରୀ କିପରି ଭଲରେ ଘରକୁ ଫେରିବେ ଓ ଶଶୀଧରଙ୍କ ହତ୍ୟାକାରୀଙ୍କୁ କିପରି କଠୋର ଦଣ୍ଡ ମିଳିବ, ସେନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଓରାଙ୍ଗଉଟାନ ଉଦ୍ଧାର ଘଟଣା: ସିବିଆଇ -ଏନ୍ଆଇଏ ତଦନ୍ତ ଦାବି କଲେ ବିଜେଡି ବିଧାୟକ

ଭୁବନେଶ୍ୱର,୧୨।୯ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳରୁ ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ ମାମଲାରେ ଅନ୍ତର୍ଜାତୀୟ ତସ୍କରୀ ଗ୍ୟାଙ୍ଗର ହାତ ରହିଛି ବୋଲି ସାଧାରଣରେ ସନ୍ଦେହ ବଢ଼ିବାରେ ଲାଗିଛି। ଏପଟେ ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି

- ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି
- ଅନ୍ତର୍ଜାତୀୟ ତସ୍କରୀ ଗ୍ରୁପର ହାତ ରହିଛି ବୋଲି ସନ୍ଦେହ ପ୍ରକାଶ ପାଇଛି

ବୋଲି ମତବ୍ୟକ୍ତ କରିଛନ୍ତି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଚାଲିଥିବା ବେଳେ ଏହା ଦେଶର ସୁରକ୍ଷା ବ୍ୟବସ୍ଥା ସହିତ ଜଡ଼ିତ ଥିବାରୁ ମାମଲାର ତଦନ୍ତ ସିବିଆଇ ବା ଏନଆଇଏ ଦ୍ୱାରା କରାଯାଉ ବୋଲି ବିଧାୟକ ଶ୍ରୀ ଦାସ ଦାବି କରିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ ବିଧାୟକ ଶ୍ରୀ ଦାସ କହିଥିଲେ ଯେ ଭୋଗରାଇ ଅଞ୍ଚଳରୁ ୫ଟି ଓରାଙ୍ଗଉଟାନ ଉଦ୍ଧାର ହେବାକୁ ନେଇ ଜନସାଧାରଣଙ୍କ ମନରେ କୌତୁହଳ ସୃଷ୍ଟି ହୋଇଛି । ଓରାଙ୍ଗଉଟାନ ମୁଖ୍ୟତଃ ଇଣ୍ଡୋନେସିଆ ଓ ମାଲେସିଆ ଭଳି ଦେଶ ମାନଙ୍କରେ ଦେଖିବାକୁ ମିଳନ୍ତି। ଏହା ଏକ ବିରଳ ପ୍ରଜାତିର ପ୍ରାଣୀ ହୋଇଥିବା ବେଳେ କିଭଳି ଭାବେ ସୁଦୂର ଇଣ୍ଡୋନେସିଆ ବା ମାଲେସିଆରୁ ଭୋଗରାଇ ପର୍ଯ୍ୟନ୍ତ ଆସିପାରିଲା ? ଏହି ପ୍ରାଣୀ ମାନଙ୍କ ଚାଲାଣ ଅନ୍ତର୍ଜାତୀୟ ବନ୍ୟଜନ୍ତୁ ତସ୍କରୀ ଗ୍ରୁପ ଦ୍ୱାରା କରାଯାଇଛି ବୋଲି ସନ୍ଦେହ କରାଯାଉଛି। ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ଏହି ତସ୍କରୀ ଗ୍ରୁପ ବିରଳ ପ୍ରାଣୀଙ୍କୁ ଏତେ ଦୂର ଆଣିପାରିଲା, ତାହେଲେ ଏହିପଥଦେଇଦେଶରଶତ୍ରୁମାନେମଧ୍ୟପ୍ରବେଶ କରିପାରନ୍ତି । ପାଞ୍ଚ ପାଞ୍ଚଟି ଓରାଙ୍ଗଉଟାନ ଏଠାରେ ପହଞ୍ଚିବାକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଘୁରି ବୁଲୁଛି। ସେ ଆହୁରି କହିଥିଲେ ଯେ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଠାରେ



ଗୋଳାବାରୁଦ ପରୀକ୍ଷା କେନ୍ଦ୍ର ରହିଛି ଓ ଏପିଜେ ଅବଦୁଲ କଲାମ ଦ୍ୱିପରେ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ରହିଛି । ଅପରାଧୀ ମାନେ ସଫଳତାର ସହିତ ଯଦି ଭୋଗରାଇ ପର୍ଯ୍ୟନ୍ତ ପହଞ୍ଚି ପାରୁଛନ୍ତି ତାହେଲେ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ କଷ୍ଟକର ହେବ ନାହିଁ। ଯେହେତୁ ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି, ଏହାର ତଦନ୍ତ ସିବିଆଇ କିମ୍ବା ଏନଆଇଏ ଦ୍ୱାରା କରାଯାଉ ବୋଲି ସେ ଦାବି କରିଛନ୍ତି।

## ବ୍ରିକ୍ସ ସମ୍ମିଳନୀରେ ମନ ଜିଣିଲା କୋରାପୁଟର ସ୍ୱାଦ

ଭୁବନେଶ୍ୱର,୧୨।୯ (ସମିସ):'ଭୋକାଲ୍ ଫର୍ ଲୋକାଲ୍'ର ନାରାକୁ ପ୍ରତିଫଳିତ କରି କୋରାପୁଟ କଫି ଏବେ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ପାଇଁ ଖ୍ୟାତି ଆଣି ଦେଇଛି। କୋରାପୁଟର କଫି ବଗିଚାରୁ ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ପହଞ୍ଚିଛି ଓଡ଼ିଶାର ସ୍ୱାଦ। କୋରାପୁଟର ପୂର୍ବଘାଟ ପର୍ବତମାଳାରେ ଆଦିବାସୀ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପ୍ରିମିୟମ ଆରବିକା କଫି 'ଟାଇଗର ବ୍ରାଇଟ୍', ବ୍ରିକ୍ସ ସମ୍ମିଳନୀରେ ଏହା ବିଶ୍ୱବାସୀଙ୍କୁ ଓଡ଼ିଶାର ସ୍ୱାଦ ସହ ପରିଚିତ କରାଇବା ସହ ଆଦିବାସୀ ଉଦ୍ୟୋଗ, ମୂଲ୍ୟ ବୃଦ୍ଧି ଏବଂ ସ୍ଥାୟୀ ଜୀବିକାରେ ଅପାର ସମ୍ଭାବନାକୁ ପ୍ରଦର୍ଶିତ କରୁଛି। କୋରାପୁଟର ଆଦିବାସୀ ସମ୍ପ୍ରଦାୟ ପାଇଁ 'ଟାଇଗର ବ୍ରାଇଟ୍'ର ଏହି ସଫଳତା କେବଳ ଏକ କଫି ବ୍ରାଣ୍ଡର କାହାଣୀ ନୁହେଁ ବରଂ ଏହା ସେମାନଙ୍କ ପାଇଁ ନୂତନ ସୁଯୋଗ ଆଣି ଦେଇଛି। ଓଡ଼ିଶା ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟିଡିସିସିଓଏଲ)ର ସମ୍ପୂର୍ଣ୍ଣ ସହଯୋଗରେ କିଣିବା, ଶୁଖାଇବା, ଗ୍ରେଡିଂ, ପ୍ରକ୍ରିୟାକରଣ ଏବଂ ବିପଣନ (ମାର୍କେଟିଂ) ପ୍ରକ୍ରିୟା ଶେଷ ହେବା ପରେ ଏହା ଗ୍ରାହକଙ୍କ ପାଖରେ ପହଞ୍ଚିଥାଏ। ୨୦୧୯ ମସିହା ସେପ୍ଟେମ୍ବର ୧୧ ତାରିଖରେ 'କୋରାପୁଟ କଫି' ବ୍ରାଣ୍ଡର ଶୁଭାରମ୍ଭ ହୋଇଥିବାବେଳେ ଆଦିବାସୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ କଫି ପାଇଁ ଏକ ସୁବ୍ୟବସ୍ଥିତ ବଜାର ସୃଷ୍ଟି କରିବା ସହ ଆର୍ଥିକ ଲାଭର ଏକ ବଡ଼ ଅଂଶ ଚାଷୀଙ୍କ ପାଖରେ ପହଞ୍ଚିପାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଉକ୍ତ ଲକ୍ଷ୍ୟ ଏବେ ବାସ୍ତବ ରୂପ ନେଉଛି। ନଗଦ କାରବାର ବଦଳରେ ସିଧାସଳଖ ଡିଜିଟାଲ୍ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ଆଦିବାସୀ କଫି ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧.୦୭ କୋଟି ଟଙ୍କା ଟିଡିସିସିଓଏଲ ଦ୍ୱାରା



### 'ଟାଇଗର ବ୍ରାଇଟ୍' ଜରିଆରେ ବିଶ୍ୱ ଦରବାରରେ ଓଡ଼ିଶା କଫି

ପ୍ରଦାନ କରାଯାଇଛି। ଏହି ପ୍ରିମିୟମ ଆରବିକା ବ୍ଲେଣ୍ଡରେ ଅରେଞ୍ଜ୍, ଲେମନ୍ ଏବଂ ସ୍ୱିଟ୍ ଲାଇମ୍ ଫ୍ଲେଭର ସହ କାରାମେଲ, ଚୋକୋଲେଟ୍ ଏବଂ କୋକୋଆ ସ୍ୱାଦ ରହିଛି। କୋରାପୁଟ କଫି ଦୁଇ ଥର 'ଫାଇନ୍ କପ୍ ଆୱାର୍ଡ' ଜିତିବା ସହ କଫି ବୋର୍ଡର 'ଫ୍ଲେଭର ଅଫ୍ ଇଣ୍ଡିଆ ଫାଇନ୍ କପ୍ ୨୦୨୪' ରେ ଚତୁର୍ଥ ସ୍ଥାନ ହାସଲ କରିଛି। କୋରାପୁଟର ମାଟିରେ ଆଦିବାସୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଏହି କଫି ଏବେ ଓଡ଼ିଶାର ସୀମା ଅତିକ୍ରମ କରି ଭାରତର ବିବିଧତା ଓ ସ୍ଥାନୀୟ ଉଦ୍ୟମର ଏକ ସୁଗନ୍ଧିତ ପ୍ରତୀକ ଭାବେ ବିଶ୍ୱ ମଞ୍ଚରେ ନିଜର ଉପସ୍ଥିତି ଦେଇଛି।

## ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ଲାଗି କଟକ ପାନ୍ଥର୍ସ ପ୍ରସ୍ତୁତ

କଟକ,୧୨।୯ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଚଳିତ ସେପ୍ଟେମ୍ବର ୨୦ରୁ ୨୯ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡ଼ିୟମରେ ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ଖେଳାଯିବ। ଏଥିପାଇଁ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଭାରତ ମସଲା ଭିତ୍ତିକ ଫ୍ରାଞ୍ଚାଇଜ୍ କଟକ ପାନ୍ଥର୍ସ ପକ୍ଷରୁ ଶନିବାର ନରାଜସ୍ଥିତ କମ୍ପାନୀ ପରିସରରେ ଖେଳାଳିଙ୍କୁ ସ୍ୱାଗତ କରାଯାଇଥିଲା। ଦଳର ଅଧିନାୟକ ବିପ୍ଳବ ସାମନ୍ତରାୟ, ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକଙ୍କ ସମେତ ଭାରତ ମସଲା ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା, ଦିଗନ୍ତ ପଣ୍ଡା, ଆଶୁତୋଷ ପଣ୍ଡା, ଏସ୍ ଏନ୍ ମିଲେନିୟମ, ମୁଖ୍ୟ ପରିଚାଳକ ବିପିନ ରାଉତ, ମୁଖ୍ୟ ପରିଚାଳକ (ଅପରେସନ) ଅରୁଣ ନାୟକ, ମୁଖ୍ୟ ପରିଚାଳକ (ପ୍ରଡକ୍ସନ) ନବକୃଷ୍ଣ ପ୍ରଧାନ ପ୍ରମୁଖଙ୍କ ସମେତ କମ୍ପାନୀର ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।




ଦଳର ପ୍ରତ୍ୟେକ ଖେଳାଳି ଉତ୍ସାହିତ ଅଛନ୍ତି। ଗତବର୍ଷର ଅଭିଜ୍ଞତା ଓ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକଙ୍କ ପ୍ରଶିକ୍ଷଣରେ ଦଳ ଭଲ ପ୍ରଦର୍ଶନ ନେଇ ଦୃଢ଼ ଆଶାବାଦୀ ରହିଛି। ଭାରତ ମସଲା କମ୍ପାନୀ କ୍ରୀଡ଼ାକୁ ଯେଉଁଭଳି ଖେଳାଳିଙ୍କୁ ପ୍ରୋତ୍ସାହିତ କରୁଛି ତାହା ରାଜ୍ୟର କ୍ରୀଡ଼ାବିତଙ୍କ ପାଇଁ ବହୁତ ଭଲ ଖବର। କ୍ରିକେଟରେ ପ୍ରଥମ ଥର ପାଇଁ ଭାରତ ମସଲା ସାମିଲ ହୋଇଛି। ଯାହାଦ୍ୱାରା ରାଜ୍ୟର କ୍ରିକେଟ ଆଗକୁ ବଢ଼ିବାରେ ସହାୟକ ହେବା ସହ ଯୁବ ଖେଳାଳିମାନେ ପ୍ରୋତ୍ସାହିତ ହୋଇପାରିବେ ବୋଲି ବିପ୍ଳବ କହିଛନ୍ତି। ଏହି ପ୍ରତିଯୋଗିତାରେ ଯୁବ ଖେଳାଳିମାନେ ଦକ୍ଷତା ପ୍ରଦର୍ଶନ ସହ ଆଇପିଏଲରେ ଖେଳିବାର ସୁଯୋଗ ପାଇପାରିବେ। ଭାରତ ମସଲା ଉକ୍ତ କ୍ରିକେଟ ଲିଗ୍‌ରେ ସାମିଲ ହେବା ରାଜ୍ୟ କ୍ରିକେଟ ପାଇଁ ଶୁଭଙ୍କର। କଟକ ପାନ୍ଥର୍ସରେ ଯୁବ ଓ ଅଭିଜ୍ଞ ଖେଳାଳି ରହିଛନ୍ତି। ଲିଗ୍‌ରେ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ବୋଲି ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକ କହିଛନ୍ତି।

କ୍ରିକେଟକୁ ପ୍ରୋତ୍ସାହିତ କରିବା ଓ ଯୁବ ପ୍ରତିଭାଙ୍କୁ ଆଗକୁ ଆଣିବା ଲାଗି ମସଲା କମ୍ପାନୀ ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିରେ ସାମିଲ ହୋଇଛି। ଲିଗରେ ୬ଟି ଦଳ ଅଂଶଗ୍ରହଣ କରିବେ। ପଡ଼ିଆରେ ପୂର୍ଣ୍ଣ ଆତ୍ମବିଶ୍ୱାସ ସହକାରେ ବିଜେତାଙ୍କ ଭଳି ଖେଳିବାକୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ଭାରତ ମସଲା କମ୍ପାନୀ କ୍ଷେତ୍ରରେ ଯେଉଁଭଳି ସୁନାମ ଅର୍ଜନ କରିଛି କ୍ରୀଡ଼ାରେ ମଧ୍ୟ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବାରେ ପଛାଇ ନାହିଁ। ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିରେ କଟକ ପାନ୍ଥର୍ସ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଚେୟାରମ୍ୟାନ ସୁରେନ୍ଦ୍ରନାଥ ପଣ୍ଡା କହିଥିଲେ।

**କଟକ ପାନ୍ଥର୍ସ ଦଳ:** ବିପ୍ଳବ ସାମନ୍ତରାୟ(ଅଧିନାୟକ), ଡି ଆୟୁଷ, ଗୌତମ ଗୋପାଳ, ସୌମ୍ୟରଞ୍ଜନ ବିଶ୍ୱାଳ, ଶିବୁନ ନନ୍ଦ, ଅଭିରୂପ ଦାସ, ସାର୍ଥକ ପ୍ରକାଶ, ଶୁଭାଶିଷ ମଲ୍ଲିକ, ରାଜ୍ ଯାଦବ, ପ୍ରିୟାଂଶୁ ମହାନ୍ତି, ପୀୟୁଷ ମନ୍ତ୍ରୀ, ଅଭିଷେକ ସିଂହ, ପ୍ରଶାନ୍ତ ରାଣା, କାର୍ତ୍ତିକ ବିଶ୍ୱାଳ, ସୌରଭ ଗୌଡ଼, ଶୁଭମ ଶତ୍ରୁଜିତ। ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକ।

## ଅବଶିଷ୍ଟାଂଶ...

### ୫୯ଟି ପ୍ଲାଣ୍ଟରେ...

ମେଗାୱାଟ୍ ୟୁନିଟ୍ ନମ୍ବର-୧ ବନ୍ଦ ହୋଇଯାଇଛି, ଯାହା ବିଦ୍ୟୁତ୍ ସଙ୍କଟକୁ ଆହୁରି ବଢ଼ାଇଦେଇଛି। ରୋପର ଥର୍ମାଲ୍ ପାୱାର ଷ୍ଟେସନର ୨୧୦ ମେଗାୱାଟ୍ ୟୁନିଟ୍ ନମ୍ବର ୬ ଏବଂ ତାଲୱାଣ୍ଡି ସାବୋ ଥର୍ମାଲ୍ ପାୱାର ଷ୍ଟେସନର ୬୬୦ ମେଗାୱାଟ୍ ୟୁନିଟ୍ ନମ୍ବର ୨ ପୂର୍ବରୁ ବନ୍ଦ ହୋଇସାରିଛି। ଅପରପକ୍ଷେ ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରଣଜିତ ସାଗର ପାୱାର ପ୍ଲାଣ୍ଟର ୩୦୦ ମେଗାୱାଟ୍ ୟୁନିଟ୍ ନମ୍ବର ୩ ଏବଂ ୪ ଏବଂ ୟୁବିଆଇଡିସିର ତିନୋଟି ୟୁନିଟ୍ ଅଚଳ ହୋଇପଡ଼ିଛି।

### ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟରେ...

କବାଟ କାଚ ଭାଙ୍ଗି ଚୁରମାର୍ ହୋଇଯାଇଥିଲା। ସେଠାରେ ନିୟୋଜିତ ଜେସିବି ଚାଳକ ଚାମ୍ବର କାଚ ବି ଭାଙ୍ଗି ଯାଇଥିଲା। ଭଙ୍ଗା କାଚ ଖଣ୍ଡ ଆଘାତରେ କାର୍ଯ୍ୟରତ ଜେସିବି ଚାଳକ ଗୁରୁତର ଆହତ ହୋଇଥିଲେ। ଏହାଛଡା ସେଠାରେ କାର୍ଯ୍ୟରତ ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକ କାଚ ଖଣ୍ଡ ଆଘାତ ଏବଂ ଗରମ ପାଣି ପଡ଼ିବାରୁ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ଦୁର୍ଘଟଣା ପରେ ଘଟଣା ଯେପରି ପ୍ରଘଟ ନ ହେବ ସେଥିପାଇଁ କାରଖାନା ପକ୍ଷରୁ ଆପ୍ରାଣ ଉଦ୍ୟମ ଚାଲିଛି। ଏପରିକି କାରଖାନାର ମୁଖ୍ୟ ଫାଟକକୁ ବନ୍ଦ କରି ଦିଆଯାଇଥିଲା। କାରଖାନା ଭିତରକୁ କୌଣସି ଲୋକଙ୍କ ପ୍ରବେଶ ଏବଂ କାରଖାନା ଭିତରୁ କୌଣସି କର୍ମଚାରୀଙ୍କ ବାହାରକୁ ଯିବା ଉପରେ କଟକଣା ଲଗାଯାଇଥିଲା। ତେବେ ଖବର ପାଇ କୋଇଡ଼ା ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦୁର୍ଘଟଣାରେ କେହି ବେଶୀ କିଛି ଆହତ ହୋଇନଥିବାରୁ ଏ ନେଇ କୌଣସି ମାମଲା ରୁଜୁ ହୋଇନି ବୋଲି ସେ କହିଛନ୍ତି। ସେପଟେ ରାଉରକେଲାସ୍ଥିତ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ଇ. ବିଭୁ ପ୍ରସାଦ କହିଛନ୍ତି, ଏସ୍ଏମ୍ଏସ୍-୨ ଇଣ୍ଡକ୍ସନ ଫର୍ଣ୍ଣେସରେ ଟିଲଟିଂ ଫର୍ଣ୍ଣେସ୍ ଭିତରେ ରହି ଯାଇଥିବା କିଛି ପରିମାଣର ଏଣ୍ଟ୍ରାପ୍ଡ଼ ଗ୍ୟାସ୍ ଫର୍ଣ୍ଣେସ୍ ବାହାରକୁ ବାହାରି ଆସିଥିଲା। ଫଳରେ ଆଖପାଖ ଅଞ୍ଚଳ ସମ୍ପୂର୍ଣ୍ଣ ଧୂଆଁମୟ ହୋଇଯାଇଥିଲା। ତେବେ ଏହି ଦୁର୍ଘଟଣାରେ କେହି ଆହତ ହୋଇନଥିବା କାରଖାନା ପକ୍ଷରୁ ସୂଚନା ଦିଆଯାଇଛି ବୋଲି ସେ କହିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ହେବ ବୋଲି ସେ କହିଛନ୍ତି। ତେବେ ପୁଲିସ ଓ ତାଙ୍କ ସୂଚନାରେ କୌଣସି ତାଳମେଳ ରହୁ ନ ଥିବାରୁ ଘଟଣାଟି ଅତ୍ୟନ୍ତ ସନ୍ଦେହଜନକ ମନେ ହେଉଛି। ଆଜି ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟର ଏସ୍ଏସ୍ଏସ୍-୨ରେ ଦୁର୍ଘଟଣା ତ ଘଟିଛି ଏଥିରେ କୌଣସି ଦ୍ୱିମତ ନାହିଁ; କିନ୍ତୁ ଦୁର୍ଘଟଣାର ତୀବ୍ରତା କେତେ ଥିଲା, ଦୁର୍ଘଟଣାରେ କେତେ ଜଣ ଗୁରୁତର ହୋଇଛନ୍ତି, ସେମାନଙ୍କୁ କେଉଁଠି ଚିକିତ୍ସା କରାଯାଉଛି, ଏହି ଦୁର୍ଘଟଣା ପାଇଁ କିଏ ଦାୟୀ, ସେଠାରେ ସୁରକ୍ଷା ବ୍ୟବସ୍ଥା କିପରି ଥିଲା ଏ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ। ଦୁର୍ଘଟଣାକୁ ଚପାଇଦେବାକୁ ଉଦ୍ୟମ ଚାଲିଛି କି? ସେ ନେଇ ନାନା ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଥିବାରୁ ସମସ୍ତ ଘଟଣା ଉପରୁ ପରଦା ଉଠିବା ନେଇ ଆଶଙ୍କା ରହିଛି। ଏତେବଡ଼ ଦୁର୍ଘଟଣା ସତ୍ତ୍ୱେ କୋଇଡ଼ାର କୌଣସି ଶ୍ରମିକ ସଂଗଠନ ନେତା ମୁହଁ ନ ଖୋଲିବା କି ବିଧାୟକ କୌଣସି ବିବୃତି ନ ଦେବା ମଧ୍ୟ ସମସ୍ତଙ୍କୁ ବିସ୍ମିତ କରିଛି।

### ବିଭିନ୍ନ ସ୍ଥାନରେ...

ପାଣି ଚାଲୁଥିବାରୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ପାଙ୍ଗାମ, କାଙ୍ଗରୁକୋଣ୍ଡା, ଏମ୍‌ଭି- ୯୦, କନ୍ୟାଶ୍ରମ ଓ ଏମ୍‌ଭି-୭ ଅଞ୍ଚଳରେ ମଧ୍ୟ ଯାତାୟାତ ପ୍ରଭାବିତ ହୋଇଛି। କୋରକୋଣ୍ଡା ବ୍ଲକର ନୀଳାକାମ୍ବେରୁ ପଞ୍ଚାୟତ ଅଧୀନ ଦୁଇଟି ଗ୍ରାମ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଛି। ପ୍ରବଳ ବର୍ଷା କାରଣରୁ ବିଭିନନ୍ ସ୍ଥାନରେ ଅଟକିଥିବା ୪୦୦ରୁ ଉଦ୍ଧ୍ୱର୍ ଯାତ୍ରୀଙ୍କୁ ପ୍ରଶାସନ ପକ୍ଷରୁ ଶୁଖିଲା ଓ ରନ୍ଧା ଖାଦ୍ୟ ସହ ପାଣି ଯୋଗାଇ ଦିଆଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିଛି। ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ବେଳେ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ ପ୍ରତିକ୍ରିୟା ବାହିନୀ ଓ ଅଗ୍ନିଶମ ବାହିନୀକୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ସମୀକ୍ଷା କରିଛନ୍ତି। ତଳିଆ ଅଞ୍ଚଳରେ ଜଳସ୍ତର ବଢ଼ିଲେ ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି। ପାଣି ନକମିବା ପର୍ଯ୍ୟନ୍ତ ସେତୁ ପାର ନହେବାକୁ ଲୋକଙ୍କୁ ସତର୍କ କରାଯାଇଛି। ପ୍ରଶାସନକୁ ହାଇଆଲର୍ଟରେ ରଖାଯାଇଥିବା ବେଳେ ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ଜଣାପଡ଼ିଛି।


**AFFIDAVIT**

I, DIGAMBARA PANDA aged about 67 years, S/o- Bhaskar Panda, VIM-123, Sailashree Vihar, Sailashree Vihar Bhubaneswar, PS - Chandrasekharpur, 751021, ODISHA, declared by this Affidavit No. 999/2026 Dated.11.09.2026, hat now onwards I shall Be Known As **DIGAMBAR PANDA** for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1194, dated 08.09.2026, I, ABHIMANYU BHATRA, S/o - Manabadha Bhatra, permanent resident of Village - Jabaguda, PO - Jabaguda, PS - Dabugan, Dist - Nabarangpur, Odisha, Pin - 764072, declare that I have changed my name from ABI BHATRA to ABHIMANYU BHATRA. Henceforth, I shall be known as **ABHIMANYU BHATRA** for all purposes.

Sd/-Abhimanyu Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1174, dated 01-09-2026, I, GADADHAR AMANATYA, S/o - Jogo Amanatya, permanent resident of Village - Maliguda, PO - Sindhigan, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from SABETRE AMANATYA to SABITRI AMANATYA. Henceforth, she shall be known as **SABITRI AMANATYA** for all purposes.

Sd/- Gadadhar Amanatya

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1171, dated 01-09-2026, I, HIRENDRA BISOYI, S/o - Shyamsundra Bisoyi, permanent resident of Village - Dabugam, PO - Dabugam, PS - Dabugam, Dist - Nabarangpur, Odisha, Pin - 764072, declare that I have changed the name of my Son from TARANU KUMAR BISOYI to TARUN KUMAR BISOYI. Henceforth, he shall be known as **TARUN KUMAR BISOYI** for all purposes.

Sd/- Hirendra Bisoyi

**AFFIDAVIT**

By virtue of an affidavit sworn before the Executive Magistrate, Kodinga, Vide no - 2853/26, dated 07-09-2026, I, ISWAR BHATRA, S/o - Sudu Bhatra, permanent resident of Village - Bankuli, PO - Bankuli, PS - Kodinga, Dist - Nabarangpur, Odisha, Pin - 764075, declare that I have changed the name of my Son from DIPA BHATRA to DAMBARU BHATRA. Henceforth, he shall be known as **DAMBARU BHATRA** for all purposes.

Sd/- Iswar Bhatra

**AFFIDAVIT**

I, DIGAMBER PANDA aged about 67 years, S/o-Bhaskar Panda,VIM-123, Sailashree Vihar , Sailashree Vihar Bhubaneswar, PS - Chandrasekharpur-751021, ODISHA, declared by this Affidavit No.998/2026 Dated.11.09.2026, hat now onwards I shall Be Known As **DIGAMBAR PANDA** for all future Purposes.

**AFFIDAVIT**

By virtue of an affidavit (Sl No. 6116, dtd- 11.09.2026) sworn before The Executive Magistrate, Cuttack. I, **Santosh Kumar Sahoo,** S/o Gobinda Chandra Sahoo, resident of Kalindrabad, PO- Khairabad, PS- Jajpur Sadar, Dist- Jajpur, PIN-755007, Odisha declare that I have changed my minor son's name from **Prabhuprasad Sahoo** to **Anshuuman Sahoo.** Henceforth, he shall be known as **Anshuuman Sahoo** (new name) for all purposes.

**Santosh Kumar Sahoo**

**ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

W/623/5/1/NIT, ତାରିଖ: ୧୧.୦୯.୨୦୨୬। ଡିଭିଜନାଲ ରେଲୱେ ମ୍ୟାନେଜର (W A), ରତଲାମଙ୍କ ପକ୍ଷରୁ www.ireps.gov.in ୱେବସାଇଟରେ ଇ-ଟେଣ୍ଡର ମାଧ୍ୟମରେ "ଖୋଲା ଟେଣ୍ଡର" ଆମନ୍ତ୍ରଣ କରାଯାଉଛି। ବିବରଣୀ ନିମ୍ନରୂପ:- ଇ-ଟେଣ୍ଡର ନଂ.: RTM-2026-27-98, କାର୍ଯ୍ୟର ନାମ: ରତଲାମ ଡିଭିଜନରେ ହରିଫାଟକ, ଉଜ୍ଜୟିନୀ ଠାରେ SPBGUJN ମଧ୍ୟରେ କି.ମି. ୫୩/୨୩-୨୫ ଠାରେ ସବୱେ (RUB) (RCC ବକ୍ସ ୦୨ଟି) ବ୍ୟବସ୍ଥା କରିବା। ଆନୁମାନିକ ପରିମାଣ: ଟେଣ୍ଡର ସିଡ୍ୟୁଲ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.୧୫,୧୮,୬୫,୧୮୪.୫୮/- ଜମା କରିବାକୁ ଥିବା ବଇନା ରାଶି: ଟ.୩୦,୩୭,୩୦୦.୦୦/-, କାର୍ଯ୍ୟସମାପ୍ତି ଅବଧି: ୧୨ ମାସ, ୱେବସାଇଟରେ ଅପଲୋଡ଼ ତାରିଖ: ୧୧/୦୯/୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୬/୧୦/୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ।

SNP-253

Like us on: facebook.com/WesternRly

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no-1172, dated 01.09.2026, I, JESTHA BHATRA, S/o - Nilambar Bhatra, permanent resident of Village - Maliguda, PO - Sindhigan, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from JYASHTH BHATRA to JESTHA BHATRA. Henceforth, I shall be known as **JESTHA BHATRA** for all purposes.

Sd/-Jestha Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1173, dated 01-09-2026, I, JYASHTH BHATRA, S/o - Nilambar Bhatra, permanent resident of Village - Maliguda, PO - Sindhigan, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Son from DUPRAJ BHATRA to JUBARAJ BHATRA. Henceforth, he shall be known as **JUBARAJ BHATRA** for all purposes.

Sd/- Jyashth Bhatra

**AFFIDAVIT**

I, Himadri Tanaya Mohapatra, aged about 45 years, W/o- Chinmaya Sahoo, resident of At-Tangi, Po- Kotasahi, Ps-Tangi, Dist- Cuttack, Odisha, PIN- 754022, do hereby declare by this affidavit No. 1887, dtd-11/09/2026, that now onwards I shall be known as **HIMADRI TANAYA SAHOO** for all future purposes.

Housing & Urban Development Department, Govt. of Odisha

**OFFICE OF THE PARADEEP MUNICIPALITY, PARADEEP**

At/ Po.- Paradeep, Dist.- Jagatsinghpur (Odisha), Pin-754142

13001/1848/2627 **E-PROCUREMENT NOTICE**

| | |
|---|---|
| Tender Call Notice No. | : 4822/11.09.2026 |
| Bid Identification No. | : EO/PDPM/W_08/2026-27 |
| Tender ID | : 2026_ORULB_140912 |
| Nature of Works | : Civil Works |
| Number of Works | : 01 |
| Tender Value | : ₹ 26.32 Lakh |
| Available Period | : dt. 14.09.2026 from 05:30 PM to dt. 24.09.2026 05:30 PM |
| Tender Opening Date | : dt. 25.09.2026 at 11:30 AM |

Bidders are requested to read the NIT & DTCN at www.tendersodisha.gov.in carefully and participate with their civil license with valid Registration Certificate before the closing date.

Executive Officer
Paradeep Municipality

OIPR-13001/13120/1/26-27/0016

**AFFIDAVIT**

By virtue of an affidavit (Sl No. 6115, dtd- 11.09.2026) sworn before The Executive Magistrate, Cuttack. I, **Santosh Kumar Sahoo,** S/o Gobinda Chandra Sahoo, resident of Kalindrabad, PO- Khairabad, PS- Jajpur Sadar, Dist- Jajpur, PIN-755007, Odisha declare that I have changed my minor son's name from **Prabhupada Sahoo** to **Ayushmaan Sahoo.** Henceforth, he shall be known as **Ayushmaan Sahoo** (new name) for all purposes.

**Santosh Kumar Sahoo**

# ଆଞ୍ଚଳିକ ଚିତ୍ରକଳା ଗ୍ୟାଲେରୀ
# ରକ୍ଷଣାବେକ୍ଷଣ ଅଭାବରୁ ଆସୁନାହାନ୍ତି ଦର୍ଶକ




**ବାଲେଶ୍ୱର,୧୨।୯ (ସମିସ)**

ଗ୍ୟାଲେରୀ ଅଛି, ଚିତ୍ର ଅଛି ହେଲେ ଫାଙ୍କା ପଡୁଛି ଆଞ୍ଚଳିକ ଚିତ୍ରକଳା ଗ୍ୟାଲେରୀ। ନା ଚିତ୍ରକଳା ପ୍ରଦର୍ଶନୀ ହେଉଛି ନା କିଛି ପ୍ରକାର ପ୍ରସାର ହେଉଛି। ପ୍ରାୟ ଦୁଇ ବର୍ଷ ହେବ କିଛି ପ୍ରଦର୍ଶନୀ ହୋଇନାହିଁ। ଅନ୍ୟପଟେ ରକ୍ଷଣାବେକ୍ଷଣ ଅଭାବ ଏବଂ ଗରମ ଲାଗିବା ଯୋଗୁଁ ଗ୍ୟାଲେରୀକୁ ଦର୍ଶକଙ୍କ ଆସିବା ସଂଖ୍ୟା କମିଗଲାଣି। ଦିନକୁ ୧୦ ଜଣରୁ ଅଧିକ ଦର୍ଶକଙ୍କ ସଂଖ୍ୟା ଟପୁନାହିଁ।

ସ୍ଥାନୀୟ କଳା ଓ ସଂସ୍କୃତିର ପ୍ରୋତ୍ସାହନ ପାଇଁ ବିଭିନ୍ନ ଜିଲ୍ଲାରେ ଆଞ୍ଚଳିକ ଚିତ୍ରକଳା ଗ୍ୟାଲେରୀ ପ୍ରତିଷ୍ଠା କରାଯାଇଛି। ବାଲେଶ୍ୱର ସହରର ମଲ୍ଲିକାଶପୁର ସ୍ଥିତ ସଂସ୍କୃତି ଭବନ ପରିସରରେ ୨୦୨୧ ଡିସେମ୍ବର ମାସରେ ଏହି ଗ୍ୟାଲେରୀଟି ଆରମ୍ଭ ହୋଇଥିଲା। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ପ୍ରତିଷ୍ଠିତ। ବାଲେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ଚିତ୍ରଶିଳ୍ପୀ ଓ କଳାକାରମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ଉପଯୁକ୍ତ ମଞ୍ଚ ଯୋଗାଇଦେବା ଉଦ୍ଦେଶ୍ୟରେ ଏହା ପ୍ରତିଷ୍ଠା କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ, ଉପଯୁକ୍ତ ପରିଚାଳନା ଓ ସକ୍ରିୟତାର ଅଭାବ ଯୋଗୁଁ ଏହା କଳାକାରମାନଙ୍କୁ ନିରାଶ କରୁଛି।

ସୂଚନାଯୋଗ୍ୟ, ବାଲେଶ୍ୱର ଆଞ୍ଚଳିକ ଚିତ୍ରକଳା ଗ୍ୟାଲେରୀରେ ଲଳିତକଳା ଏକାଡେମୀ ପକ୍ଷରୁ ଦୁଇ ଜଣ କର୍ମଚାରୀ ରହିଛନ୍ତି। ପ୍ରଥମେ ଗ୍ୟାଲେରୀ ଖୋଲିବା ପରେ ଏକାଡେମୀ ପକ୍ଷରୁ ବର୍ଷକୁ ୨/୩ ଟି ପ୍ରଦର୍ଶନୀ ହେଉଥିଲା। ସମୁଦାୟ ୩ଟି ଗ୍ରୁପ୍ ପ୍ରଦର୍ଶନୀ ହୋଇଛି ଯଥା ୟଙ୍ଗ ଆର୍ଟିଷ୍ଟ ପକ୍ଷରୁ ୨ ଟି ଏବଂ ଇଣ୍ଡେଲ୍ ଫାଉଣ୍ଡେସନ ପକ୍ଷରୁ ଗୋଟିଏ। ମାତ୍ର ଏକକ ପ୍ରଦର୍ଶନୀ ଆଜି ଯାଏଁ ଗୋଟିଏ ବି ହୋଇନାହିଁ। ଏହାର ମୁଖ୍ୟ କାରଣ, ଗ୍ୟାଲେରୀ ଭଡ଼ା ୬ ହଜାର ଟଙ୍କା ଓ ଅନ୍ୟାନ୍ୟ ଖର୍ଚ୍ଚ ସହିତ ଚିତ୍ର ବିକ୍ରି ହେବାର ସମ୍ଭାବନା ନଥିବା କାରଣରୁ ଏଠାରେ କେହି ଚିତ୍ରଶିଳ୍ପୀ ପ୍ରଦର୍ଶନୀ କରିବାକୁ ପସନ୍ଦ କରୁନାହାଁନ୍ତି ବୋଲି ମତପ୍ରକାଶ ପାଇଛି। ତେବେ କମିଟି ପୁନର୍ଗଠନ ନହେବା କାରଣରୁ ପାଖାପାଖି ଦୁଇ ବର୍ଷ ହେଲା ପ୍ରଦର୍ଶନୀ ହୋଇନାହିଁ ବୋଲି ଗ୍ୟାଲେରୀ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ପ୍ରାୟ ତିନି ବର୍ଷ ହେବ ଗ୍ୟାଲେରୀରେ ଲାଗିଥିବା ୬ଟି ଏସି ଅଚଳ ହୋଇପଡ଼ିଛି। ଫଳରେ ଗରମ ଯୋଗୁଁ ଗ୍ୟାଲେରୀରେ ଦର୍ଶକଙ୍କ ସଂଖ୍ୟା କମିଗଲାଣି।

ପ୍ରକାଶ ଥାଉ କି, ଓଡ଼ିଶାରେ ୩ ଟି ସରକାରୀ ଆର୍ଟ କଲେଜ ରହିଛି, ଯେଉଁଠାରେ ବାଲେଶ୍ୱରରୁ ପାଖାପାଖି ୭୦ ଭାଗ ଚିତ୍ରଶିଳ୍ପୀ ପାଠ ପଢ଼ୁଛନ୍ତି। ଓଡ଼ିଶାରେ କୋରାପୁଟ, ବଲାଙ୍ଗିର, ସମ୍ବଲପୁର, ବ୍ରହ୍ମପୁର, ପୁରୀ, ଭୁବନେଶ୍ୱର ଏବଂ ବାଲେଶ୍ୱରରେ ଗ୍ୟାଲେରୀ ରହିଛି। ସବୁଠୁ ଅଧିକ ପ୍ରଦର୍ଶନୀ ସମ୍ବଲପୁରରେ ହେଉଥିବା ଜଣାପଡ଼ିଛି। ହେଲେ ବାଲେଶ୍ୱର ଗ୍ୟାଲେରୀକୁ ଦିନକୁ ପାଖାପାଖି ୧୦ ଜଣ ଦର୍ଶକ ଆସୁଛନ୍ତି। ଚିତ୍ର ମଧ୍ୟ ବିଶେଷ ବିକ୍ରି ହେଉନାହିଁ। ଏଯାବତ ଅର୍ଥାତ୍ ଚାରି ବର୍ଷ ମଧ୍ୟରେ ପ୍ରାୟ ୫ ଟି ଚିତ୍ର ବିକ୍ରି ହୋଇଛି। ବାର୍ଷିକ ବର୍ଷ ଧରି ନା ଚିତ୍ରକଳା ପ୍ରଦର୍ଶନୀ ହେଉଛି ନା କିଛି ସେମିନାର ଆୟୋଜିତ ହେଉଛି। ଫଳରେ ଏକପ୍ରକାର ନିରାଶରେ ଚାଲିଛି ଆଞ୍ଚଳିକ ଚିତ୍ରକଳା ଗ୍ୟାଲେରୀ।

# ଚନ୍ଦନଙ୍କୁ ମିଳିଲା ଶ୍ରେଷ୍ଠ ସଂସ୍କୃତ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ

**ବାଲେଶ୍ୱର(ଉତ୍ତର), ୧୨।୯ (ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦେଉଳା ଗ୍ରାମର ମେଧାବୀ ଛାତ୍ର ଶ୍ରୀମାନ ଚନ୍ଦନ ଦାଶ ଗୋସ୍ୱାମୀ ଶ୍ରେଷ୍ଠ ସଂସ୍କୃତ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ ମିଳିଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପଞ୍ଚମ ସମାବର୍ତ୍ତନ ଉତ୍ସବରେ ୨୦୨୫ ବର୍ଷ ପାଇଁ ଶ୍ରୀମାନ ଦାଶ ଗୋସ୍ୱାମୀ ତିନୋଟି ସ୍ୱର୍ଣ୍ଣପଦକ ଲାଭ କରି ନିଜ ଜନ୍ମମାଟି ପାଇଁ ଗୌରବ ଆଣିଛନ୍ତି। ସେ ସଂସ୍କୃତ ସ୍ନାତକୋତ୍ତର ବିଷୟରେ ସର୍ବୋଚ୍ଚ ଅଙ୍କ ରଖି 'ଇନ୍ଦୁମତୀ ଦାଶ ସ୍ମୃତି ସ୍ୱର୍ଣ୍ଣପଦକ' ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଶ୍ରେଷ୍ଠ ସଂସ୍କୃତ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ' ତଥା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର କଳା ବିଭାଗର ସମସ୍ତ ବିଷୟର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସର୍ବୋଚ୍ଚ ଅଙ୍କ ରଖି 'ଶ୍ରେଷ୍ଠ କଳା ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ' ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ହରିବାବୁ କୁମ୍ଭମପତିଙ୍କଠାରୁ ଗ୍ରହଣ କରି ଅନ୍ୟମାନଙ୍କ ନିମନ୍ତେ ଉଦାହରଣ ପାଲଟିଛନ୍ତି। ପିତା ଅରବିନ୍ଦ ଦାଶ ଗୋସ୍ୱାମୀ ଏବଂ ମାତା ବାସନ୍ତୀ ଦାଶ ଗୋସ୍ୱାମୀଙ୍କ ଅସୀମ ଆଶୀର୍ବାଦ ଓ ଅଶେଷ ପ୍ରେରଣା, ସଂସ୍କୃତ ବିଭାଗର ସହାୟିକା ଆଚାର୍ଯ୍ୟା ତଥା ମାର୍ଗନିର୍ଦ୍ଦେଶିକା ଡ. ସୁନେଲୀ ଦେଈଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ସୁଚିନ୍ତିତ ପରାମର୍ଶ, ଏବଂ ସଂସ୍କୃତ ବିଭାଗର ମୁଖ୍ୟ ଡ. ପ୍ରଶାନ୍ତ କୁମାର ସେଠୀ, ସହାୟିକା ଆଚାର୍ଯ୍ୟା ଡ. ସୁଶ୍ରୀ ସସ୍ମିତା ପତି ଓ ସହାୟକ ଆଚାର୍ଯ୍ୟ ଡ. ସାଲ ବେସ୍ରାଙ୍କ ନିରନ୍ତର ପ୍ରୋତ୍ସାହନ ଯୋଗୁଁ ସେ ଏହି ସଫଳତା ଲାଭ କରିବା ପାଇଁ ସମର୍ଥ ହୋଇଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି।



# ବିପୁଳ ପୋଚ ନଷ୍ଟ, ମଦ ଜବତ ସହ ଜଣେ ଗିରଫ

**ବାଲେଶ୍ୱର, ୧୨।୯ (ସମିସ):** ଆଗାମୀ ପାର୍ବଣ ଋତୁକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଏବଂ ବେଆଇନ ନିଶା କାରବାର ଉପରେ ରୋକ ଲଗାଇବା ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ଉ କରାଯାଇଛି। ଟାଉନ ଥାନା ଅନ୍ତର୍ଗତ ପୁରୁଣା ବାଲେଶ୍ୱରର ତୁଳସୀପଦା ଏବଂ ରେମୁଣା ଥାନା ଅନ୍ତର୍ଗତ ମନ୍ଦାରପୁର ଅଞ୍ଚଳରେ ଥିବା ବେଆଇନ ମଦ ତିଆରି ଆ‡ା ଉପରେ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଉଭୟ ସ୍ଥାନରୁ ମୋଟ ୧୫ ହଜାର ଲିଟର ଗୁଡ଼ ମିଶ୍ରିତ ମଦ ପୋଚ ଜବତ ହୋଇ ଘଟଣାସ୍ଥଳରେ ହିଁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିବା ବେଳେ ତୁଳସୀପଦାରୁ ପ୍ରାୟ ୯୦ ଲିଟର ପ୍ରସ୍ତୁତ ଦେଶୀ ମଦ ଜବତ ହୋଇଛି। ଏଥିସହ ବେଆଇନ ଭାବେ ମଦ ଗଚ୍ଛିତ ରଖି ବିକ୍ରି କରୁଥିବା ଅଭିଯୋଗରେ ତୁଳସୀପଦା ନିବାସୀ ସୁଶାନ୍ତ ଜେନାଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ଏହି ସମଗ୍ର ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ମୋଟ ୬ଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏହି ଚଢ଼ଉରେ ଅବକାରୀ ଉପ-ଅଧୀକ୍ଷକ ସ୍ୱପ୍ନାରାଣୀ ସାହୁ, ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ ଇନ୍ସପେକ୍ଟର ଅଭିରାମ ସାହୁ, ଜଳେଶ୍ୱର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶଶିକାନ୍ତ ଦତ୍ତ, ଇନ୍ସପେକ୍ଟର ନାରାୟଣ ବେହେରା, ଜଳେଶ୍ୱର ଇନ୍ସପେକ୍ଟର ପ୍ରଭାକର ସେଠୀଙ୍କ ସମେତ ବିଭାଗର ବହୁ କର୍ମଚାରୀ ସାମିଲ ଥିଲେ।

# ମଙ୍ଗଳପୁର ବଜାରରୁ ସିରିଜ ଚୋରି

**ସୋର, ୧୨।୯ (ସମିସ):** ସୋର ଥାନା ମଙ୍ଗଳପୁର ବଜାରରେ ଥିବା ତିନୋଟି ଦୋକାନରୁ ଗତକାଲି ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଦିଗୀ ଭଅଁରା ଗ୍ରାମର ନରେନ୍ଦ୍ର ସାହୁ ବଜାରରେ ଏକ ମିଠା ଦୋକାନ କରିଛନ୍ତି। ଗତକାଲି ରାତିରେ ସେ ଦୋକାନ ବନ୍ଦ କରି ଯାଇଥିବା ବେଳେ ଆଜି ସକାଳେ ଦୋକାନ ଖୋଲିବାକୁ ଆସି ଦୋକାନ ଚାବି ଭଙ୍ଗା ଯାଇ ଦୋକାନ କେସ ବାକ୍ସରେ ଥିବା ନଗଦ ଟଙ୍କା ସହ ମିଠା ଚୋରି କରିନେଇଥିବା ଦେଖିବାକୁ ପାଇଥିଲେ। ସେହିପରି ନିକଟରେ ଥିବା ମହିନ୍ଦ୍ର ପଣ୍ଡାଙ୍କ ତେଜରାତି ଦୋକାନର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ତେଜରାତି ସାମଗ୍ରୀ ଏବଂ ମାର୍କଣ୍ଡ ଜେନାଙ୍କ କୁକୁଡ଼ା ଦୋକାନରୁ ମାଂସ କାଟିବା ପାଇଁ ବ୍ୟବହାର କରାଯାଉଥିବା ଛୁରୀକୁ ଚୋର ମାନେ ଚୋରି କରି ନେଇଥିଲେ। ଏ ବାବଦରେ ଦୋକାନୀ ମାନେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଥାନାରେ ଏକ ମାମଲା ରୁଜୁ କରିଛି।

# କ୍ରୀଷ୍ଟା କ୍ଲବ୍ ରୌପ୍ୟ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ

**ନୀଳଗିରି, ୧୨।୯ (ସମିସ):** ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଚଳିତ ବର୍ଷ ଆଦ୍ୟ ଦେବତା ପ୍ରଭୁ ଶ୍ରୀ ସିଦ୍ଧି ବିନାୟକଙ୍କ ଆଗମନ ଧୁମ୍ ଧାମ ରେ ପାଳନ ହେବାକୁ ଯାଉଥିବା ବେଳେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବମ୍ବେର ସର୍ବ ବୃହତ୍ ଲାଲ ବାଗଚା ମହାରାଜଙ୍କ ଅବିକଳ ମୂର୍ତ୍ତି ଉପସ୍ଥାପନ କରି ନୀଳଗିରି ବାସୀ ଙ୍କୁ ଭେଟି ଦେବାକୁ ଯାଉଛି କ୍ରୀଷ୍ଟା କ୍ଲବ୍। ପୂଜାର କାର୍ଯ୍ୟ ସୂଚୀ ହିସାବ ରେ ୯ ଦିନ ଧରି ପୂଜା କାର୍ଯ୍ୟ ସମ୍ପନ୍ନ କରାଯିବ। ୧୯ ଓ ୨୦ ତାରିଖ ରେ ଓଲିଉଡରୁ ସୁମଧୁର ଗାୟକ ଏବଂ ଗାୟିକା , କମେଡିଆନ ଙ୍କୁ ନେଇ ଦୁଇ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିବା କ୍ରୀଷ୍ଟା କ୍ଲବର ସଭାପତି ଚନ୍ଦନ କୁମାର ଦାସ, ସେକ୍ରେଟାରୀ ରଞ୍ଜନ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ବାଲେଶ୍ୱର ସାମାଜିକ ସେବା ସଂସ୍ଥା ପକ୍ଷରୁ ଶିଶୁ ମେଳା




**ଜଳେଶ୍ୱର ବ୍ଲକ, ୧୨।୯ (ସମିସ):** ବାଲେଶ୍ୱର ସାମାଜିକ ସେବା ସଂସ୍ଥା ପକ୍ଷରୁ ନରଣପୁର ଗ୍ରାମରେ କୁନି କୁନି ପିଲାଙ୍କୁ ଓ ଅଭିଭାବକ, ଶିକ୍ଷୟିତ୍ରୀ ଓ ସଂସ୍ଥାର କର୍ମକର୍ତ୍ତା ମାନଙ୍କୁ ନେଇ ବାର୍ଷିକ ଉତ୍ସବ( ଶିଶୁ ମେଳା) ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବରେ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଗୋପାଳ ସାମଲ, ପ୍ରକଳ୍ପ ସଂଯୋଜକ ଅନିରୁଦ୍ଧ ପାତ୍ର, ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ରଞ୍ଜିତ୍ ଖାସ୍, ସହ ସଂଯୋଜକ ସଂଗ୍ରାମ ମୁର୍ମୁ, ସଞ୍ଜିତା ବାର୍ଡ, ସନିଆ ମୁର୍ମୁ, ବରିଷ୍ଠ ସାମ୍ବାଦିକ ଅମର ଆଚାର୍ଯ୍ୟ, ଅଶ୍ରୁମୋଚନ ଘୋଷ, ଆଲୋକ ଘଡେଇ, ପ୍ରମୁଖ ଅତିଥି ମାନେ ଉପସ୍ଥିତ ରହି ପ୍ରତିଯୋଗୀ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିବେକାନନ୍ଦ କେନ୍ଦ୍ରରେ ବିଶ୍ୱ ଭ୍ରାତୃତ୍ୱ ଦିବସ



**ବାଲେଶ୍ୱର,୧୨।୯ (ସମିସ):** ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଲେଶ୍ୱର ଶାଖା ବିବେକାନନ୍ଦ କେନ୍ଦ୍ର ଆନୁକୂଲ୍ୟରେ ବିଶ୍ୱ ଭ୍ରାତୃତ୍ୱ ଦିବସ ସ୍ଥାନୀୟ ଆତିଥ୍ୟ ଭବନରେ ପାଳିତ ହୋଇଯାଇଛି। କେନ୍ଦ୍ରାଧ୍ୟକ୍ଷ ଡ. ନିରଞ୍ଜନ ଦାଶ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସଂପର୍କ ପ୍ରମୁଖ ନିରଞ୍ଜନ ପଣ୍ଡା ସଭା ସଂଯୋଜନା କରିଥିଲେ। ଭୁବନେଶ୍ୱରସ୍ଥିତ ରାମକୃଷ୍ଣ ମିଶନର ମହାରାଜ ଅଦ୍ୱୟାନନ୍ଦ ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ପ୍ରାନ୍ତ ପ୍ରମୁଖ ପ୍ରେମାନନ୍ଦ ପିରି, ରାଧାକୃଷ୍ଣ ଆଚାର୍ଯ୍ୟ, ଡଃ ଗୀତା ଗୀରି, ପ୍ୟାରେଲାଲ ଶର୍ମା,ଅରୁଣ କୁମାର ବେହେରା, ଗୟାଧର କର , ସୁଶ୍ରୀ ସଂଗୀତା ଦାଶ, ଦେବାଶିଷ ଦାସ, ଅଶୋକ ସାହୁ, ପ୍ରଦୀପ ମହାପାତ୍ର, ହିମାଂଶୁ ଯେନା, ସୁରଞ୍ଜିତା ଦାସ, ମୀନତି ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଦୟାନିଧି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପୁଲିସ ଉପରୁ ଉଠିଗଲାଣି ଭରସା

# ଚୋରି ଭୟରେ ଦୋକାନ ଜଗୁଛନ୍ତି ବ୍ୟବସାୟ



**ବାଲିଆପାଳ, ୧୨।୯ (ସମିସ):** ଏହି ବ୍ଲକ ମଧୁପୁରା ପଞ୍ଚାୟତର ସିମୁଳିଆ ମାର୍କେଟ ଅଞ୍ଚଳରେ ଚୋରି, ଛିନତାଇ ଭଳି ଅପରାଧ ବଢୁଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଭୟ ବଢ଼ିଛି ପୁଲିସରେ ଅଭିଯୋଗ କରି ମଧ୍ୟ ସୁଫଳ ନ ମିଳିବାରୁ ନିଜ ଦୋକାନର ସୁରକ୍ଷା ପାଇଁ ବ୍ୟବସାୟୀମାନେ ରାତିରେ ପହରା ଦେଉଛନ୍ତି। ବାଲିଆପାଳ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଚୋରି ଓ ଛିନତାଇ ଭଳି ଘଟଣା ଘଟୁଥିବା ବେଳେ ସିମୁଳିଆ ମାର୍କେଟ ରେ ଗତ ମାସକ ମଧ୍ୟରେ ବିଭିନ୍ନ ଦୋକାନରୁ ବାରମ୍ବାର ଚୋରି ହୋଇଛି। ଏ ନେଇ ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ। ଚୋରି ରୋକିବାରେ ଆଶାନୁରୂପ ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ କରି ସେମାନେ ନିଜେ ପହରା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଗତ କିଛି ଦିନ ଆଗରୁ ୪ଟି ଦୋକାନରୁ ଚୋରି ହେବା ପରେ ମାର୍କେଟ ରେ ଥିବା ପ୍ରାୟ ୧୦୦ ଜଣ ଦୋକାନୀ ଏକାଠି ହୋଇ କମିଟି ଗଠନ କରିଛନ୍ତି । କମିଟି ପକ୍ଷରୁ ପ୍ରତିଦିନ ୫ଜଣ ବ୍ୟବସାୟୀ ରାତିରେ ପହରା ଦେଉଛନ୍ତି। ସେମାନେ ଟର୍ଚ୍ଚ ଓ ହୁଇସିଲ ସହ ପହରା ଦେବା ସହ ସନ୍ଦେହଜନକ ବ୍ୟକ୍ତିଙ୍କୁ ପଚରାଉଚରା କରୁଛନ୍ତି। ଅଧିକ ସନ୍ଦେହହେଲେ ପୁଲିସକୁ ସୂଚନା ଦେଉଛନ୍ତି। ବାରମ୍ବାର ଚୋରି ହେଉଛି। ଏ ନେଇ ଆମେ ପୁଲିସକୁ ବାରମ୍ବାର ଜଣାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଶେଷରେ ବାଧ୍ୟ ହୋଇ ସମସ୍ତ ଦୋକାନୀ ଏକାଠି ହୋଇ ରାତିରେ ପହରା ଦେବାକୁ ନିଷ୍ପତ୍ତି ନେଇଛୁ ପୁଲିସର ନିଷ୍କ୍ରିୟତା ଯୋଗୁଁ ଆମେ ନିଜ ସୁରକ୍ଷା ନିଜେ କରିବାକୁ ବାଧ୍ୟ ହେଉଛନ୍ତି ବ୍ୟବସାୟୀଙ୍କ ଏପରି ପହରା ଯୋଗୁଁ କିଛିଦିନ ହେଲା ଚୋରି ରୋକିବାରେ ସଫଳତା ମିଳିଛି ତେବେ ଅପରାଧ ନିୟନ୍ତ୍ରଣ ନେଇ ପୁଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଅଞ୍ଚଳରେ ନିୟମିତ ପୁଲିସ ପାଟ୍ରୋଲିଂ, ନିଶା କାରବାର ଉପରେ କଡ଼ା ନଜର ଏବଂ ସିମୁଳିଆ ମାର୍କେଟ ରେ ଦୁଇ ରୁ ତିନି ଜଣ ପୁଲିସ କର୍ମଚାରୀ ନିଯୁକ୍ତି ଦେବାକୁ ମହେଶ୍ୱର ସାହୁ, ବଂଶୀଧର ପରିଡା, ଗୋପାଳ ବିଶ୍ୱାଳ, ଜଗନ୍ନାଥ ବାଗ, ମୃତ୍ୟୁଞ୍ଜୟ ଗିରି,ସରୋଜ ବିଶ୍ୱାଳ, ଭଗବାନ ରାଉଳ, ରତ୍ନାକର ପରିଡା, ଗଣେଶ ପରିଡା ପ୍ରମୁଖ ବ୍ୟବସାୟୀ ଦାବି କରିଛନ୍ତି।

# କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ଜାତୀୟ କର୍ମଶାଳା



**ବାଲେଶ୍ୱର,୧୨।୯ (ସମିସ):** ଖଇରା ମହାବିଦ୍ୟାଳୟ ପରିସରରେ ନୂଆଦିଲ୍ଲୀସ୍ଥିତ ଏସଏସସି-ନାସକମ୍, ପ୍ରଶିକ୍ଷଣ ସହଭାଗୀ ଓଡ଼ିଶା କମ୍ପ୍ୟୁଟର ଆସୋସିଏଟ୍ ଏବଂ ଅଧିକୃତ ଟ୍ରେନିଂ ସେଣ୍ଟର ଇ.ଏଲ.ଏସ. କମ୍ପ୍ୟୁଟର କେନ୍ଦ୍ର ଖଇରାର ମିଳିତ ଆନୁକୂଲ୍ୟରେ "କୃତ୍ରିମ ବୁଦ୍ଧିମତ୍ତା (ଏଆଇ)' ସମ୍ପର୍କିତ ଏକ ଦିବସୀୟ ଜାତୀୟ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ପ୍ରତିକ ଡିଜିଟାଲ୍ ଯୁଗରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ଗୁରୁତ୍ୱ ଓ ଭବିଷ୍ୟତ ଉପଯୋଗିତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଡ. ଅଭୟ ରଞ୍ଜନ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମୁଖ୍ୟ ବିଶେଷଜ୍ଞ ଭାବେ ନାସକମ୍ ନୂଆଦିଲ୍ଲୀର ଓଡ଼ିଶା ଶାଖା ଅଧିକାରୀ ବିଶାଳ ଛତ୍ରିଆ ଯୋଗଦେଇ ଆଲୋକପାତ କରିଥିଲେ। ଏଥିସହିତ ଓଡ଼ିଶା କମ୍ପ୍ୟୁଟର ଆସୋସିଏଟ୍‌ର ମ୍ୟାନେଜିଂ ଡାଇରେକ୍ଟର ସୁବ୍ରତ କୁମାର ପତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ "ଏଆଇ ଫର୍ ଅଲ୍' ଯୋଜନା ମାଧ୍ୟମରେ ସମସ୍ତ ଛାତ୍ରଛାତ୍ରୀ ତଥା କର୍ମଚାରୀମାନଙ୍କୁ ମାଗଣା ତାଲିମ ଓ ପ୍ରମାଣପତ୍ର ପ୍ରଦାନ କରାଯାଉଥିବା ନେଇ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବିଷୟ ବିଶେଷଜ୍ଞ ସୁଧାଂଶୁ ଭୂଷଣ ପଣ୍ଡା ବିଭିନ୍ନ ଉନ୍ନତ ଏଆଇ ଟୁଲ୍ସର ବ୍ୟବହାରିକ କୌଶଳ ବୁଝାଇଥିଲେ। ଅଧ୍ୟାପକ ସମରଜିତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଲ୍ ଓଡ଼ିଶା ସବ୍-ଜୁନିୟର ଷ୍ଟେଟ୍ ରାଙ୍କିଂ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




**ବାଲେଶ୍ୱର,୧୨।୯ (ସମିସ):** 'ୟୋନେକ୍ସ-ସନରାଇଜ୍ ଅଲ୍ ଓଡ଼ିଶା ଓଏସବିଏ ସବ୍-ଜୁନିଅର (୧୫ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍) ରାଜ୍ୟ ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ' ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଉଦ‡ାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟଟି ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ଆୟୋଜିତ। ଏହି ଇଭେଣ୍ଟରେ ୧୫ ଏବଂ ୧୭ ବର୍ଷରୁ କମ୍ ବୟସର ପୁଅ ଏବଂ ଝିଅମାନେ ଅଂଶଗ୍ରହଣ କରିଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ପ୍ରାୟ ୩୦୦ ଖେଳାଳି ଆସିଥିଲେ,କେବଳ ବାଲେଶ୍ୱରରୁ ୩୦ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ୧୩ ସେପ୍ଟେମ୍ବର ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ଇଭେଣ୍ଟ ପରିଚାଳନା ପାଇଁ ଓଡ଼ିଶା ରାଜ୍ୟ ସଂଘ ୨୫ ଜଣ ଅମ୍ପାୟାର, ଜଣେ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସମୀରକାନ୍ତ ଦାସ, ବୈଷୟିକ ଅଧିକାରୀ ପର୍ଯ୍ୟବେକ୍ଷକ ଅସିତ ପଟ୍ଟନାୟକଙ୍କୁ ଯୋଗାଇ ଦେଇଛି।ଉଦଘାଟନୀ ଉତ୍ସବରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଏସପି ପରେଶ ରାଉତ ମୁଖ୍ୟ ଅତିଥି ଭାବରେ, ନୀଲମ ମୋଟର୍ସର ନିର୍ଦ୍ଦେଶକ ମନୀଷ ସରାଓଗୀ, ହରି ଉଦ୍ୟୋଗ ନିର୍ଦ୍ଦେଶକ ସଂଗ୍ରାମ ଦାସ, ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ମନୋହରଲାଲ ପାଲା ଜୁଏଲରୀର ନିର୍ଦ୍ଦେଶକ ରାକେଶ ପାଲା, ବାର୍ଜୋଜିର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ବାଲୋନୱାଲା, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସମୀରକାନ୍ତ ଦାସ, ବୈଷୟିକ ଅଧିକାରୀ ଅସିତ ପଟ୍ଟନାୟକ, ମୁଖ୍ୟ ରେଫରି ସ୍ୱାଧୀନ ମିଶ୍ର, ଜିଲ୍ଲା ସଂଘ ସମ୍ପାଦକ ମନୋରଞ୍ଜନ ପଣ୍ଡା, ଜିଲ୍ଲା ସଂଘ ସଭାପତି ଚିନ୍ମୟ ବିଶ୍ୱାଳ ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ସିଦ୍ଧି ବିନାୟକ ସ୍କୁଲ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟନୀ ସମାରୋହର ଆକର୍ଷଣ ଥିଲା, ସେମାନେ ଉତ୍କୃଷ୍ଟ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ଆସୋସିଏସନ ସଦସ୍ୟ ବାବି, ସୋରାଜ, ଜଗା, ବିଷ୍ଣୁ, ଖୁଣ୍ଟିଆ, ଚିନୁ ପଣ୍ଡା, ବିଶ୍ୱଜିତ୍ ଦାସ, ନବାନୀତ୍ ଘୋସାଲ୍, ବାବୁଲା, ପ୍ରୀତି ମହାନ୍ତି, ମନସ ମହାନ୍ତି, ନିର୍ମଳ ମୁଖାର୍ଜୀଙ୍କୁ ସାହାଯ୍ୟ କରାଯାଇଥିଲା।

# ରାସ୍ତା କାମ ନିମ୍ନମାନର ଅଭିଯୋଗ

**ବାଲିଆପାଳ, ୧୨।୯ (ସମିସ):** ଏହି ବ୍ଲକ ମଧୁପୁରା ଗ୍ରାମପଂଚାୟତ ର ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପରୁ ଆସିଥିବା ଖଗଡାପାଳ ଗ୍ରାମର ବାବୁଲାଲ ମଣ୍ଡଳ ଘର ପାଖରୁ ଜନ୍ମେଜୟ ସାହୁ ଘର ପର୍ଯ୍ୟନ୍ତ ହୋଇଥିବା କଂକ୍ରିଟ ରାସ୍ତା ଅଟକଳ ମୂଲ୍ୟ ଚାରି ଲକ୍ଷ ଟଙ୍କା ର କାମ ହୋଇଛି । କାମ ଯେତିକି ହେବ କଥା ସେତିକି ହୋଇନାହିଁ ଏବଂ ଯେଉଁ ଭାଗରେ ସିମେଣ୍ଟ ଦବାକଥା ଦିଆଯାଇନାହିଁ ଏହି କାମ କରିବା ବେଳେ ଢ଼ଳାଇର ଉଚ୍ଚତା ନିମ୍ନ ମାନର କାମ ହୋଇଥିବାରୁ ଏ ନେଇ ମଧୁପୁରା ଗ୍ରାମର ଗ୍ରାମବାସୀ ପଦ୍ମଲୋଚନ ପଟ୍ଟାୟତ, ବସନ୍ତ ଦାସ, ଶ୍ୟାମସୁନ୍ଦର ଦାସ ପ୍ରଦୀପ କୁମାର ସାହୁ ପ୍ରମୁଖ ବାଲିଆପାଳ ବିଡିଓଙ୍କ ପାଖରେ ଅଭିଯୋଗ କରିଛନ୍ତି ।




# ୨୧ ବର୍ଷର ଗଣେଶ ପୂଜା ପାଳିବ ଦ ୱାରିଅର୍ସ କ୍ଲବ୍

**ବାଲେଶ୍ୱର,୧୨।୯ (ସମିସ)**

ବିଭିନ୍ନ କ୍ଲବ ପକ୍ଷରୁ ଗଣେଶ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଚଳିତବର୍ଷ ସ୍ୱତନ୍ତ୍ର ଭାବରେ ୨୧ବର୍ଷ ଗଣେଶ ପୂଜା ପାଳନ କରିବ କନଭେଣ୍ଟ ସ୍କୁଲ ସମ୍ମୁଖରେ ଦ ୱାରିଅର୍ସ କ୍ଲବ୍। ସହର କନଭେଣ୍ଟ ସ୍କୁଲ ନିକଟରେ କ୍ଲବ ପକ୍ଷରୁ ପ୍ରତିବର୍ଷ ଗଣେଶ ପୂଜା ପାଳିତ ହୋଇଆସୁଛି। କ୍ଲବ୍ ପକ୍ଷରୁ ୨୦୦୬ ମସିହାରୁ ଆରମ୍ଭ ହୋଇଥିବା ପୂଜା ଚଳିତବର୍ଷ ମୂର୍ତ୍ତି ଉଚ୍ଚତା ୧୬ ଫୁଟ୍ ରହିଛି। ଏଥର ଗଜାନନଙ୍କ ବିଘ୍ନହର୍ତ୍ତା ରୂପରେ ମୂର୍ତ୍ତି ପାରମ୍ପରିକ ଶୈଳୀରେ ପ୍ରସ୍ତୁତ ହେଉଛି ବୋଲି କ୍ଲବ ସଭାପତି ସୁଜିତ ମହାପାତ୍ର କହିଛନ୍ତି। ଏହି ମୂର୍ତ୍ତିଟି ବାଲେଶ୍ୱରର ଶିଳ୍ପକାର କାର୍ତ୍ତିକ ଚନ୍ଦ୍ର ସେଠୀ (କାର୍ତ୍ତିକ ଦା)ଙ୍କ ନିର୍ଦ୍ଦେଶ କ୍ରମେ ୫ଜଣ କାରିଗରଙ୍କ ସହାୟତାରେ ନିର୍ମିତ ହେଉଛି। ଚଳିତବର୍ଷ ପୂଜାର ବିଶେଷ ଆକର୍ଷଣ ହେଉଛି ସାଜସଜ୍ଜା ଓ ଆଲୋକମାଳ। କ୍ଲବର ୨୦୦ରୁ ଅଧିକ ସଦସ୍ୟ ଥିବାବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ପ୍ରସାଦ ସେବନ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ଏହି କ୍ଲବ୍ ପକ୍ଷରୁ ଶାନ୍ତି ଓ ଶୃଙ୍ଖଳାର ସହ ପୂଜା ଓ ବିସର୍ଜନ କରାଯାଇଥାଏ। ପୂଜାର ସମସ୍ତ ଦାୟିତ୍ୱ ଓ କାମ ସଦସ୍ୟମାନେ ତୁଲାଇବା ସହ ହିତେଶ ରାଉତ, ରାମଦେବ ଖୁଣ୍ଟିଆ, ନୀତିଶ ପାଣିଗ୍ରାହୀ, ଅଙ୍କିତ ଗୌରବ ଦାସ, ହରିପ୍ରସାଦ ନାୟକ ପ୍ରମୁଖଙ୍କ ସହଯୋଗରେ ହୋଇଥାଏ।



## ୯ ବର୍ଷରେ ଓମ୍‌କାର କ୍ଲବ୍ ଗଣେଶ ପୂଜା



**ବାଲେଶ୍ୱର,୧୨।୯ (ସମିସ):** ଗଣେଶ ପୂଜା ପାଇଁ ଆରମ୍ଭ ହୋଇଗଲାଣି ବିଭିନ୍ନ କ୍ଲବ ପକ୍ଷରୁ ପ୍ରସ୍ତୁତି। ସହରରେ ମଧ୍ୟ ବିଭିନ୍ନ କ୍ଲବ ପକ୍ଷରୁ ଆରମ୍ଭ ହୋଇଯାଇଛି ତୋରଣ ଓ ମୂର୍ତ୍ତି ତିଆରି କାମ। ଚଳିତବର୍ଷ ୯ ବର୍ଷ ଗଣେଶ ପୂଜା ପାଳନ କରିବ କନଭେଣ୍ଟ ସ୍କୁଲ ନିକଟ ଓମକାର କ୍ଲବ୍। ଏନେଇ ବଜେଟ୍ ଓ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ଓମକାର କ୍ଲବ୍ ପକ୍ଷରୁ ସୂଚନା ମିଳିଛି। କ୍ଲବ୍ ପକ୍ଷରୁ ୨୦୧୮ ମସିହାରୁ ପୂଜା ହୋଇଆସୁଛି। ମୂର୍ତ୍ତି ଉଚ୍ଚତା ୧୪ ଫୁଟ୍ ରହିଛି। ଏଥର ଗଜାନନଙ୍କ ମୂର୍ତ୍ତି ନୂତନ ଶୈଳୀରେ ପ୍ରସ୍ତୁତ ହେଉଛି ବୋଲି କ୍ଲବ ସଭାପତି ଉତ୍କଳ ଗୌରବ ଭୂୟାଁ କହିଛନ୍ତି। ଏହି ମୂର୍ତ୍ତିଟି ଶିଳ୍ପକାର ନିର୍ଦ୍ଦେଶ କ୍ରମେ ୩ ଜଣ କାରିଗରଙ୍କ ସହାୟତାରେ ନିର୍ମିତ ହେଉଛି। ଚଳିତବର୍ଷ ପୂଜାର ବିଶେଷ ଆକର୍ଷଣ ହେଉଛି ସାଜସଜ୍ଜା ଓ ଆଲୋକମାଳ। କ୍ଲବ ୪୦ ରୁ ଅଧିକ ସଦସ୍ୟ ଥିବାବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ଦର୍ଶକମାନଙ୍କୁ ପ୍ରସାଦ ସେବନ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ପୂଜାର ସମସ୍ତ ଦାୟିତ୍ୱ ଓ କାମ ସଦସ୍ୟମାନେ ତୁଲାଇବା ସହ କ୍ଲବ ଉପସଭାପତି ରାଜକିଶୋର ପାତ୍ର, ସମ୍ପାଦକ ମୁନ୍ନା, ଅରବିନ୍ଦ ସାହୁ, ଆଦର୍ଶ ମିଶ୍ର, ଶୁଭଜିତ ମଜୁମଦାର, ଧର୍ମେନ୍ଦ୍ର ଦାସ, ପବିତ୍ର ଶତପଥୀ, ଦୀପକ ପାଢ଼ୀ, ଚନ୍ଦ୍ର ଶେଖର, କ୍ଷିତିଶ ଦାସ, ପଦ୍ମଲୋଚନ ବିଶ୍ୱାଳ, ଦିଲ୍ଲୀପ ପ୍ରଧାନ, ରତିକାନ୍ତ ବେହେରା ଏବଂ ଅଭିଷେକ ପ୍ରମୁଖଙ୍କ ସହଯୋଗରେ ହୋଇଥାଏ।

## ୨୦ ବର୍ଷରେ ପଦାର୍ପଣ କଲା ଫ୍ରେଣ୍ଡସ ୟୁନିଅନ ଗଣେଶ ପୂଜା

# ଏଥର ବେଙ୍ଗାଲୁରୁ ପଞ୍ଚମୁଖୀ ଗଣେଶ ମନ୍ଦିର ତୋରଣ

ବାରିପଦା, ୧୨।୯ (ସମିସ): ଦିନକ ପରେ ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜା। ଉତ୍ତର ଓଡ଼ିଶାର ଅନ୍ୟତମ ସର୍ବବୃହତ୍ତ ଗଣେଶ ପୂଜା ଭାବେ ପରିଚିତ ବାରିପଦା ତୁଳସୀଚଉରାସ୍ଥ 'ଫ୍ରେଣ୍ଡ୍ସ ୟୁନିୟନ୍ କ୍ଲବ୍'ର ଗଣେଶ ପୂଜା ଚଳିତ ବର୍ଷ ୨୦ ବର୍ଷରେ ପଦାର୍ପଣ କରିଛି। ଏହାକୁ ଅତି ଆକର୍ଷଣୀୟ ଓ ଭବ୍ୟ ଭାବେ ପାଳନ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଚଳିତ ବର୍ଷ ପୂଜା ପାଇଁ ପ୍ରାୟ ୩୫ରୁ ୩୬ ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଛି। କମିଟିର ପ୍ରାୟ ୧୫୦୦ ଜଣ ସକ୍ରିୟ ସଦସ୍ୟ ଓ ଭକ୍ତଙ୍କ ସ୍ୱେଚ୍ଛାକୃତ ଦାନରେ ଏହି ଖର୍ଚ୍ଚ ତୁଲାଯାଉଛି। ପୂଜାର ମାହାତ୍ମ୍ୟ ଯୋଗୁଁ ପ୍ରତିବର୍ଷ ଏଠାରେ କେବଳ ଓଡ଼ିଶା ନୁହେଁ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ମଧ୍ୟ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ ବୋଲି କମିଟିର ସମ୍ପାଦକ ଦେବାଶିଷ ଦାସ ସୂଚନା ଦେଇଛନ୍ତି। ଚଳିତ ବର୍ଷର ସବୁଠୁ ବଡ଼ ଆକର୍ଷଣ ହେଉଛି କର୍ଣ୍ଣାଟକର ବେଙ୍ଗାଲୁରୁସ୍ଥ ପ୍ରସିଦ୍ଧ ପଞ୍ଚମୁଖୀ ଗଣେଶ ମନ୍ଦିରର ଅବିକଳ ପ୍ରତିକୃତି। ତୋରଣର ଉପର ଭାଗରେ ୧୨ ଫୁଟ୍ ଉଚ୍ଚତାର ଏହି ବିଶାଳ ପଞ୍ଚମୁଖୀ ମୂର୍ତ୍ତି ସ୍ଥାନ ପାଇଛି, ଯାହା କୋଲକାତାରୁ ଅଣାଯାଇଛି।

ବାଉଁଶ, ପ୍ଲାଇ, ଥର୍ମୋକଲ୍ ଓ ଫୋମ୍ ଆଦି ବ୍ୟବହାର କରି ନିର୍ମାଣ ହୋଇଥିବା ଏହି ତୋରଣ ପାଇଁ ୮ ରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପଶ୍ଚିମବଙ୍ଗ ଓ ଓଡ଼ିଶାର ପ୍ରାୟ ୧୫ରୁ ୨୦ ଜଣ କାରିଗର ଗତ ଦେଢ଼ ମାସ ହେବ ଦିନରାତି ପରିଶ୍ରମ କରି ଏହାକୁ ପ୍ରସ୍ତୁତ କରିଛନ୍ତି ବୋଲି ତୋରଣ ନିର୍ମାତା ରାଜକୁମାର ଘୋଷ କହିଛନ୍ତି। ଏହାଛଡ଼ା ପ୍ରାୟ ୧୦୦ କିଲୋ ନଡ଼ିଆକତା ଦଉଡ଼ି ବ୍ୟବହାର କରାଯାଇ ବାବାଙ୍କର ଆଉଏକ ଆକର୍ଷଣୀୟ ମୂର୍ତ୍ତି ପ୍ରସ୍ତୁତ କରାଯାଇଛି। ପୂର୍ବବର୍ଷ ଭଳି ଏଥର ମଧ୍ୟ ପୂଜା ଅବସରରେ ୧୨ ଦିନ ଧରି ମେଳା ଅନୁଷ୍ଠିତ ହେବ। ମେଳା ପାଇଁ ୧୦୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ନିର୍ମାଣ କରାଯାଇଥିବାବେଳେ ରାଜ୍ୟ ଭିତର ଓ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ରୁ ଦୋକାନୀ ଆସି ପହଞ୍ଚିସାରିଲେଣି। ସମସ୍ତ ବୟସ୍କଙ୍କୁ ଦୃଷ୍ଟିରେ ରଖି ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ୍ ଡ୍ୟାନ୍ସ ଓ ନେପାଳ ଭଳି ଅନ୍ତର୍ଜାତୀୟ ସ୍ତରରୁ ଡ୍ୟାନ୍ସରମାନେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ଜଜ୍ ଭାବେ ପମ୍ପି ଦିବ୍ୟ, ରବି ବର୍ମା ଓ ରୋହିତ ରାଜପୁତ ଯୋଗଦେବେ। ସ୍ୱତନ୍ତ୍ର ଆକର୍ଷଣ ଓ ସୁରକ୍ଷା ବ୍ୟବସ୍ଥା: ପୂଜା ସମୟରେ ୫ ଦିନ ଧରି ହୋମ, ଆଳତି ଓ ପ୍ରସାଦ ବଣ୍ଟନ କରାଯିବ। ପୂଜାର ଶେଷ ଦିନରେ ଭକ୍ତଙ୍କୁ ଏକ ବିଶାଳ ଆକାରର ରସଗୋଲା ପ୍ରଦାନ କରାଯିବାର ନୂତନ ପ୍ରୟାସ କରାଯାଉଛି। ଦର୍ଶକଙ୍କ ସୁରକ୍ଷା ଓ ଶୃଙ୍ଖଳାକୁ ପ୍ରାଥମିକତା ଦିଆଯାଇ ପେଣ୍ଡାଲ ଓ ମେଳା ପରିସରରେ ୨୦ରୁ ୨୫ଟି ସିସିଟିଭି କ୍ୟାମେରା ଲଗାଯାଇଥିବାବେଳେ ପୁଲିସ ପ୍ରଶାସନ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଛି ବୋଲି କ୍ଲବର ସଭାପତି ସୌମ୍ୟରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି।

■ ୧୦୦ କିଲୋ ନଡ଼ିଆକତା ଦଉଡ଼ିରେ ଆକର୍ଷଣୀୟ ମୂର୍ତ୍ତି ମୁଖ୍ୟ ଆକର୍ଷଣ



## ବେତନଟୀ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ବୈଶିଙ୍ଗା, ୧୨।୯ (ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ହାତିପତୁକାସ୍ଥ ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୪ଟି ଜୋନ୍‌ରୁ ଚୟନ ହୋଇଥିବା ବାଳକ ଓ ବାଳିକା ବିଭାଗର ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବୟସର ପ୍ରତିଯୋଗୀ ଭାଗ ନେଇଥିଲେ। ଫୁଟବଲ, ଖୋ-ଖୋ ଓ କବାଡ଼ି ଭଳି ବିଭିନ୍ନ ଦଳଗତ କ୍ରୀଡ଼ାରେ ଛାତ୍ରଛାତ୍ରୀ ନିଜର କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବ୍ରତ ରଞ୍ଜନ ଦୁର୍ଗାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ବିକାଶ ସହ ଶୃଙ୍ଖଳା ଓ ଆତ୍ମବିଶ୍ୱାସ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ ସିଂ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ ଜେନା, ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଏବିଇଓ ଅପର୍ଣ୍ଣା ସାହୁ ଓ ଜିଲ୍ଲା ଓଷ୍ଟା ସମ୍ପାଦକ କିଶୋର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ କ୍ରୀଡ଼ା ସମ୍ପାଦକ ସଞ୍ଜୟ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ କାର୍ତ୍ତିକ ସାମଲ ମଞ୍ଚ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ବରିଷ୍ଠ ଖେଳ ଶିକ୍ଷକ ହରିଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରୁ ଚୟନ ହୋଇଥିବା ଛାତ୍ରଛାତ୍ରୀ ଆସନ୍ତା ୧୬ ତାରିଖରୁ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ପରୁଳିଆସ୍ଥ ଖେଳାରାମ ବିଦ୍ୟା ନିକେତନରେ ହେବାକୁ ଥିବା ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ବେତନଟୀ ବ୍ଲକର ପ୍ରତିନିଧିତ୍ୱ କରିବେ।

## ବିଶୋଇରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର



ବିଶୋଇ, ୧୨।୯ (ସମିସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୦୨୬-୨୭ ଆର୍ଥିକ ବର୍ଷ (ପ୍ରଥମ ପର୍ଯ୍ୟାୟ)ର ସାମାଜିକ ସମୀକ୍ଷା ଅବଧି ୨୦୨୫ ବର୍ଷ ଅକ୍ଟୋବର ୧ରୁ ୨୦୨୬ ବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ମନରେଗା କର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏପିଓ ତୁଷାରକାନ୍ତ ମହାନ୍ତଙ୍କ ସଂଯୋଜନା ତଥା ବିଶୋଇ ବ୍ଲକ ଭାରପ୍ରାପ୍ତ ବିଡିଓ ସୁମନରାଜା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା, ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ଏବିଡିଓ ଆକାଶ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ଶୀତଳ କିସ୍କୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତପନ ପଲେଇ ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପିଇଓ, ଜିଆରଏସ୍, ଭିଆରପି, ଗାଁ ସାଥି ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଶ୍ରମିକ ଯୋଗ ଦେଇଥିଲେ। ଏପିଓ ଶ୍ରୀ ମହାନ୍ତ ପ୍ରଥମେ ପ୍ରତ୍ୟେକ ପଞ୍ଚାୟତର ମନରେଗା ଯୋଜନାର କାର୍ଯ୍ୟ ସମୀକ୍ଷା ବିବରଣୀ ପ୍ରଦାନ କରିଥିଲେ। ବ୍ଲକର ୧୩ଟି ପଞ୍ଚାୟତ ଗସ୍ତ କରି ମହିଳା ଭିଆରପି ସମୀକ୍ଷିକା ସେମାନଙ୍କ ଗସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ପଞ୍ଚାୟତରେ ଭିଆରପିଙ୍କ ଦ୍ୱାରା ଗ୍ରାମସଭାରେ କରାଯାଇଥିବା ପଞ୍ଚାୟତ ସ୍ତରୀୟ ମନରେଗା ଯୋଜନାରେ ୭୮ଟି କାର୍ଯ୍ୟର ବିଭିନ୍ନ ସମସ୍ୟା ନେଇ ବିଶୋଇ ବ୍ଲକ ସାମାଜିକ ସମୀକ୍ଷିକା କବିତା ପାତ୍ର ଶୁଣାଣି କରିଥିଲେ। ବିଭିନ୍ନ ବିଭାଗର କାର୍ଯ୍ୟରେ କେସ ରେକର୍ଡ ପ୍ରକାଶ ନ କରିବାକୁ ନେଇ ଗୃହରେ ଆଲୋଚନା ହୋଇଥିଲା। ଏହି ସମସ୍ତ ସମସ୍ୟାର ସମୀକ୍ଷା କରାଯିବା ସହିତ ଏହାର ତୁରନ୍ତ ସମାଧାନ ପାଇଁ ଅତିରିକ୍ତ ଉପଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକରେ ୧୪ ହଜାର ୬୪୨ ଜଣ ଜବକାର୍ଡଧାରୀ ଅଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବ୍ଲକରେ ମୋଟ ୨ ଲକ୍ଷ ୫୯ ହଜାର ୨୪୭ ଶ୍ରମ ଦିବସ ସୃଷ୍ଟି ହୋଇଛି। ଏଥିନିମନ୍ତେ ୧୦ କୋଟି ୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୧୭୮ ପରିବାର ୧୦୦ ଦିନର କାମ କରିଛନ୍ତି ବୋଲି ଶିବିରରେ ସୂଚନା ଦିଆଯାଇଥିଲା।

## 'ଗାଁ ଦୁଆରେ ନ୍ୟାୟ : ଘରେ ଘରେ ଆଇନ ସେବା' କାର୍ଯ୍ୟକ୍ରମ

ବାରିପଦା, ୧୨।୯ (ସମିସ): ଆଇନ ସମ୍ପର୍କରେ ସଚେତନତା ହେଉଛି ନ୍ୟାୟ ପାଇବାର ପ୍ରଥମ ପାହାଚ। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ନିକଟରେ ଆଇନର ଜ୍ଞାନ ଓ ଆଇନଗତ ସହାୟତା ପହଞ୍ଚାଇବା ଉଦ୍ଦେଶ୍ୟରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଆଇନ ସହାୟତା କକ୍ଷ ପକ୍ଷରୁ ମହାରାଜପୁର ଗ୍ରାମରେ ଗାଁ ଦୁଆରେ ନ୍ୟାୟ: ଘରେ ଘରେ ଆଇନ ସେବା' ଶୀର୍ଷକ ଏକ ଆଇନ ସହାୟତା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଇନ କେବଳ ଆଦାଲତରେ ମାମଲା ଲଢ଼ିବାର ମାଧ୍ୟମ ନୁହେଁ; ବରଂ ନିଜର ଅଧିକାର ଜାଣିବା, କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେବା ଓ ଅନ୍ୟାୟରୁ ନିଜକୁ ସୁରକ୍ଷିତ ରଖିବାର ଏକ ଶକ୍ତିଶାଳୀ ଉପାୟ। ବିଶେଷକରି ଗ୍ରାମାଞ୍ଚଳରେ ଅନେକ ଲୋକ ଆଇନଗତ ଅଧିକାର ଓ ଉପଲବ୍ଧ ଆଇନ ସହାୟତା ବ୍ୟବସ୍ଥା ସମ୍ପର୍କରେ ଯଥେଷ୍ଟ ଅବଗତ ନ ଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି। ଏ ପରିପ୍ରେକ୍ଷୀରେ ଲୋକଙ୍କ ଦୁଆରକୁ ଆଇନର ବାର୍ତ୍ତା ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଏକ ପ୍ରଶଂସନୀୟ ପ୍ରୟାସ ବୋଲି ମତ ପ୍ରକାଶ ପାଇଛି।

ଆଇନ ସହାୟତା କକ୍ଷର ଅଧିକାରୀ ଅଧ୍ୟାପକ ସମ୍ବିତ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନ ପରାମର୍ଶଦାତା ଭାବେ ବାରିପଦା ଓକିଲ ସଂଘର ସହସାଧାରଣ ସମ୍ପାଦକ ତଥା ସମାଜ କଲ୍ୟାଣ ଅଧିକାରୀ, ବରିଷ୍ଠ ଆଡ୍‌ଭୋକେଟ ସ୍ୱରୂପ ମିଶ୍ର ଯୋଗଦେଇ ଗ୍ରାମବାସୀଙ୍କୁ ବିଭିନ୍ନ ଆଇନଗତ ବିଷୟ ସମ୍ପର୍କରେ ସରଳ ଓ ସାଧାରଣ ବୋଧଗମ୍ୟ ଭାଷାରେ ବୁଝାଇଥିଲେ। ଆଇନ ସମ୍ପର୍କିତ ଜଟିଳ ବିଷୟକୁ ସହଜ ଉଦାହରଣ ମାଧ୍ୟମରେ ବୁଝାଇବା ସହ ଆଇନଗତ ସମସ୍ୟା ଉପୁଜିଲେ ଭୟଭୀତ ନ ହୋଇ ଉପଯୁକ୍ତ ଆଇନଗତ ପରାମର୍ଶ ନେବାକୁ ସେ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଆଇନ ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଦୈନନ୍ଦିନ ଜୀବନରେ ଆବଶ୍ୟକ ହେଉଥିବା ବିଭିନ୍ନ ଆଇନ ଓ ଆଇନଗତ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ଲୋକଙ୍କ ଜୀବନ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଆଇନକୁ ଜାଣିବା ଦ୍ୱାରା ଅନେକ ସମସ୍ୟାକୁ ପ୍ରାରମ୍ଭିକ ସ୍ତରରେ ସମାଧାନ କରାଯାଇପାରିବ ବୋଲି ସେ ମତ ଦେଇଥିଲେ। ନିଜର ଅଧିକାର ଜାଣିବା ସହ ଅନ୍ୟର ଅଧିକାରକୁ ସମ୍ମାନ କରିବା ଏକ ସୁସ୍ଥ ଓ ନ୍ୟାୟଭିତ୍ତିକ ସମାଜ ଗଠନର ମୂଳ ଆଧାର ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ଆଇନ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଓ ସମସ୍ୟା ଶୁଣାଯାଇଥିବାବେଳେ ତାହାର ଆଇନଗତ ଦିଗ ସମ୍ପର୍କରେ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳରେ ଏଭଳି ଆଇନ ସଚେତନତା କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଗଲେ ସାଧାରଣ ଲୋକଙ୍କ ମଧ୍ୟରେ ଆଇନ ସଚେତନତା ବୃଦ୍ଧି ପାଇବା ସହ ନ୍ୟାୟ ପାଇବାର ପଥ ଅଧିକ ସୁଗମ ହେବ ବୋଲି ମତ ପ୍ରକାଶ ପାଇଥିଲା। ଅଧ୍ୟାପକ ଡ ଜିତେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମହାରାଜପୁର ଭଳି ଗ୍ରାମକୁ ଏଭଳି ଏକ ଜନକଲ୍ୟାଣମୂଳକ ଆଇନ ସଚେତନତା କାର୍ଯ୍ୟକ୍ରମ ପାଇଁ ଚୟନ କରିଥିବାରୁ ଗ୍ରାମବାସୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କୁ ସାଧୁବାଦ ଜଣାଇଥିଲେ। ଆଇନ ଛାତ୍ରଛାତ୍ରୀ କେବଳ ଶ୍ରେଣୀ କକ୍ଷରେ ଆଇନ ଅଧ୍ୟୟନ ନ କରି ସମାଜର ଅବହେଳିତ ଓ ଆବଶ୍ୟକତା ଥିବା ଲୋକଙ୍କ ନିକଟରେ ଆଇନ ସଚେତନତା ପହଞ୍ଚାଇବା ଦିଗରେ ଆଗେଇ ଆସିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ଥିଲା।




## ଚୋରି ମାମଲାରେ ଦୁଇ ଗିରଫ

ବୈଶିଙ୍ଗା, ୧୨।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାୟପୁର ଉପକଣ୍ଠ ଦାହିବାଡି ଗ୍ରାମର ପପୁ ଖାନଙ୍କ ଘରୁ ଚୋରି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗତ ୨୬ ତାରିଖ ସନ୍ଧ୍ୟାରେ ପପୁଙ୍କ ପରିବାର ଇଦ୍-ମିଲାଦୁନ୍-ନବୀ ଉପଲକ୍ଷେ ଜୁଲୁସରେ ସାମିଲ ହେବାକୁ ଯାଇଥିବାବେଳେ ରାତି ପ୍ରାୟ ୧୦ଟାରେ ଘରକୁ ଫେରି ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ଘରୁ ପ୍ରାୟ ୪୦ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପପୁ ବୈଶିଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ନୂତନ ଥାନା ଅଧିକାରୀ ବାବା ଶଙ୍କର ସରାଫ ଦାୟିତ୍ୱ ଗ୍ରହଣ କରିବା ପରେ ମାମଲାକୁ ଗୁରୁତ୍ୱ ଦେଇ ଏଏସଆଇ ସପନ ବିଶ୍ୱାଳଙ୍କ ସହ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଗୋବିନ୍ଦରାୟପୁରର ଏକବୁଲ ଓରଫ୍ ସେକ୍ ସାହିଲ ଓ ଦାହିବାଡିର ଏସକେ ଜୁମାରୁଦ୍ଦିନଙ୍କୁ ପୁଲିସ ଧରିଥିବାବେଳେ ଜଣେ ନାବାଳକଙ୍କୁ ମଧ୍ୟ ଅଟକ ରଖିଥିବା ଜଣାପଡ଼ିଛି। ଏକବୁଲ ଓ ଜୁମାରୁଦ୍ଦିନଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଚୋରି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଥିଲେ ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ଗୁଳି ଫୁଟାଇ କମନ ସର୍ଭିସ ସେଣ୍ଟରରୁ ଲୁଟ୍

ଯଶିପୁର, ୧୨।୯ (ସମିସ): ଦିନ ଦ୍ୱିପ୍ରହରରେ ଗୁଳି ଫୁଟାଇ ବ୍ୟାଙ୍କରୁ ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ଯଶିପୁର ଥାନା ଅଞ୍ଚଳରେ ଯଶିପୁର-ରରୁଆଁ ମୁଖ୍ୟ ରାସ୍ତାର ମଣଦାଠାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଅନୁମୋଦନ ପାଇଥିବା କମନ ସର୍ଭିସ ସେଣ୍ଟର (ସିଏସସି)ର ବ୍ୟବସାୟ ସହାୟକ ତଥା ବ୍ୟାଙ୍କ ମିତ୍ର ପ୍ରଦୀପ ମହାନ୍ତ ଶୁକ୍ରବାର ଦିନ ପାଖାପାଖି ୧.୩୦ ସମୟରେ ମଣଦା ଛକରେ ଥିବା ତାଙ୍କ ସହାୟତା କେନ୍ଦ୍ରରେ ବସିଥିବାବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଫାଙ୍କା ଗୁଳି ଚାଳନା କରି ତାଙ୍କଠାରୁ ଆନୁମାନିକ ୨ ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଯଶିପୁର ଥାନା ପୁଲିସ ପହଞ୍ଚି ଛାନ୍‌ଭିନ୍ କରିଥିଲା। ୧୫ ଦିନ ପୂର୍ବେ ଯଶିପୁର ବଜାରରେ ଗୁଳି ଫୁଟାଇ ସୁନା ରୂପା ଥିବା ବ୍ୟାଗ୍ ଲୁଟ ଘଟଣାର ପର୍ଦ୍ଦାଫାସ ଏବେ ସୁଦ୍ଧା ହୋଇପାରିଲା ନାହିଁ। ପୁଣି ଗୁଳି ଫୁଟାଇ ଲୁଟ ଘଟଣା ଯଶିପୁର ଥାନା ପୁଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି।

● ସନ୍ଥ ବିନୋବା ଭାବେଙ୍କ ଜୟନ୍ତୀ

## ଯୁବପିଢ଼ି ବିନୋବାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

ବାରିପଦା, ୧୨।୯ (ସମିସ): ଭୂଦାନ ଆନ୍ଦୋଳନର ପୁରୋଧା ସନ୍ଥ ବିନୋବା ଭବେଙ୍କ ୧୩୨ତମ ଜୟନ୍ତୀ ଉତ୍କଳ ସର୍ବୋଦୟ ମଣ୍ଡଳ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଭଞ୍ଜପୁରସ୍ଥ ସର୍ବୋଦୟ ଆଶ୍ରମରେ ପାଳିତ ହୋଇଯାଇଛି। ଏ ଅବସରରେ ବିଶିଷ୍ଟ ସର୍ବୋଦୟ ନେତ୍ରୀ ବିରଜା ଦେବୀ, ଉତ୍କଳ ସର୍ବୋଦୟ ମଣ୍ଡଳର ମହାସଚିବ ଆର୍ଯ୍ୟଭଟ୍ଟ ମହାନ୍ତି, ଜିଲ୍ଲା ସର୍ବୋଦୟ ମଣ୍ଡଳର ଉପସଭାପତି ଦୀପକ ନାୟକ, ସମ୍ପାଦକ ଶାରଦା ବାରିକ, ସୁସ୍ମିତା ପ୍ରିୟଦର୍ଶିନୀ, ପ୍ରଜ୍ଞା ପରମିତା, ପ୍ରିୟଦର୍ଶିନୀ ଦାସ ପ୍ରମୁଖ ଯୋଗଦେଇ ସନ୍ଥ ବିନୋବା ଗାନ୍ଧିଜୀଙ୍କର ବାସ୍ତବ ଉତ୍ତରଧିକାରୀ ଥିଲେ। ଭୂଦାନ ଗ୍ରାମଦାନ ଆନ୍ଦୋଳନ ମାଧ୍ୟମରେ ଗ୍ରାମ ସ୍ୱରାଜ ପ୍ରତିଷ୍ଠା କରିବା, ନିଶା ମୁକ୍ତ ସମାଜ ଗଠନ କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। ଆଜିର କଳୁଷିତ ସମୟରେ ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି କହିଥିଲେ। ଅତିଥିମାନେ ସନ୍ଥ ବିନୋବାଙ୍କ ଫଟୋଚିତ୍ରରେ ସୁତାମାଳା ଅର୍ପଣ କଲା ପରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ

ବାରିପଦା, ୧୨।୯ (ସମିସ): ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାରିପଦା ଶାଖା ଆନୁକୂଲ୍ୟରେ ଶାଖା କାର୍ଯ୍ୟାଳୟରେ ନଗର ସଞ୍ଚାଳକ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳନ କରାଯାଇଛି। ଏଥିରେ ସଂସ୍କୃତ ସାହିତ୍ୟ ଓ ଭାଷା ବିଶାରଦ ଡ ସୁବଳ କୁମାର ସାହୁ ମୁଖ୍ୟଅତିଥି ଓ ବାରିପଦା ଶାଖାର ପ୍ରାକ୍ତନ ସଞ୍ଚାଳିକା ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱ ବିଜୟୀ ଗୁରୁ ସ୍ୱାମୀ ବିବେକାନନ୍ଦ ୧୮୯୩ ସେପ୍ଟେମ୍ବର ୧୧ ତାରିଖରେ ଆମେରିକାର ଚିକାଗୋ ନଗରୀରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଧାର୍ମିକ ସଂସଦରେ ତାଙ୍କର ଐତିହାସିକ ଉଦ୍‌ଘାଟନୀ ଅଭିଭାଷଣରେ ସନାତନ ବୈଦିକ ଧର୍ମ ଓ ମହାନ ମିଳିତ ଭାରତୀୟ ସଂସ୍କୃତିର ସହିଷ୍ଣୁତା, ସହନଶୀଳତା, ସମ୍ବେଦନଶୀଳତା, ସାର୍ବଜନୀନ ଗ୍ରହଣୀୟତା ବିଚାରଧାରା ଉପରେ ଆଧାରିତ 'ବସୁଧୈବ କୁଟୁମ୍ବକମ୍ ଓ ସର୍ବଧର୍ମ ସମଭାବ' ନୀତି ମାଧ୍ୟମରେ ବିଶ୍ୱ ଐକ୍ୟ ଓ ଭାଇଚାରା ପ୍ରତିଷ୍ଠା ହୋଇପାରିବ ବୋଲି ଉପସ୍ଥିତ ବିଭିନ୍ନ ଧର୍ମର ୭ ହଜାର ଧାର୍ମିକ ମହାପୁରୁଷଙ୍କ ସମ୍ମୁଖରେ ବଳିଷ୍ଠ ଓ ତାର୍କିକ ଯୁକ୍ତି ଉପସ୍ଥାପନ କରିଥିଲେ। ତାଙ୍କର ଉକ୍ତ ଉଦଘାଟନୀ ଅଭିଭାଷଣ ବିଶ୍ୱ ଐକ୍ୟ ଓ ଭ୍ରାତୃତ୍ୱର ମୂଳଦୂଆ ସ୍ଥାପନ କରିଥିଲା। ଏହି ଦିବସର ସ୍ମରଣାର୍ଥେ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୧୧ ତାରିଖକୁ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ବିଭିନ୍ନ ଶାଖା ଦ୍ୱାରା ଅଖିଳ ଭାରତୀୟ ସ୍ତରରେ ବିଶ୍ୱ ଭାତୃତ୍ୱ ଦିବସ ଭାବେ ପାଳନ କରାଯାଇଥାଏ ବୋଲି ଅତିଥିମାନେ ଅଭିବ୍ୟକ୍ତି ରଖିଥିଲେ। ନଗର ପ୍ରମୁଖ ଶିବଶଙ୍କର ଗିରିଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ ଅଞ୍ଜଳି ପଣ୍ଡା ଆବାହନୀ ମନ୍ତ୍ର ଉଚ୍ଚାରଣ କରିଥିଲେ। ଆଡଭୋକେଟ ସତ୍ୟବ୍ରତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଜି ପ୍ରଜ୍ଞାଭାରତୀ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଆଡଭୋକେଟ ଜୟପ୍ରକାଶ ଦାଶ ସ୍ୱାମୀଜୀଙ୍କର ଚିକାଗୋ ବକ୍ତୃତାକୁ ଉପସ୍ଥାପନ କରିଥିଲେ ଓ ଡ ସିଦ୍ଧେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ କିଛିଦିନ ପୂର୍ବରୁ ଇହଧାମ ତ୍ୟାଗ କରିଥିବା ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ଅଖିଳ ଭାରତୀୟ ସଭାପତି ବାଳକୃଷ୍ଣନଙ୍କ ସ୍ମୃତିଚାରଣ କରାଯାଇଥିଲା।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

ଖୁଣ୍ଟା, ୧୨।୯ (ସମିସ): ଖୁଣ୍ଟା ବ୍ଲକ ଅଧୀନସ୍ଥ ବି.ସି.ପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଆମ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ରତ୍ନ ସ୍ୱର୍ଗତ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ଧର୍ମପତ୍ନୀ ମା' ନିଶାମଣି ରାଉତଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଭୁବନେଶ୍ୱରର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ କବି ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ଧାନଘେରା କ୍ଲଷ୍ଟରର ସିଆରସିସି ଶ୍ରୀମତୀ ସୁକାନ୍ତି ସାହୁ, ପୂର୍ବତନ ସିଆରସିସି ଉମାକାନ୍ତ ରାଉତ, ଖୁଣ୍ଟା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ସାହୁ ଓ ବେଣୁଧର ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଶ୍ରୀମତୀ ସୁକାନ୍ତି ସାହୁ ବିଜ୍ଞାନ ପତାକା ଉତ୍ତୋଳନ କରି ସଭା ଉଦଘାଟନ କରିବା ପରେ ସମସ୍ତ ଅତିଥି ପ୍ରଭୁ ଜଗନ୍ନାଥ, ଭାରତ ମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମାଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର, ଶିଶୁ, ବାଲ ଓ କିଶୋର ଆଦି ଚାରୋଟି ବର୍ଗରେ ୧୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀରେ ପର୍ଯ୍ୟବେକ୍ଷକ ଭାବେ ଆରଡିଏସ୍ ମହାବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଶୁଭକାନ୍ତ ସାହୁ, ସନ୍ତୋଷ ସାହୁ ଓ ଉମାକାନ୍ତ ରାଉତ ପ୍ରକଳ୍ପ ପର୍ଯ୍ୟବେକ୍ଷଣ କରିଥିଲେ। ଏହି ପ୍ରଦର୍ଶନୀ ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ବକ୍ତୃତା ପ୍ରତିଯୋଗିତା ଓ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସାଧାରଣ ସମ୍ପାଦକ ଶାନ୍ତି ପ୍ରବୀର ରାଉତ ସଭା ପରିଚାଳନା କରିଥିବାବେଳେ ଗୁରୁମା ସୁମିତ୍ରା ଡାକୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁଜୀ ସୁନାରାମ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବେତନଟୀ ଏନ୍‌ଏସିରେ ଭୋଟର ତାଲିକା ଯାଞ୍ଚ ପାଇଁ ପ୍ରସ୍ତୁତି ଆରମ୍ଭ

ବେତନଟୀ, ୧୨।୯ (ସମିସ): ଆଗାମୀ ୨୦୨୭ ସାଧାରଣ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏ ପରିପ୍ରେକ୍ଷୀରେ ବେତନଟୀ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ସମେତ ସମସ୍ତ ପୌରାଞ୍ଚଳରେ ଘରକୁ ଘର ବୁଲି ସର୍ଭେ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭାଗୀୟ ଅନୁସଚିବ ଜେ. ଦୁର୍ଯ୍ୟୋଧନ ପାତ୍ରଙ୍କ ପକ୍ଷରୁ ଜାରି ଚିଠି ସଂଖ୍ୟା ୨୫୮୯୪ ଅନୁସାରେ ଅକ୍ଟୋବର ୨୬ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ କ୍ଷେତ୍ରସ୍ତରରେ ଘରକୁ ଘର ଯାଇ ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହେବ। ନୂତନ ଭୋଟର ସାମିଲ ନିମନ୍ତେ ୨୦୨୭ ଜାନୁଆରୀ ୧ ତାରିଖକୁ ଯୋଗ୍ୟତା ତାରିଖ କଟ୍-ଅଫ୍ ଡେଟ୍ ଭାବେ ଧାର୍ଯ୍ୟ କରାଯାଇଛି। ସେହିପରି ଜାନୁଆରୀ ୧ରେ ପ୍ରାଥମିକ/ଖସଡ଼ା ଭୋଟର ତାଲିକା ଓ ୨୦୨୭ ଫେବୃଆରୀ ୧୦ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାର କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ଏଥିପାଇଁ ସ୍ଥାନୀୟ ପ୍ରଶାସନ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସର୍ଭେ ଦଳକୁ ସମସ୍ତ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ପ୍ରକ୍ରିୟା ସମ୍ପନ୍ନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଯଦ୍ୱାରା ଯୋଗ୍ୟ ନାଗରିକଙ୍କ ନାମ ତ୍ରୁଟିମୁକ୍ତ ଭାବେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିବ। ପ୍ରଶାସନ ପକ୍ଷରୁ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି।

## ବେତନଟୀ ରେଳ ଅଣ୍ଡରପାସ୍ କାମ ବିଳମ୍ବ

# ଜମି ରହିଛି ପାଣି, ଦୁର୍ଦ୍ଦଶା ଭୋଗୁଛନ୍ତି ସ୍ଥାନୀୟ ଲୋକ

ବେତନଟୀ, ୧୨।୯ (ସମିସ): ଦକ୍ଷିଣ-ପୂର୍ବ ରେଳପଥ ଅନ୍ତର୍ଗତ ଖଡ଼ଗପୁର ରେଳ ଡିଭିଜନର ବେତନଟୀ ରେଳ ଗଳାପୋଲ (ଅଣ୍ଡରପାସ୍) ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ଟପିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପୋଲ ମଧ୍ୟରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ହୋଇଥିବା ସତ୍ତ୍ୱେ ପାଣି ଜମି ରହିଥିବାରୁ ସ୍ଥାନୀୟ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ଏହି ସମସ୍ୟା ଉପୁଜିଥିବା ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

୨୦୨୪ ମାର୍ଚ୍ଚ ମାସରେ ଏହି ଗଳାପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଚୁକ୍ତି ଅନୁଯାୟୀ ୨୦୨୫ ଡିସେମ୍ବର ସୁଦ୍ଧା ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ କରି ଜନସାଧାରଣଙ୍କ ବ୍ୟବହାର ପାଇଁ ଖୋଲିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସମୟ ସୀମାକୁ ପ୍ରାୟ ୮ ମାସ ଅତିକ୍ରମ କରିସାରିଥିଲେ ମଧ୍ୟ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ। ପ୍ରମୁଖ ଭାଗ କାର୍ଯ୍ୟ ଶେଷ ହୋଇଥିବା ଦର୍ଶାଯାଉଥିଲେ ହେଁ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ଅଭାବରୁ ବର୍ଷାଜଳ ଜମିରହି ପୋଲଟି ଏକ କୃତ୍ରିମ ଜଳାଶୟର ରୂପନେଇଛି। ପରିସ୍ଥିତି ଏପରି ହୋଇଛି ଯେ, ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିବାରୁ ସ୍ଥାନୀୟ ବାସିନ୍ଦା ଏହାକୁ ବାଲେଶ୍ୱରର 'ୱାଣ୍ଡରଲା ୱାଟର ପାର୍କ' ସହ ତୁଳନା କରି କ୍ଷୋଭ ଓ କଟାକ୍ଷ କରିଛନ୍ତି। କାର୍ଯ୍ୟ ତଦାରଖ କରୁଥିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ସମ୍ପୃକ୍ତ ଗ୍ରୀନ୍ ଇଣ୍ଡିଆ ଠିକା ସଂସ୍ଥାର ମନମୁଖୀ କାମ ଯୋଗୁଁ ଏହି ବିଳମ୍ବ ଘଟୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ସ୍ତରରେ ନିୟମିତ ତଦାରଖ ନ ହେବା ଫଳରେ ସର୍ବସାଧାରଣଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପ ଏବେ ଦୁର୍ଦ୍ଦଶାର କାରଣ ପାଲଟିଛି। ଦୈନନ୍ଦିନ ଯାତାୟାତ ସ୍ୱାଭାବିକ କରିବା ପାଇଁ ତୁରନ୍ତ ଗଳାପୋଲରୁ ପାଣି ନିଷ୍କାସନ ସହ ବଳକା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସମ୍ପର୍କରେ ବେତନଟୀ ଅମୃତଭାରତ ରେଳ ଷ୍ଟେସନର ଭାରପ୍ରାପ୍ତ ଷ୍ଟେସନ ପରିଚାଳକ ମେଘରାୟ ହାଁସଦାଙ୍କୁ ପଚାରିବାରୁ କାମ ଚାଲୁ ରହିଛି। ମୁଁ ଆଉ କିଛି କହିପାରିବି ନାହିଁ। ଆମକୁ ସେ ସମ୍ପର୍କରେ କହିବାକୁ ନିର୍ଦ୍ଦେଶ ନାହିଁ ବୋଲି କହିଛନ୍ତି। ସେହିଭଳି ଗ୍ରୀନ୍ ଇଣ୍ଡିଆ ଠିକା ସଂସ୍ଥା କର୍ମଚାରୀ ସରୋଜ ନାୟକଙ୍କୁ ପଚାରିବାରୁ ଗଳାପୋଲ କାମ ସରିଯାଇଛି। ସେଠାରେ ପାଣି ଶୁଖାଇବା ପାଇଁ ଲାଗିଥିବା ମୋଟର ଖରାପ ହୋଇଯାଇଛି। ତେଣୁ ପାଣି ସୁଖାଯାଇପାରୁନାହିଁ। ମଟର ସଜାଡ଼ିବା କାମ ଡିପାର୍ଟମେଣ୍ଟର ବୋଲି କହିଥିଲେ।



## ରାଇରଙ୍ଗପୁର କୋର୍ଟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୯୬ ମାମଲାରୁ ୫୪ଟିର ଫଇସଲା

ରାଇରଙ୍ଗପୁର,୧୨।୯ (ସମିସ): ରାଇରଙ୍ଗପୁରଅତିରିକ୍ତଜିଲ୍ଲାଓଦୌରାଜଜ କୋର୍ଟରେ ଆଜି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ସିଭିଲ କୋର୍ଟର ଏଡିଜେ ଡଃ ଭି ସୁଜାତା, ସବଜଜ୍ ଆଲୋକ ପଣ୍ଡା,ଏସଡିଜିଏମ୍ ମନିନ୍ଦ୍ର ଭୂଷଣ ସାହୁ ଓ ଜେଏମଏଫସି ଚେତନା ପଟ୍ଟନାୟକ ଶୁଣାଣି କରିଥିଲେ। ଏଡିଜେ କୋର୍ଟରେ ୮ଟି ଦୁର୍ଘଟଣାଜନିତ ମାମଲା ଓ ୨ଟି କ୍ରିମିନାଲ ମାମଲାରୁ କେବଳ ୨ଟିର ସମାଧାନ ହୋଇଥିଲା। ସେହିଭଳି ସବଜଜ୍ କୋର୍ଟରେ ବ୍ୟାଙ୍କ ଡକାୟତି ୭ଟିରୁ ଶୂନ ସମାଧାନ, ବୈବାହିକ ମାମଲା ୧୧ଟିରୁ ୧ ସମାଧାନ, ସିଭିଲ କେଶ ୧୮ଟିରୁ ୭ଟି ସମାଧାନ, ଇଣ୍ଟରିମ୍ କେଶ ୧ଟିରୁ ୧ଟି ସମାଧାନ, ଏସଡିଜିଏମ୍ କୋର୍ଟରେ ନାର୍କୋଟିକ ଆକ୍ଟର ୧୬ଟି ମାମଲାରୁ ୪ଟି ସମାଧାନ ସହ ୪,୪୮,୦୦୦ ଟଙ୍କା ଜରିମାନା ଆଦାୟ, ବୈବାହିକ ମାମଲା ୧୦ଟିରୁ ୧୦ଟି ସମାଧାନ, କ୍ରିମିନାଲ କେଶ ୨୫ଟିରୁ୨୫ଟି ସମାଧାନ, ଜେଏମଏଫସି କୋର୍ଟରେ ନାର୍କୋଟିକ ଆକ୍ଟ ୩ଟିରୁ ସମାଧାନ ଶୂନ, ବୈବାହିକ ମାମଲା ୫ଟିରୁ ୪ଟି ସମାଧାନ ହୋଇଛି। ସମୁଦାୟ ୯୬ଟି ମାମଲାରୁ ୫୪ଟି ସମାଧାନ ସହ ୪,୪୮,୦୦୦ ଟଙ୍କା ଜରିମାନା ଆଦାୟ ହୋଇଛି।

ଏସବିଆଇ, ବ୍ୟାଙ୍କ ଅଫ ଇଣ୍ଡିଆ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ପଞ୍ଜିକୃତ ଗ୍ରାହକଙ୍କ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଲକ୍ଷ୍ମଣ ମାରାଣ୍ଡି, ସନ୍ତୋଷ ମହାନ୍ତ, ବଟକୃଷ୍ଣ ମହାନ୍ତି, ଅମରେଶ ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୧୪୦୮ ମାମଲାରୁ ୪୫୧୮ ଟିର ଆପୋଷ ସମାଧାନ

ବାରିପଦା, ୧୨।୯ (ସମିସ)




ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୧୪୦୮ଟି ମାମଲା ମଧ୍ୟରୁ ୪୫୧୮ଟି ମାମଲାର ଅପୋଷ ବିଚାର ହୋଇ ୩,୬୨,୮୯,୫୪୦ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୫୩୫୭ଟି ମାମଲା ମଧ୍ୟରୁ ୫୭୩ଟି ମାମଲା ଅପୋଷ ବିଚାର ହୋଇ ୯୩ ଲକ୍ଷ ୯୩ ହଜାର ୮୩୭ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି।

ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୬୦୫୧ଟି ମାମଲା ମଧ୍ୟରୁ ସାଲିସଯୋଗ୍ୟ ଫୌଜଦାରୀ ମାମଲା ୧୭୭ଟି ମଧ୍ୟରୁ ୩୦ଟି, ଏନଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୪୯ଟି ମାମଲା ମଧ୍ୟରୁ ୬୨ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୨୫ଟିରୁ ୨ଟି, ମୋଟର ଯାନ ଦୁର୍ଘଟଣା ମାମଲା ୨୬୨ଟିରୁ ୧୭ଟି, ବୈବାହିକ (ଛାଡ଼ପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୩୧ଟି ମାମଲା ମଧ୍ୟରୁ ୧୧୬ଟି, ରାଜସ୍ୱ ମାମଲା ୪୭୬୧ଟି ମଧ୍ୟରୁ ୩୪୮୮ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୧୬୩ଟି ମଧ୍ୟରୁ ୯୪ଟି ଓ ଅନ୍ୟାନ୍ୟ ମାମଲା ୩୭୫ଟି ମଧ୍ୟରୁ ୧୩୬ଟି ମିଶାଇ ମୋଟ ୩୯୪୫ଟି ମାମଲାର ଫଇସଲା କରାଯାଇ ମୋଟ ୨ କୋଟି ୬୮ ଲକ୍ଷ ୯୫ ହଜାର ୭୦୩ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି।

ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୁମନ ମିଶ୍ର, ପରିବାର ଅଦାଲତ ଜଜ୍ ପ୍ରଜ୍ଞା ପାରମିତା ରାଉତ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି , ସିଭିଲ କୋର୍ଟର ରେଜିଷ୍ଟ୍ରାର ଶୃତିସ୍ନିଗ୍ଧା ଦାସ, ସିନିୟର ସିଭିଲ ଜଜ ସତରୂପା ଶତପଥୀ, ଅତିରିକ୍ତ ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ୍ ଡ ନିଶାକର ସାହୁ, ଏସଡିଜେଏମ୍ ଜୁଏଲ ପଟ୍ଟନାୟକ, ଜେଏମଏଫସି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ମଧୁଶ୍ରବା ମହାନ୍ତି ଓ ନିଳିଶା ପଟ୍ଟନାୟକ, ଜେଏମଏଫସି ଶୁଭ୍ରାଂଶୁ ଠାକୁର, ସିଭିଲ ଜଜ୍ କନିଷ୍ଠ ଶାଖା ତଥା ଜେଏଏସସି ସ୍ୱସ୍ତିକ ଦାସ ଓ ଅର୍ପିତା ସାହୁଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୋଗ ଦେଇଥିଲେ। ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ସଦସ୍ୟ ତଥା ସରକାରୀ ଓକିଲ ଉମାକାନ୍ତ ରାଉତ, ଆଇନଜୀବୀ ତାପସ ଦତ୍ତ, ସତ୍ୟନାରାୟଣ ବେହେରା, ଧିରେନ୍ଦ୍ର ମହାପାତ୍ର, କମଳ କୁଆଁରବାବୁ ଓ ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ, ରାଜସ୍ୱ ବିଭାଗ, ବିଦ୍ୟୁତ ବିଭାଗ ଓ ପୌରସଂସ୍ଥା, ବ୍ୟାଙ୍କ୍, ଟେଲିଫୋନ୍ ବିଭାଗ, ବୀମା କମ୍ପାନୀ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଏକ ମାସ ଧରି ସେବା ପକ୍ଷ ପାଳନ ପାଇଁ ଜନ ସଚେତନତା




ବାରିପଦା, ୧୨।୯(ସମିସ): ବିଜେପି ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଂଗଠନ ପକ୍ଷରୁ ବାରିପଦାସ୍ଥ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସେବା ସମର୍ପଣର ୨୫ ବର୍ଷ ଉପଲକ୍ଷେ ଏହି କାର୍ଯ୍ୟସୂଚୀ ଘୋଷଣା ପ୍ରେସ୍ ବିଜ୍ଞପ୍ତି ଜରିଆରେ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନରେ ଦୀର୍ଘ ୨୫ ବର୍ଷର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଦେଶରେ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଏକମାସ ବ୍ୟାପି ଜନ ସେବା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ସମୟ ମଧ୍ୟରେ ସମଗ୍ର ଦେଶରେ ବିଭିନ୍ନ ଜନ କଲ୍ୟାଣକାରୀ ଓ ସେବାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି "ସେବା ହେଉଛି ସଂକଳ୍ପ, ସେବା ହେଉଛି ସମର୍ପଣ' ଭାବନାକୁ ଜନମାନସରେ ଅଧିକ ସୁଦୃଢ଼ କରିବା। ଗରିବ, ଅସହାୟ, ମହିଳା, ଯୁବକ, ଅନୁଷ୍ଠାନ ଓ ସଂଗଠନକୁ ନେଇ ସେବା ପହଞ୍ଚାଇବା ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସାମାଜିକ ସଚେତନତା ବୃଦ୍ଧି କରିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମାସେ ବ୍ୟାପୀ ହେବାକୁ ଥିବା ମୁଖ୍ୟ କାର୍ଯ୍ୟକ୍ରମ ଘରେ ଘରେ ଆଶୀର୍ବାଦର ଦୀପ ଜଳାଇବା, ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ଆଙ୍ଗନର ଉତ୍ସବ, ପରିବର୍ତ୍ତନର କାହାଣୀ, ବିକଶିତ ଭାରତ ସଙ୍କଳ୍ପ ଯାତ୍ରା, ସେବାଜ୍ୟୋତି ଯାତ୍ରା, ସେବାସେତୁ ଅଭିଯାନ, ରଙ୍ଗଲୀ ରାଷ୍ଟ୍ର, ରାଷ୍ଟ୍ରୀୟ ନବସୃଜନ ଆହ୍ୱାନ, ନମୋ ସେବା ଗାଥା-ପଥପ୍ରାନ୍ତ ନାଟକ ପ୍ରଦର୍ଶନ, ଆହ୍ୱାନରୁ ସଂକଳ୍ପ, ରକ୍ତଦାନ କ୍ୟାମ୍ପ ସମ୍ମାନ ଓ ମାତୃ ସ୍ୱାସ୍ଥ୍ୟ ସେବା ପ୍ରଦାନ, ପରିବର୍ତ୍ତନର ସାହାଯ୍ୟ, ବିକାଶରୁ ସ୍ୱଚ୍ଛତା ସଂକଳ୍ପ ଯାତ୍ରା ଇତ୍ୟାଦି ଅନୁଷ୍ଠିତ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ନିହାର ମୋଦି, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ବିଧାୟକ କାନ୍ଦରା ସୋରେନ, ମୁଖପାତ୍ର କବି ବିଷ୍ଣୁ ଶତପଥୀ, ନରତ୍ତୋମ ପାଣିଗ୍ରାହୀ, ପ୍ରଦୀପ ବେହେରାଙ୍କ ସମେତ ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଦିଗଧର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରତିଷ୍ଠା ଦିବସ



ମହୁଲଡିହା,୧୨।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଦିଗଧରସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆଜି ଓଏଭି ପ୍ରତିଷ୍ଠା ଦିବସ ସ୍ପାର୍କ ନାମରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ହିମାଂଶୁ ସନ୍ଧିବିଗ୍ରହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ, ମା' ବାସୁଳୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଉପେନ୍ଦ୍ର ମହାନ୍ତି, ଦିଗଧର ପଞ୍ଚାୟତ ସରପଞ୍ଚ ମଳୟ ପରିମାଣିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ପୂର୍ବରୁ ବିଦ୍ୟାଳୟ ସ୍ତରରେ ୨୧ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶ୍ରୀମତୀ ଦାସ ଓ ଶିକ୍ଷକ ଉଦୟ ମାଝୀ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସଫଳ ହୋଇଥଲା।

# ଶିକ୍ଷାକେନ୍ଦ୍ର ପାଚେରି ଡେଇଁ ପଳାଇଥିବା ୨ ଛାତ୍ର ଉଦ୍ଧାର

ବେତନଟୀ/ରାସଗୋବିନ୍ଦପୁର,୧୨।୯ (ସମିସ): ବେତନଟୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ପାଚେରି ଡେଇଁ ପଳାଇଯାଇଥିବା ଦୁଇ ନାବାଳକ ଛାତ୍ରଙ୍କୁ ଶନିବାର ରାସଗୋବିନ୍ଦପୁର ପୁଲିସ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ବିଭିନ୍ନ ସରକାରୀ ଛୁଟି ନ ମିଳିବାକୁ ନେଇ ଦୁଇ ନାବାଳକ ଅସନ୍ତୁଷ୍ଟ ହୋଇଥିଲେ। ଶନିବାର ସକାଳ ପ୍ରାୟ ୬ଟା ସମୟରେ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ତୁଟାପଡ଼ା ଗ୍ରାମର ମୃତ୍ୟୁଞ୍ଜୟ ବାରିକଙ୍କ ୧୩ ବର୍ଷୀୟ ପୁଅ ଓ ବେତନଟୀ ଥାନା ଅନ୍ତର୍ଗତ ଜାମଶୋଳ ଗ୍ରାମର ଦୁର୍ଯ୍ୟୋଧନ ମହାନ୍ତଙ୍କ ୧୩ ବର୍ଷୀୟ ପୁଅ ଶିକ୍ଷାକେନ୍ଦ୍ର ପାଚେରି ଡେଇଁ ବାହାରି ଯାଇଥିଲେ। ପରେ ଦୁଇ ନାବାଳକ ବେତନଟୀ ରେଳ ଷ୍ଟେସନରୁ ଟ୍ରେନ ଯୋଗେ ଯାଇ ରୁପ୍‌ସା ଷ୍ଟେସନରେ ଓହ୍ଲାଇଥିଲେ। ରୁପ୍‌ସାରୁ ଲିଫ୍ଟ ନେଇ ବସ୍ତା ଅଞ୍ଚଳରେ ପହଞ୍ଚିବା ପରେ ସେଠାରୁ ଚାଲି ଚାଲି ରାସଗୋବିନ୍ଦପୁର ଥାନା ଅଧୀନ ଖୁଣ୍ଟା ବଜାର ନିକଟରେ ପହଞ୍ଚିଥିଲେ। ଦୁଇ ନାବାଳକ ଖୁଣ୍ଟା ବଜାରରେ ଥିବା ଖବର ପାଇ ରାସଗୋବିନ୍ଦପୁର ଥାନା ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀ ପହଞ୍ଚି ଦୁଇ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଥାନାକୁ ଆଣିଥିଲେ। ପରେ ନାବାଳକଙ୍କ ପରିବାରବର୍ଗ ଓ ଶିକ୍ଷାକେନ୍ଦ୍ର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କୁ ଥାନାକୁ ଡକାଯାଇଥିଲା। ଆବଶ୍ୟକ ପ୍ରକ୍ରିୟା ପରେ ଦୁଇ ନାବାଳକଙ୍କୁ ସେମାନଙ୍କ ପରିବାର ଓ ଶିକ୍ଷାକେନ୍ଦ୍ର କର୍ତ୍ତୃପକ୍ଷଙ୍କ ହାତରେ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

# ଟ୍ରେଲର ଧକ୍କାରେ ଜଣେ ଗୁରୁତର

ତୁରୁମୁଙ୍ଗା, ୧୨।୯ (ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ତୁରୁମୁଙ୍ଗା ବଜାରରେ ରାସ୍ତା ପାରି ହେଉଥିବା ସମୟରେ ଏକ ଟ୍ରେଲର ଧକ୍କାଦେବା ଫଳରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ଏନଏଚଆଇ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ବ୍ୟକ୍ତି ହେଲେ ଜ୍ୟୋତିପୁର ଗ୍ରାମର ଜଗଦୀଶ ପାତ୍ର(୪୦)। ସେ ତୁରୁମୁଙ୍ଗାରେ ରହି ଶ୍ରମିକ ଭାବେ କାମ କରୁଥିଲେ।

# ଗ୍ରାମସ୍ତରୀୟ ଟାସ୍କଫୋର୍ସ ସ୍ୱେଚ୍ଛାସେବୀ ତାଲିମ



ଶୁଳିଆପଦା,୧୨।୯ (ସମିସ): ଶୁଳିଆପଦା ବ୍ଲକ୍ ଅନ୍ତର୍ଗତ ପାକଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ବିପର୍ଯ୍ୟୟ ଦ୍ୱାରା ହେଉଥିବା କ୍ଷୟକ୍ଷତିକୁ କମ୍ କରିବା ଓ ବିପର୍ଯ୍ୟୟ ପରବର୍ତ୍ତୀ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ପାଇଁ କୌଶଳ ଓ ସେ ସମୟରେ ପ୍ରାଥମିକ ଉପଚାର ସମ୍ବନ୍ଧୀୟ ସମସ୍ତ ପ୍ରକାର ବିଧି ବ୍ୟବସ୍ଥା ଓ ଜ୍ଞାନ କୌଶଳକୁ ଅଧିକ ବ୍ୟାପକ କରିବା ପାଇଁ ଗ୍ରାମସ୍ତରୀୟ ଟାସ୍କଫୋର୍ସ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା। ଏହା ସେପ୍ଟେମ୍ବର ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ତାଲିମ୍‌ରେ ଉଫାଲଗଡିଆ ପଞ୍ଚାୟତର ଗଣ୍ଡିଆଡିହା ଗ୍ରାମ, ଧାତିକା ପଞ୍ଚାୟତର ଧାତିକା ଓ କୁକୁଡାଯୋଡି ଗ୍ରାମ, ପାକଟିଆ ପଞ୍ଚାୟତର ପାକଟିଆ, କେଉଟୁଣିମାରି ଓ ନେଦାଶୋଳ ଗ୍ରାମର ୪୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶୁଳିଆପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀସାଗର ମାଝି, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି, ପାକଟିଆ ସରପଞ୍ଚ ସତ୍ୟବାନ ସିଂ, କୁଜିଡିହି ସରପଞ୍ଚ ଖଗେଶ୍ୱର ସିଂ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁମିତ ନାୟକ ଓ ସ୍ୱାର୍ଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୋହନ ମୁର୍ମୁ ଉପସ୍ଥିତ ରହି ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଟ୍ରେନିଂର ସାର୍ଟିଫିକେଟ ପ୍ରଦାନ କରିବା ସହ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ସମୟରେ ସ୍ୱେଚ୍ଛାସେବୀ ଭାବେ କାମ କଲେ ଅନେକ ଧନ ଜୀବନ ସୁରକ୍ଷିତ ରହିପାରିବ ଓ ସମ୍ଭାବ୍ୟ କ୍ଷୟକ୍ଷତି ଆଶଙ୍କା ଦୂର କରାଯାଇପାରିବ ବୋଲି ପରାମର୍ଶ ଦେଇଥିଲେ। ଓସଡମା ପକ୍ଷରୁ ମାଷ୍ଟର ଟ୍ରେନର ଭାବେ ମାନସୀ ମିଶ୍ର, ଜୁଲିମଣି ବେହେରା ଓ କବିତା ଘଡେଇ ଟ୍ରେନିଂ ପ୍ରଦାନ କରିଥିଲେ। ସ୍ୱାର୍ଡା ଅନୁଷ୍ଠାନ ପକ୍ଷରୁ ଉପେନ୍ଦ୍ର ପାତ୍ର, ଗୋପବନ୍ଧୁ ସି ଓ ଅଜିତ ସି ସହଯୋଗ କରିଥିଲେ।

# ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




ଆନନ୍ଦପୁର, ୧୨।୯ (ସମିସ): ଶାଳପଡାସ୍ଥିତ ଆଦର୍ଶ ବିଦ୍ୟାଳୟରେ ୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।

ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭାନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ନିଜ ଅଞ୍ଚଳ ତଥା ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣନ୍ତୁ ବୋଲି କାମନା କରିଛନ୍ତି ମୁଖ୍ୟଅତିଥି ଉପଜିଲ୍ଲାପାଳ।

# ରାଇରଙ୍ଗପୁର ଓ ସାରସକଣା ନିର୍ବାଚନମଣ୍ଡଳୀ ବିଏଲଏ-୨ ତାଲିମ ଶିବିର

ରାଇରଙ୍ଗପୁର, ୧୨।୯ (ସମିସ): ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ଆନୁକୂଲ୍ୟରେ ରାଇରଙ୍ଗପୁର ସହରସ୍ଥ ସ୍ଥାନୀୟ କୁଡୁମୀ ଭବନରେ ୨୮ ନଂ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଏଲଏ-୨ ତାଲିମ ଶିବିର ବିଏଲଏ-୧ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀଙ୍କ ସଭାପତିତ୍ୱରେ ଜିଲ୍ଲା ସଭାପତି ଭୂବନ ବିହାରୀ ସାହୁଙ୍କ




ଉପସ୍ଥିତକ୍ରମେ ଅନୁଷ୍ଠିତ ହୋଇଯାଇଛି। ବିଜାତଳା ବ୍ଲକରେ ସାରସକଣା ନିର୍ବାଚନମଣ୍ଡଳୀର ୨୭ ନଂର ବିଏଲଏ-୧ ବେରେଲ ସିର୍କାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତୀ, ଡିସିସି ସମ୍ପାଦକ ବସନ୍ତ ପଟ୍ଟନାୟକଙ୍କ ସମେତ ବିଜାତଳା ବ୍ଲକ ସଭାପତି ନିଶାକର ପାତ୍ର, ସାରସକଣା ବ୍ଲକ ସଭାପତି ତରୁଣ କୁମାର ଗିରିଙ୍କ ସମେତ ବିଏଲଏ-୨ମାନେ ଉପସ୍ଥିତ ଥିଲେ। ରାଇରଙ୍ଗପୁର ସଭାରେ ବ୍ଲକ ସଭାପତି ସିମାଲ ମାଝୀ, ବହଳଦା ବ୍ଲକ ସଭାପତି ଆଲୋକ ବରାଳ, ଜାମଦା ବ୍ଲକ ସଭାପତି ସବ୍ୟସାଚୀ ଖୁଣ୍ଟିଆ, ରାଇରଙ୍ଗପୁର ଟାଉନ ସଭାପତି ଅମର ପ୍ରଧାନ, ଦେଓ ହେମ୍ବ୍ରମ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି କିଶୋର ମହାନ୍ତ, ରାଇରଙ୍ଗପୁର ଟାଉନ ଉପସଭାପତି ଦେବାଶିଷ ପାତ୍ର, ନିବେଦିତା ପାଲ ଓ କିରନ ବାଲ୍ମିକି, ସହସମ୍ପାଦକ ଅମର ମହାନ୍ତ, ରାଇରଙ୍ଗପୁର ଟାଉନ କଂଗ୍ରେସ କୋଷାଧକ୍ଷ କୌଶିକ ମହାନ୍ତି, ଅମିତ ବୈଠା ପ୍ରମୁଖ ଯୋଗ ଦେଇଥିଲେ।

ଦଳକୁଆହୁରିକିପରିମଜବୁତଓସୁଦୃଢକରାଯାଇପାରିବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ସମସ୍ତ ବୁଥସ୍ତରୀୟ ଏଜେଣ୍ଟ ଉପସ୍ଥିତ ଥିଲେ। ବିଏଲଏ-୧ ବେରେଲ ସିର୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ 'ସ୍ପାର୍କ-୨୦୨୬'

ବିଶୋଇ,୧୨।୯ (ସମିସ): ଜାମିରଡିହା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ 'ସ୍ପାର୍କ- ୨୦୨୬' ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଗୁରୁଦେବ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚଟାଣି ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ଟୁଡୁ ଯୋଗଦେଇ ଜାମିରଡ଼ିହା ଓଡିଶା ଆଦର୍ଶ ବିଦ୍ୟାଳୟର ପରିବେଶ ଓ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରିବା ସହିତ ଆଦର୍ଶ ଓ ଶୃଙ୍ଖଳିତ ଭବିଷ୍ୟତ ଗଠନ ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବ୍ୟକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ବସନ୍ତ




ହୋତା ପରିଶ୍ରମ ଦ୍ୱାରା ଜୀବନରେ ଲକ୍ଷ୍ୟ ସାଧନ କରିହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କୁଦୁଳିଆ କ୍ଲଷ୍ଟରର ସିଆରସିସି ଇନ୍ଦୁଲତା ସି ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରୁ ଅନେକ ପ୍ରତିଭାବାନ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ 'ସ୍ପାର୍କ-୨୦୨୬' ପାଇଁ ମନୋନୀତ ହୋଇଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଳା ଶିକ୍ଷକ ତପନ ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ମଧୁମିତା ଚକ୍ରବର୍ତ୍ତୀ ଓ ସିଞ୍ଜନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ସାହା ଧନ୍ୟବାଦ ଅର୍ପଣ କରିଥିଲେ।

୨୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ
ଅମଳାପଡା, ୨ୟଗଳି, ଅନୁଗୋଳ

ଆଜି ତୁମର ୨୦ତମ ଶ୍ରାଦ୍ଧବାର୍ଷିକୀ।
ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ।
ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ, ଆଦର୍ଶ, ଚିନ୍ତାଧାରା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ-ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ - ସଂଗ୍ରାମ, ବଡ଼ବୋହୂ - ଗୁନି, ମଝିଆବୋହୂ - ମାନି,ବଡ଼ଝିଅ - ମୁନା, ବଡ଼ଜ୍ୱାଇଁ - ବିନୟ, ସାନଝିଅ - ରୀନା, ସାନଜ୍ୱାଇଁ - ରୁଚିର, ସାନପୁଅ - ପାପୁ, ନାତୁଣୀ - ସୋନି, ନାତୁଣୀ ଜ୍ୱାଇଁ - ସୋମୋଜିତ, ନାତି - ଗୁଡୁ, ନାତୁଣୀ - ନୈନା, ନାତି - ସୋନୁ ଏବଂ ବନ୍ଧୁ ଓ ପରିବାର ବର୍ଗ।

# ଦୀର୍ଘଦିନର ଦାବି ପରେ ଭଙ୍ଗାଗଲା ଅନଧିକୃତ ପାଚେରି

ଉଦଳା,୧୨।୯ (ସମିସ)



ଉଦଳା ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖସ୍ଥ ସର୍ବସାଧାରଣ ରାସ୍ତା ଉପରେ ନିର୍ମିତ ଅନଧିକୃତ ପାଚେରି ଶେଷରେ ଭଙ୍ଗାଯାଇଛି। ଏହି ପାଚେରି ଯୋଗୁଁ ଉଦଳାବାସୀଙ୍କ ଯାତାୟାତରେ ସୃଷ୍ଟି ହେଉଥିବା ସମସ୍ୟାର ଅନ୍ତ ଘଟିଛି। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଉକ୍ତ ରାସ୍ତାଟି ଦୀର୍ଘବର୍ଷ ଧରି ସର୍ବସାଧାରଣଙ୍କ ଯାତାୟାତର ଏକ ପ୍ରମୁଖ ମାର୍ଗ ଭାବେ ବ୍ୟବହୃତ ହୋଇଆସୁଥିଲା। ଏହି ରାସ୍ତା ଦେଇ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଆଇଟିଡିଏ, ଆର୍‌ଆଇ, ବ୍ଲକ୍, ଅବକାରୀ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପ୍ରତିଦିନ ଶତାଧିକ ଲୋକ ଯାତାୟାତ କରୁଥିଲେ। ପାଚେରି ଯୋଗୁଁ ରାସ୍ତା ଅବରୋଧ ହେବାରୁ ବରିଷ୍ଠ ନାଗରିକ, ମହିଳା, ଛାତ୍ରଛାତ୍ରୀ, ଦିବ୍ୟାଙ୍ଗ ଓ ସାଧାରଣ ଲୋକଙ୍କୁ ପ୍ରାୟ ୧ରୁ ୨ କିଲୋମିଟର ଅଧିକ ରାସ୍ତା ଘୁରି ଯିବାକୁ ପଡୁଥିଲା। ଏହି ଜନସମସ୍ୟାକୁ ନେଇ ଉଦଳା ସଚେତନ ନାଗରିକ ମହାମଞ୍ଚ ପକ୍ଷରୁ ପୂର୍ବରୁ ପ୍ରଶାସନ ନିକଟରେ ଅଭିଯୋଗ ଦାଖଲ କରାଯାଇଥିଲା। ପରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜନଶୁଣାଣିରେ ମଧ୍ୟ ମହାମଞ୍ଚ ପକ୍ଷରୁ ଏହି ପାଚେରି ଭାଙ୍ଗି ସର୍ବସାଧାରଣ ରାସ୍ତାକୁ ଅବରୋଧମୁକ୍ତ କରିବା ପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯାଇଥିଲା। ଜନସ୍ୱାର୍ଥ ସମ୍ବଳିତ ଏହି ଦାବି ଉପରେ ପ୍ରଶାସନ ପଦକ୍ଷେପ ନେଇ ଆଜି ଉକ୍ତ ପାଚେରିକୁ ଭାଙ୍ଗି ଦେଇଛନ୍ତି। ଫଳରେ ଦୀର୍ଘଦିନ ଧରି ଅବରୋଧ ହୋଇଥିବା ରାସ୍ତା ପୁନର୍ବାର ସାଧାରଣ ଲୋକଙ୍କ ଯାତାୟାତ ପାଇଁ ଖୋଲିଛି। ପାଚେରୀ ଭଙ୍ଗାଯିବା ଘଟଣାକୁ ଉଦଳା ସଚେତନ ନାଗରିକ ମହାମଞ୍ଚ ସ୍ୱାଗତ କରିବା ସହିତ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନକୁ ଧନ୍ୟବାଦ ଜଣାଇଛି।

## ୧୮ରେ 'ମାଲିପୁଟ ମେଲୋଡିଜ୍'



ଚଳିତ ସେପ୍ଟେମ୍ବର ୧୮ ତାରିଖରେ ମୁକ୍ତିଲାଭ କରିବ 'ମାଲିପୁଟ ମେଲୋଡିଜ୍' । ଗୋଆରେ ଅନୁଷ୍ଠିତ ୫୬ତମ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ)-୨୦୨୫ ଇଣ୍ଡିଆନ୍ ପାନୋରାମା ଫିଚର୍ ଫିଲ୍ମ ବର୍ଗରେ ମନୋନୀତ ହୋଇ ପ୍ରଦର୍ଶିତ ହୋଇଥିଲା । ପିଭିଆରରେ ସ୍ପେସିଆଲ୍ ସ୍କ୍ରିନିଂରେ ମଧ୍ୟ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ଅତିଥି ଉପଭୋଗ କରିଥିଲେ ତା'ର କଳା, ସଂସ୍କୃତି, ସାହିତ୍ୟ ଆଉ ସଙ୍ଗୀତକୁ । କେବଳ ଆଇଏଫ୍‌ଏଫ୍‌ଆଇ ନୁହେଁ, ଆଜି ପର୍ଯ୍ୟନ୍ତ ଭାରତ ସହିତ ବିଶ୍ୱ ଦରବାରରେ ଏହା ଆଠଟି ସ୍ଥାନରେ ମନୋନୀତ ହୋଇ ସାରିଛି । ଖାଣ୍ଟି ମୌଳିକ ଓଡ଼ିଆ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଏ ସିନେମାରେ ହୃଦୟସ୍ପର୍ଶୀ କାହାଣୀର ସମାହାର ରହିଛି । ଯାହା ଚିରାଚରିତ ଧାରାଠୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଏକ ପାରିବାରିକ ଚଳଚ୍ଚିତ୍ର । ଏଥିରେ ସିନେ ଦୁନିଆରେ ଚିହ୍ନା ମୁହଁ ନାହାଁନ୍ତି । ଏହା ବ୍ୟତୀତ ସିନେମାର ଗୀତ, ସଙ୍ଗୀତ, କାହାଣୀ, ସଂଳାପ, ଚିତ୍ରନାଟ୍ୟ, କଳାକାରଙ୍କ ଜୀବନ୍ତ ଅଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ, ଅତି ଚମତ୍କାର ଓ ଉଚ୍ଚକୋଟୀର ହୋଇଛି । ସିନେମାର ନିର୍ଦ୍ଦେଶକ ବିଶାଲ ପଟ୍ଟନାୟକ ଥିବା ବେଳେ ପ୍ରଯୋଜକ କୌଶିକ ଦାସ ଅଛନ୍ତି । ଗୀତ ଓ ସଙ୍ଗୀତକାର ତୋଷ ନନ୍ଦ, କାହାଣୀକାର ସୁଧାକର ପଟ୍ଟନାୟକ ଏବଂ ସହ ପ୍ରଯୋଜକ ରାମ ପଟ୍ଟନାୟକ ଓ କୌସ୍ତୁଭ ଦାସଙ୍କ ସହ ପୂରା ଟିମ୍ । ■



## ପରଦା ପଛର କାହାଣୀ

## ପରିଚାରକଙ୍କ ନାଁରେ ଲୋକପ୍ରିୟ ସଙ୍ଗୀତ

ବଲିଉଡ୍‌ର ସବୁଠାରୁ ଲୋକପ୍ରିୟ ଯୋଡ଼ି ମଧ୍ୟରେ ରାଜ କପୁର୍ ଏବଂ ନର୍ଗିସଙ୍କ ଯୋଡ଼ି ଅନ୍ୟତମ । ପଚାଶ, ଷାଠିଏ ଦଶକରେ ଏହି ଯୋଡ଼ି ଅନେକ ଉଚ୍ଚକୋଟୀର ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଥିଲେ । ତନ୍ମଧ୍ୟରୁ 'ଶ୍ରୀ- ୪୨୦' ସିନେମା ଗୋଟିଏ । ୧୯୫୫ ମସିହାରେ ମୁକ୍ତିଲାଭ କରିଥିବା 'ଶ୍ରୀ- ୪୨୦' ଏକ କମେଡ଼ି ଡ୍ରାମା ଆଧାରିତ ସିନେମା । ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ବକ୍ସ ଅଫିସ୍‌ରେ ଏହା ଭଲ ଆୟ କରିଥିଲା । ଏହି ଫିଲ୍ମର ସମସ୍ତ ଗୀତ ହିଟ୍ ହୋଇଥିବା ବେଳେ ଗୋଟିଏ ଗୀତ ଥିଲା ଯାହା ସୁପରହିଟ୍ ହୋଇଥିଲା । ଏହି 'ରମୈୟା ବସ୍ତାଭୈୟା.....' ଗୀତ ପଛରେ ଏକ ରୋମାଞ୍ଚକର କାହାଣୀ ଥିଲା । ଫିଲ୍ମରେ ରାଜୁ ଟଙ୍କା ଏବଂ ଧନ ସମ୍ପତ୍ତି ମୋହରେ ପଡୁଥିବା ବେଳେ, 'ରମୈୟା ବସ୍ତାବୈୟା...' ଗୀତଟି ତାଙ୍କୁ ବାସ୍ତବତାକୁ ଫେରାଇ ଆଣିଥିଲା । ତେବେ ଫିଲ୍ମର ସଙ୍ଗୀତ ଟିମ୍ ଯେଉଁ ଢାବାରେ ବସି ସମୟ ବିତାଉଥିଲେ ସେଠାରେ 'ରମୈୟା' ନାମକ ଜଣେ ତେଲୁଗୁ ୱେଟର୍ ବା ପରିଚାରକ କାର୍ଯ୍ୟ କରୁଥିଲେ । ଗୀତିକାର ଶଙ୍କର ତେଲୁଗୁ ଭାଷା ବୁଝିପାରୁଥିଲେ । ସେହି ସମୟରେ ଏହି 'ରମୈୟା ବସ୍ତାଭୈୟା' ଭଳି ଶବ୍ଦ ସହ ପରିଚିତ ହେଲେ । ପରବର୍ତ୍ତୀ ସମୟରେ ଏହା ଏକ ଲୋକପ୍ରିୟ ଗୀତ ଭାବେ ପ୍ରସିଦ୍ଧି ଲାଭ କରିଥିଲା । ସେହିପରି ରାଜ୍ କପୁରଙ୍କ ଏହି ଫିଲ୍ମର ନାଁ ମଧ୍ୟ ଖୁବ୍ ରୋଚକୀୟ ଥିଲା । ଏହା ଭାରତୀୟ ଦଣ୍ଡ ସଂହିତାର ଠକେଇ ଏବଂ ଜାଲିଆତି ଧାରା ସହ ଜଡ଼ିତ ଥିବାବେଳେ ରାଜ୍ କପୁର ଏହା ପୂର୍ବରୁ 'ଶ୍ରୀ' ଯୋଡ଼ି ଏଥିରେ ଏକ ବ୍ୟଙ୍ଗାତ୍ମକ ଭାବନା ଯୋଡ଼ି ଥିଲେ । ■

## ଚର୍ଚ୍ଚାରେ 'ମଧୁମାଳତୀ'




ପୂଜା ପାଖେଇ ଆସିଲେ ପୂଜା ବଜାରର ସିନେମାକୁ ନେଇ ଆରମ୍ଭ ହେଇଯାଏ ଚର୍ଚ୍ଚା । ଏଇ କିଛିଦିନ ହେଲା ସବୁଠୁ ବେଶୀ ଚର୍ଚ୍ଚାରେ ଥିବା ସିନେମା 'ମଧୁମାଳତୀ'ର ସୁଟିଂ ନିକଟରେ ଶେଷ ହୋଇଛି । ଅଶି ଦଶକର ପ୍ରେମକାହାଣୀକୁ ନେଇ ପ୍ରସ୍ତୁତ ଏହି ସିନେମା ପୂଜା ସିନେମାର ଭିଡ଼ ଭିତରେ ସବୁ ବର୍ଗର ଦର୍ଶକଙ୍କୁ ଏକ ନିଆରା ଅନୁଭବ ଦେବ ବୋଲି କହିଛନ୍ତି ସିନେମାର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ । ପ୍ରଥମଥର ଓଡ଼ିଆ ସିନେମାରେ ବଲିଉଡ୍ ଅଭିନେତା ସଞ୍ଜୟ ମିଶ୍ର ଓ ମହାଶ୍ୱେତା ରାୟଙ୍କୁ କେନ୍ଦ୍ର କରି ଏପରି ଏକ କାହାଣୀକୁ ପରଦାକୁ ଆଣିବା ସବୁଠୁ ବଡ଼ ଆହ୍ୱାନ ଥିଲା ବୋଲି କହିଛନ୍ତି ପ୍ରଯୋଜକ ଅଶୋକ ପାଢ଼ୀ ଏବଂ ବ୍ରଜକିଶୋର ମିଶ୍ର । ଅନେକ ଦିନ ପରେ ଓଡ଼ିଆ ଦର୍ଶକ ଗୋଟେ ନିଛକ ମ୍ୟୁଜିକାଲ୍ ଲଭ୍ ଷ୍ଟୋରୀର ଆନନ୍ଦ ନେବେ ଏବଂ ସିନେମାର ଗୀତ ଗୁଡ଼ିକ ମନଛୁଆଁ ହେବ ବୋଲି ଆଶା ରଖିଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ । ଏହି କାହାଣୀ ଜେନ୍ ଜିଙ୍କୁ ଅତୀତ ସହ ପରିଚିତ କରାଇବ । ଜେନ୍ ୱାଇଙ୍କୁ ପିଲାଦିନର ସ୍ମୃତିକୁ ମନେପକାଇବ । ଆଉ ଜେନ୍ ଏକ୍ସଙ୍କୁ ପୁଣି ଥରେ ତାଙ୍କ ଅତୀତକୁ ଫେରାଇ ନେବ ବୋଲି କହିଛନ୍ତି ସିନେମାର ଲେଖକ ପ୍ରିୟବ୍ରତ ପଣ୍ଡା । ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ଆକାଶ, ଭୂମିକା, ପ୍ରଜ୍ଞା, ସନୋଜ୍, କେକେ, ଶୁଭ୍ରାଂଶୁ, ପ୍ରଶାନ୍ତ , ଭାସ୍ୱତୀ ପ୍ରମୁଖ ଅଭିନେତା ଅଭିନେତ୍ରୀ ସିନେମାକୁ ନେଇ ଖୁବ୍ ଆଶାବାଦୀ ଅଛନ୍ତି । ସୋସିଆଲ୍ ମିଡିଆରେ 'ମଧୁମାଳତୀ'କୁ ନେଇ ଚର୍ଚ୍ଚା ରହିଥିବା ବେଳେ ଏହା ଦଶହରାରେ ମୁକ୍ତିଲାଭ କରିବାକୁ ପ୍ରସ୍ତୁତ ବୋଲି ପ୍ରକାଶ କରିଛନ୍ତି ପ୍ରଯୋଜନା ସଂସ୍ଥା । ■

## ପାର୍ବଣ ଋତୁରେ 'ମେଦିନୀପୁରର ମେନକା'



ଆସୁଛି ପାର୍ବଣ ଋତୁ । ପ୍ରତ୍ୟେକ ପର୍ବର ଆଗମନରେ ନିର୍ଦ୍ଦେଶକ ବାବୁ ବାବୁ ଭେଟି ଦେଇଥାନ୍ତି ନୂଆ ମ୍ୟୁଜିକ୍ ଭିଡିଓ । ଚଳିତ ପାର୍ବଣ ଋତୁ ପାଇଁ ଏକ ବଡ଼ ବଜେଟ୍‌ର ମ୍ୟୁଜିକ୍ ଭିଡିଓ ଭେଟି ଦେଇଛନ୍ତି ଓଡ଼ିଆ ଦର୍ଶକଙ୍କୁ ଯାହାର ନାଁ ରହିଛି 'ମେଦିନୀପୁରର ମେନକା'। ପୀୟୁଷ ତ୍ରିପାଠୀ ଓ ପାୟଲଙ୍କ ଯୋଡ଼ିରେ ପ୍ରଥମ ଥର ପାଇଁ ଆସୁଛି ଏହି ମ୍ୟୁଜିକ୍ ଭିଡିଓ । ଗଣେଶ ପୂଜା ଅବସରରେ ମେଦିନୀପୁରର ମେନକା ମୁକ୍ତିଲାଭ କରିବ । ପୀୟୁଷ ତ୍ରିପାଠୀ ଏବଂ ପାୟଲଙ୍କ ବ୍ୟତୀତ ସହ କଳାକାର ଭାବେ ସିନେ ପ୍ରଯୋଜକ ତଥା ଅଭିନେତା ଶ୍ରୀଧର ମାର୍ଥା ଏକ ବିଶେଷ ଭୂମିକାରେ ନଜର ଆସିବେ । ତାଙ୍କ ସହିତ ସିପୁ, ସୋମିଆ ଏବଂ ମାନସ ମଧ୍ୟ ଅଭିନୟ କରିଛନ୍ତି । ପ୍ରଯୋଜନା କରିଛନ୍ତି ପ୍ରଶାନ୍ତ କୁମାର ବେହେରା । ଦେବେଶ ପତି ଏବଂ ଅସୀମା ପଣ୍ଡା କଣ୍ଠଦାନ କରିଥିବା ବେଳେ ବିରଜା ପ୍ରସାଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଡ. ଦୀପକ ଜେନା ଏହି ଗୀତକୁ ରଚନା କରିଛନ୍ତି । ■

## ସାକ୍ଷାତକାର




# 'ପ୍ରଶଂସକ ମୋର ପରିବାର'

**ନିକିତା ମିଶ୍ର, ଅଭିନେତ୍ରୀ**

**୨୦ ଦିନରେ ଲଗାତାର ୪ଟା ମ୍ୟୁଜିକ ଭିଡିଓ କରି ସଫଳତା ସାଉଁଟୁଛନ୍ତି ଲୋକପ୍ରିୟ ଅଭିନେତ୍ରୀ ନିକିତା ମିଶ୍ର । ତାଙ୍କ ଅଭିନୀତ 'ଗେଣ୍ଡୁଫୁଲ', 'ଠୁମ୍‌କା' ମ୍ୟୁଜିକ ଭିଡିଓକୁ ଲୋକଙ୍କ ଅଜସ୍ର ଭଲପାଇବା ମିଳିଥିବା ବେଳେ ନିକଟରେ ରିଲିଜ୍ ହୋଇଛି 'ଅଣ୍ଟାବିଛା' । ସେହିପରି ଆଗକୁ ତାଙ୍କର ନୂଆ ସିନେମା ମୁକ୍ତିଲାଭ ଅପେକ୍ଷାରେ ଅଛି । ଶିଶୁ କଳାକାରରୁ ଏବେ ଆଗଧାଡ଼ିର ଅଭିନେତ୍ରୀ ନିକିତାଙ୍କ ସହ ଏଥରର ଆଳାପ ।**



**'ଗେଣ୍ଡୁଫୁଲ' ଗୀତଟି ଏବେ ଟ୍ରେଣ୍ଡ କରୁଛି । କ'ଣ କହିବେ?**

● ସ୍ୱୟମ୍ ପାଢ଼ୀ ଚ୍ୟାନେଲ୍‌ରେ ସ୍ୱୟମ୍ ପାଢ଼ୀଙ୍କ ପ୍ରଯୋଜନାରେ ହିଁ 'ଗେଣ୍ଡୁଫୁଲ' ଗୀତଟି ଅଗଷ୍ଟ ୨୧ରେ ରିଲିଜ୍ ହୋଇଥିଲା । ଲୋକଙ୍କ ମନରେ ରାଜ୍ କରୁଛି । ଟ୍ରେଣ୍ଡରେ ଅଛି । ଟ୍ରେଣ୍ଡରୁ ଖସିନି । ଦର୍ଶକେ ବି ନିଜ ଇଚ୍ଛାନୁସାରେ ରିଲ୍ସ କରୁଛନ୍ତି । ଏପରିକି ଓଡ଼ିଶା ବାହାରେ ବି ଲୋକେ ଏହି ଗୀତରେ ରିଲ୍ସ କରି ପଠାଉଛନ୍ତି । ଖୁସି ଲାଗୁଛି । ଏଥିରେ ସ୍ୱୟମ୍ ଭାଇ ଓ ସଂଜୁ ମହାନ୍ତି କଣ୍ଠଦାନ କରିଛନ୍ତି । ମୁଁ, ରାଜରାଜେଶ, ସ୍ୱୟମ୍ ଭାଇ ଏବଂ କ୍ରିଷ୍ଣା ଅଭିନୟ କରିଛୁ । ଏଥିପାଇଁ ମାସେ କାଳ ପରିଶ୍ରମ କରିଛୁ । ସ୍ୱୟମ୍ ଭାଇଙ୍କୁ ବିଶେଷ ଧନ୍ୟବାଦ ଦେବି । ଆଉ ଗୋଟିଏ ବିଶେଷ କଥା ହେଉଛି, ପୂର୍ବରୁ ସ୍ୱୟମ୍ ଭାଇ ଗାଇଥିବା ହିଟ୍ ଗୀତ ଯେମିତି 'ପାଟେଣି ଖାସି', 'ତେଲୁଗୁ ସୁନ୍ଦରୀ', 'ଖଜୁରି ତାଡ଼ି', 'ଭୂଗୋଳରେ ଶହେ ରହୁଥିଲା' ସବୁର ଲାଇନ୍ ଏହି ଗୋଟିଏ ଗୀତରେ ଅଛି । ଏହିପରି ଭାବେ ସେ ଏହି ଗୀତରେ କିଛି ନିଆରା କରିବାକୁ ଚେଷ୍ଟା କରିଛନ୍ତି । ଅନ୍ୟପଟେ ଗଣେଶ ପୂଜାରୁ ପାର୍ବଣ ଋତୁ ଆରମ୍ଭ ହୋଇଯାଏ । ଗୀତଟିକୁ ମେଲୋଡ଼ିବାଲା ଉଠେଇ ସାରି ଥିବାବେଳେ ଡିଜେ ବାଲା ବି ଏହାର ଭର୍ସନ ବାହାର କରିଛନ୍ତି । ସବୁବେଳେ ପୂଜା ତଥା ଭସାଣିରେ ଡ୍ୟାନ୍ସ ଗୀତ ଲୋକେ ଆଶା କରନ୍ତି । ଭାବୁଛି ସେହି ଆଶା ପୂରଣ କରିଛୁ ।

**ଏବେ ବି ଝିଲି ନାଁରେ ପରିଚିତ? କେମିତି ଲାଗେ?**

● ଓଡ଼ିଶା ମୋତେ ଗୋଟେ ଦ୍ୱିତୀୟ ନାଁ ଦେଇ ଦେଇଛି 'ଝିଲି' । ଘରେ ଘରେ ନିକିତା ନାଁରେ ନ ଜାଣିଲେ ବି କିଛି ବି ଖରାପ ଲାଗେନି । ଏଇଟା ମୋ ପାଇଁ ଦର୍ଶକଙ୍କ ଆଶୀର୍ବାଦ । ମୁଁ ଯେଉଁ ଚରିତ୍ର ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଥିଲି, ସେଇଟା ଲୋକଙ୍କ ମନରେ ଅଛି ଏବଂ ଜୀବନଯାକ ରହିବ ।

**ସିରିଏଲ୍, ସିନେମା, ମ୍ୟୁଜିକ ଭିଡିଓ ମଧ୍ୟରୁ ପ୍ରଥମ ପ୍ରାଥମିକତା କାହାକୁ ଦେବେ ?**

● ପ୍ରଥମତଃ ସିନେମାକୁ ଯିବ । ବର୍ତ୍ତମାନ ସମୟରେ ମ୍ୟୁଜିକାଲ ଭିଡିଓ ଭଲ । ଆଜି ଏମିତି ବି ଓଡ଼ିଶାରେ ବହୁତ ନିର୍ମାତା ଅଛନ୍ତି, ଯେଉଁମାନେ କହନ୍ତି, ମ୍ୟୁଜିକ ଭିଡିଓ କଲେ ବଡ଼ ପରଦାରେ କାମ ମିଳିବ ନାହିଁ । ଏହା ସବୁଠୁ ବଡ଼ ଭୁଲ ଧାରଣା । ଲୋକେ ଯେଉଁ ମାଧ୍ୟମରେ ଗ୍ରହଣ କରୁଛନ୍ତି, ଜଣେ ଯେଉଁଥିରେ ଭଲ ପ୍ରଦର୍ଶନ କରୁଛି ଭଲ କାମ କରି, ସେଥିରେ ତାହାକୁ ପ୍ରାଥମିକତା ଦେବା ଜରୁରି ।

**ସାମାଜିକ ଗଣମାଧ୍ୟମରେ କେତେ ସକ୍ରିୟ?**

● ମୁଁ ବହୁତ ଆକ୍ଟିଭ୍ । ହ୍ୱାଟ୍ସଆପ୍ ପରେ ମୁଁ ସବୁଠୁ ଅଧିକ ଇନ୍‌ଷ୍ଟାଗ୍ରାମ ହିଁ ବ୍ୟବହାର କରେ । ୟୁଟ୍ୟୁବ୍‌ରେ ବି ନିକିତା ମିଶ୍ର ଲାଇଫ୍ ଷ୍ଟାଇଲ୍ ନାଁରେ ମୋର ପେଜ୍ ଅଛି । ୩୦ ହଜାର ସବସ୍କ୍ରାଇବର ଅଛନ୍ତି । ବର୍ଷକୁ ଗୋଟିଏ ଭିଡିଓ ପୋଷ୍ଟ କରେ । କିଛି ନିର୍ମାତା କହିଥିଲେ ଯଦି ସବୁଦିନ କ'ଣ ଖାଉଛୁ, କୁଆଡ଼େ ଯାଉଛୁ, କୋଉଠି ବୁଲୁଚୁ, କାହା ସାଙ୍ଗରେ ବୁଲୁଚୁ, ବସୁଚୁ ଉଠୁଚୁ ଛାଡ଼ିବୁ କେବେ ବି ଲୋକଙ୍କ ନଜରରେ ସ୍ୱତନ୍ତ୍ର ହୋଇପାରିବୁ ନାହିଁ । ୟୁଟ୍ୟୁବ୍‌ରେ ବ୍ୟକ୍ତିଗତ ଓ ବୃତ୍ତିଗତ ସବୁ ଜାଣିଲେ, କିଏ କାହିଁ କାମକୁ ଗୁରୁତ୍ୱ ଦେବ । ଏକଥା ଶୁଣି ଅବଶ୍ୟ ବ୍ଲଗ୍ ବନ୍ଦ କରିଥିଲି, କିନ୍ତୁ ମଝିରେ ମଝିରେ ସର୍ଟସ କରେ । ମୁଁ ଭାବେ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ନିଜ ପ୍ରୋଜେକ୍ଟ ଓ ନିଜର ଭାବନାକୁ ଦର୍ଶକଙ୍କ ପାଖରେ ପହଞ୍ଚାଇ ପାରୁଛି ।

**ଆଗାମୀ ଯୋଜନା କ'ଣ?**

● 'ଗେଣ୍ଡୁଫୁଲ' ପରେ ବହୁତ ଟ୍ରେଣ୍ଡରେ ଚାଲିଛି ମୋର 'ଠୁମ୍‌କା ।' ସେହିପରି ନିକଟରେ 'ପ୍ରକାଶ ମ୍ୟୁଜିକ୍'ର 'ଅଣ୍ଟାବିଛା' ଆସିଛି । ଏହା ମଧ୍ୟ ଏକ ପେପି ନମ୍ବର ଗୀତଟି । ଏହାରି ଭିତରେ ରୋମାଣ୍ଟିକ୍ ଗୀତ 'ବର୍ଷାଭିଜା 'ଓଢ଼ଣି'କୁ ଲୋକଙ୍କ ଭଲ ପାଇବା ମିଳିଛି । ଏଥିରେ ମଧ୍ୟ ନବାଗତ ହିରୋଙ୍କ ସହିତ କାମ କରିଛି । ଗଣେଶ ପୂଜା ପରଠୁ ମାଇକ୍ରୋଡ୍ରାମା ସୁଟିଂ ଆରମ୍ଭ ହେବ । ଆଗକୁ ରାଜ୍ ରାଜେଶଙ୍କ ସହ ସିନେମା ଆସୁଛି । ରିଲିଜ ତାରିଖ ଖୁବ୍‌ଶୀଘ୍ର ସାମ୍ନାକୁ ଆସିବ ।

**ପ୍ରଶଂସକଙ୍କୁ କ'ଣ କହିବେ?**

● ପ୍ରଶଂସକମାନେ ମୋର ପରିବାର । ସେମାନଙ୍କ ପାଇଁ ଆଜି ମୁଁ । ଯଦି ସେମାନେ ଦେଖିବେନି, ଭଲପାଇବା ଦେବେନି, ପ୍ରଶଂସା କରିବେନି, ତେବେ ପ୍ରୋତ୍ସାହନ ମିଳିବ ନାହିଁ । ସିରିଏଲ୍ ସରିବାର ତିନି ବର୍ଷ ପରେ ବି ଏବେ ବି ପ୍ରଶଂସକଙ୍କ ସେହି ଭଲପାଇବା ମୋ ପ୍ରତି ରହିଛି । ତେଣୁ ମୁଁ ଭାଗ୍ୟବାନ । କାରଣ ସମସ୍ତେ କହନ୍ତି, ଯେତିକି ଦିନ ସିରିଏଲ୍ ଚାଲେ, ଲୋକେ ମନେ ରଖନ୍ତି, ତା'ପରେ ଭୁଲିଯାନ୍ତି । ହେଲେ ଲୋକେ ମନେ ରଖିଥିବାରୁ ପଛକୁ ପଛ ୪ଟା ମ୍ୟୁଜିକ ଭିଡିଓ କରିସାରିଲିଣି । ଛୁଆବେଳୁ ଯେମିତି ଭଲପାଇବା ଓଡ଼ିଶାବାସୀ ଦେଇ ଆସୁଛନ୍ତି, ଆଗକୁ ମଧ୍ୟ ସେମିତି ଭଲପାଇବା ରହିବ, ଏତିକି ଆଶା ରଖିବି । ■

## ମୁମ୍ବାଇରେ 'ଦାହାନ'ର ପ୍ରିମିୟର




ନିକଟରେ ପ୍ରେକ୍ଷାଳୟକୁ ଆସିଛି 'ଦାହାନ' । ତେବେ ପ୍ରଥମଥର ପାଇଁ ମୁମ୍ବାଇରେ ଏକ ଓଡ଼ିଆ ଚଳଚ୍ଚିତ୍ର 'ଦାହାନ: 'ଦି ଇଭିଲ୍ ୱିଦିନ୍'ର ପ୍ରିମିୟର ହୋଇଛି । ଓଡ଼ିଶାରୁ ମୁମ୍ବାଇ, ଓଲିଉଡ଼ ଏବେ ପହଞ୍ଚୁଛି ଭାରତୀୟ ସିନେମାର ହୃଦୟରେ । ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଅମୀୟ ପଟ୍ଟନାୟକ ପ୍ରଡକ୍ସନ ଏହି ପ୍ରୟାସ ଓଡ଼ିଆ ସିନେମାକୁ ଦେଉଛି ନୂଆ ପରିଚୟ । ଏହା କେବଳ ପ୍ରିମିୟର ନୁହେଁ, ଓଲିଉଡ୍‌ର ନୂଆ ଯାତ୍ରାର ଏକ ନୂଆ ଅଧ୍ୟାୟ । ଭିନ୍ନ ଭିନ୍ନ ପରିକଳ୍ପନାରେ ଗୋଟିଏ ପରେ ଗୋଟିଏ ଫିଲ୍ମ ସମ୍ପୂର୍ଣ୍ଣ ଭେଟି ଦେଉଛନ୍ତି ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ଟିଜର୍ ଏବଂ ଟ୍ରେଲରକୁ ଦର୍ଶକଙ୍କଠୁ ମିଳିଛି ଅହେତୁକ ଭଲପାଇବା । ■

● ଭିଏତ୍‌ନାମ ଓପନ୍

# ତନଭୀ ହାରିଲେ; ଫାଇନାଲରେ ଈଶାରାଣୀ

ହାନୋଇ, ୧୨।୯ (ଏଜେନ୍ସି): ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଈଶାରାଣୀ ବରୁଆ ଏଠାରେ ଚାଲିଥିବା ଏକ କୋଟି ୧୪ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଭିଏତନାମ୍ ଓପନର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚରେ ତୃତୀୟ ସିଡ୍ ଈଶାରାଣୀ ୨୧-୨୦, ୨୧-୧୮ ସିଧାସଳଖ ଗେମରେ ସାଥୀ ଖେଳାଳି ରକ୍ଷିତା ଶ୍ରୀ ରାମରାଜଙ୍କୁ ପରାସ୍ତ କରିଥିଲେ। ଫଳରେ ଈଶାରାଣୀ ଚଳିତ ସିଜନରେ ପ୍ରଥମଥର ଲାଗି ଏକ ବିଡ୍ଲ୍ୟୁଏଫ୍ ଟୁର୍ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଫାଇନାଲରେ ଈଶାରାଣୀଙ୍କ ମୁକାବିଲା ଥାଇଲାଣ୍ଡର ସାରୁନରାକ ଭିତିଦର୍ଶନଙ୍କ ସହ ହେବ। ଦ୍ୱିତୀୟ ସେମିଫାଇନାଲରେ ଭିତିଦର୍ଶନ ୨୧-୧୯, ୨୨-୨୦ ଗେମରେ ଅନ୍ୟତମ ଭାରତୀୟ ଖେଳାଳି ତନଭୀ ଶର୍ମାଙ୍କୁ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ମଧ୍ୟ ଭାରତର ଏଚଏସ୍ ପ୍ରଣୟଙ୍କୁ ନିରାଶ ହେବାକୁ ପଡ଼ିଛି। ସେମିଫାଇନାଲରେ ପ୍ରଣୟ ୧୩-୨୧, ୮-୨୧ ଗେମରେ ଟପ୍ ସିଡ୍ ସିଙ୍ଗାପୁରର ଜିଆ ହେଙ୍ଗ ତେହ'ଙ୍କ ନିକଟରୁ ହାରିଯାଇଥିଲେ।

# ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିବା ପରେ ଆତ୍ମହତ୍ୟା କରିବାକୁ କହିଲେ ଦିବ୍ୟାଂଶୀ

ଜୟପୁର, ୧୨।୯ (ଏଜେନ୍ସି): ଏସୀୟ କ୍ରୀଡ଼ାରେ ଭାରତକୁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ଭାଙ୍ଗିଯିବା ପରେ, ଭାରତୀୟ ଉଶୁ ଖେଳାଳି ଦିବ୍ୟାଂଶୀ ଚୌଧୁରୀ ଆତ୍ମହତ୍ୟା



କରିବେ ବୋଲି କହିଛନ୍ତି। ଏକ ଅତ୍ୟନ୍ତ ଭାବପ୍ରବଣ ଭିଡିଓ ସେୟାର କରି ଦିବ୍ୟାଂଶୀ ତାଙ୍କର ଯନ୍ତ୍ରଣା ପ୍ରକାଶ କରିଛନ୍ତି। ରାଜସ୍ଥାନର କୋଟାର ବାସିନ୍ଦା ଦିବ୍ୟାଂଶୀ କହିଛନ୍ତି ଯେ ଏସୀୟ କ୍ରୀଡ଼ା ପାଇଁ ବହୁତ ଦିନ ଧରି କଠିନ ପରିଶ୍ରମ କରିଥିଲି। ଏତେ ବଡ଼ ମଞ୍ଚରେ ଦେଶ ପାଇଁ ଖେଳିବାର ସ୍ୱପ୍ନ ଦେଖିଥିଲି। କିନ୍ତୁ ଏସୀୟ କ୍ରୀଡ଼ା ଦଳରୁ ବାଦ ଦିଆଯିବା ଖବର ମୋତେ ଗଭୀର ଭାବରେ ଆଘାତ ଦେଇଛି। ମାଆ ଓ ବାପା, ଦୟାକରି ମୋତେ କ୍ଷମା କରନ୍ତୁ... ମୁଁ ମରିବା ବିଷୟରେ କହୁଛି' ବୋଲି ଦିବ୍ୟାଂଶୀ କୋହଭରା କଣ୍ଠରେ କହୁଛନ୍ତି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୯ ତାରିଖରୁ ଏସୀୟ କ୍ରୀଡ଼ା ଜାପାନରେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ପାଇଁ ଭାରତୀୟ ଉଶୁ ଦଳ ଜୁନ ୨୩ରେ ଘୋଷଣା କରାଯାଇଥିଲା। ଗତକାଲି ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଦିବ୍ୟାଂଶୀଙ୍କୁ ବାଦ ଦିଆଯାଇଥିଲା। ତାଙ୍କ ସ୍ଥାନରେ ରୋଶିବିନା ଦେବୀଙ୍କୁ ଦଳରେ ସାମିଲ କରାଯାଇଥିଲା। ଦିବ୍ୟାଂଶୀ ଅଯୋଗ୍ୟ ଥିଲେ ବୋଲି ଭାରତୀୟ ଉଶୁ ସଂଘ ପକ୍ଷରୁ କୁହାଯାଇଛି।

ଏସିଆନ୍ ଗେମ୍ସ ପୂର୍ବରୁ ଚୂଡ଼ାନ୍ତ ପ୍ରସ୍ତୁତି ଲକ୍ଷ୍ୟରେ ଭାରତ

# ଭାରତ-ଆଫଗାନିସ୍ତାନ ଟି-୨୦ ସିରିଜ ଆଜିଠୁ




ନୂଆଦିଲ୍ଲୀ,୧୨।୯ (ଏଜେନ୍ସି)

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ରବିବାରଠାରୁ ଆରମ୍ଭ ହେବ। ସିରିଜର ସମସ୍ତ ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ଏହି ସିରିଜ ଆଫଗାନିସ୍ତାନ ପାଇଁ ବେଶ୍ ଐତିହାସିକ ହେବ। କାରଣ, ପ୍ରଥମଥର ପାଇଁ ଆଫଗାନିସ୍ତାନ ଭାରତୀୟ ମାଟିରେ ଭାରତ ବିପକ୍ଷରେ ନିଜର ଘରୋଇ ସିରିଜ ଖେଳିବାକୁ ଯାଉଛି। ଆଫଗାନିସ୍ତାନ ଗତ କିଛି ବର୍ଷ ଧରି ଭାରତର ଲକ୍ଷ୍ନୌ, ଡେରାଡୁନ୍ ଓ ଗ୍ରେଟର ନୋଏଡା ଭଳି ସହରକୁ ନିଜର ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ଘରୋଇ ଭେନ୍ୟୁ ଭାବରେ ବ୍ୟବହାର କରିଆସିଛି। କିନ୍ତୁ ଭାରତ ବିପକ୍ଷରେ ଭାରତୀୟ ମାଟିରେ ଏଭଳି ଶୃଙ୍ଖଳା ଏହା ପ୍ରଥମ। ସେପ୍ଟେମ୍ବର ୨୪ରୁ ଜାପାନରେ ଏସିଆନ୍ ଗେମ୍ସ ଆରମ୍ଭ ହେବ। ତା'ପୂର୍ବରୁ ଭାରତୀୟ ଦଳ ପାଇଁ ଏହି ଟି-୨୦ ଶୃଙ୍ଖଳା ଦଳୀୟ ସମନ୍ୱୟ ଓ ଖେଳାଳି ଚୟନ ପରୀକ୍ଷାର ଶେଷ ସୁଯୋଗ ହୋଇପାରେ। ବର୍ତ୍ତମାନ ଭାରତ ଟି-୨୦ ବିଶ୍ୱକପର ଚାମ୍ପିଅନ୍ ହୋଇଥିଲେ ମଧ୍ୟ ଗତ କିଛି ଦିନ ମଧ୍ୟରେ ଦଳର ପ୍ରଦର୍ଶନ ଆଶାନୁରୂପ ରହିନାହିଁ। ଜୁନ୍ ଶେଷରେ ବେଲ୍‌ଫାଷ୍ଟରେ ଆୟର୍ଲାଣ୍ଡ ବିପକ୍ଷରେ ଲଗାତାର ଦୁଇଟି ଟି-୨୦ ପରାଜୟରୁ ଦଳର ଖରାପ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଏହାପରେ ଇଂଲଣ୍ଡ ନିକଟରୁ ଭାରତ ଟି-୨୦ ସିରିଜରେ ୪-୦ରେ ପରାସ୍ତ କରିଥିଲା। ଅବଶ୍ୟ ପରେ ଜିମ୍ବାୱେ ଗସ୍ତରେ ଭାରତୀୟ ଦଳ କିଛିଟା ଆତ୍ମବିଶ୍ୱାସ ଫେରାଇଥିଲା। ଚଳିତ ବର୍ଷର ଆରମ୍ଭରେ ଆଫଗାନିସ୍ତାନ ଭାରତ ଗସ୍ତରେ ଆସିଥିଲା। ଏକମାତ୍ର ଟେଷ୍ଟରେ ଭାରତ ଇନିଂସ୍ ଓ ୩୦୦ ରନ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା। ଏହାପରେ ଦିନିକିଆ ଶୃଙ୍ଖଳାରେ ମଧ୍ୟ ଭାରତ ୩-୦ରେ ସିରିଜ୍ ଜିତିଥିଲା। ଏବେ ଟି-୨୦ରେ ମଧ୍ୟ ଭାରତ ଏହି ବିଜୟଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି।

ତିନି ମ୍ୟାଚ୍‌ର ଏହି ଶୃଙ୍ଖଳାରେ ଉଭୟ ଦଳର ଅନେକ ତାରକା ଖେଳାଳିଙ୍କ ଉପରେ ନଜର ରହିବ। ଭାରତ ପକ୍ଷରୁ ବୁମରା, ଅର୍ଶଦୀପ, ଅକ୍ଷର ଓ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂ ସହ ଶ୍ରେୟସ ଆୟର, ଅଭିଷେକ ଶର୍ମା ଓ ତିଳକ ବର୍ମାଙ୍କ ବ୍ୟାଟିଂ ଉପରେ ଦୃଷ୍ଟି ରହିବ। ଆଫଗାନିସ୍ତାନ ପାଇଁ ରାଶିଦ ଖାନ୍ ଓ ନବୀଙ୍କ ସ୍ପିନ୍ ସହ ଗୁରବାଜ୍ ଓ ଇବ୍ରାହିମ ଜାଦରାନଙ୍କ ବ୍ୟାଟିଂ ଗୁରୁତ୍ୱପୂର୍ଣ୍ଣ ହେବ।

**ଭାରତୀୟ ଦଳ** : ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ୍, ଈଶାନ କିଶନ (ଉଭୟ ୱିକେଟ୍‌କିପର୍), ତିଳକ ବର୍ମା (ଉପଅଧିନାୟକ), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂହ ଓ ଯଶ ଠାକୁର।

**ଆଫଗାନିସ୍ତାନ ଦଳ** : ଇବ୍ରାହିମ ଜର୍ଦାନ୍ (ଅଧିନାୟକ), ରହମାନୁଲ୍ଲା ଗୁରବାଜ୍, ନୁର ରହମାନ୍ (ୱିକେଟ୍‌କିପର୍), ସେଦିକୁଲ୍ଲା ଅଟଲ, ଡାରୱିଶ ରସୁଲି, ଅଜମତୁଲ୍ଲା ଓମରଜାଇ, ଗୁଲାବଦିନ୍ ନାଇବ୍, ମହମ୍ମଦ ନବୀ, ରଶିଦ ଖାନ୍, ନଙ୍ଗ୍ୟାଲ୍ ଖାରୋଟି, ନୁର ଅହମଦ, ମୁଜିବ ଉର୍ ରହମାନ୍, ଫଜଲହକ୍ ଫାରୁକି, ଅବଦୁଲ୍ଲା ଅହମଦଜାଇ ଓ ନବୀନ୍-ଉଲ୍-ହକ୍।

**ସିଧାପ୍ରସାରଣ: ସୋନି ସ୍ପୋର୍ଟ୍ସ, ଜିଓ ଟିଭି**
**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦**

## ୨୦୨୬ରେ ଭାରତୀୟ କ୍ରିକେଟ ଦଳର ଖେଳସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| **ବନାମ ଆଫଗାନିସ୍ତାନ (ଦେଶରେ)** | | |
| ସେପ୍ଟେମ୍ବର ୧୩ | ପ୍ରଥମ ଟି-୨୦ | ନୂଆଦିଲ୍ଲୀ |
| ସେପ୍ଟେମ୍ବର ୧୫ | ଦ୍ୱିତୀୟ ଟି-୨୦ | ନୂଆଦିଲ୍ଲୀ |
| ସେପ୍ଟେମ୍ବର ୧୭ | ତୃତୀୟ ଟି-୨୦ | ନୂଆଦିଲ୍ଲୀ |
| **ବନାମ ଜାପାନ (ବିଦେଶରେ)** | | |
| ସେପ୍ଟେମ୍ବର ୨୨ | ଏକମାତ୍ର ଟି-୨୦ | ନାନୋ |
| **ଏସିଆନ୍ ଗେମ୍ସ (ବିଦେଶରେ)** | | |
| ସେପ୍ଟେମ୍ବର ୨୮ | କ୍ୱାର୍ଟରଫାଇନାଲ | ନିଶିନ |
| ଅକ୍ଟୋବର ୦୧ | ସେମିଫାଇନାଲ | ନିଶିନ |
| ଅକ୍ଟୋବର ୦୩ | ଫାଇନାଲ | ନିଶିନ |
| **ବନାମ ୱେଷ୍ଟଇଣ୍ଡିଜ୍ (ଦେଶରେ)** | | |
| ତାରିଖ | ଫର୍ମାଟ | ଭେନ୍ୟୁ |
| ସେପ୍ଟେମ୍ବର ୨୭ | ପ୍ରଥମ ଦିନିକିଆ | ତ୍ରିଭାନ୍ଦ୍ରମ୍ |
| ସେପ୍ଟେମ୍ବର ୩୦ | ଦ୍ୱିତୀୟ ଦିନିକିଆ | ଗୁଆହାଟୀ |
| ଅକ୍ଟୋବର ୩ | ତୃତୀୟ ଦିନିକିଆ | ମୁଲାନପୁର |
| **ଟି-୨୦** | | |
| ଅକ୍ଟୋବର ୬ | ପ୍ରଥମ ଟି-୨୦ | ଲକ୍ଷ୍ନୌ |
| ଅକ୍ଟୋବର ୯ | ଦ୍ୱିତୀୟ ଟି-୨୦ | ରାଞ୍ଚି |
| ଅକ୍ଟୋବର ୧୧ | ତୃତୀୟ ଟି-୨୦ | ଇନ୍ଦୋର |
| ଅକ୍ଟୋବର ୧୪ | ଚତୁର୍ଥ ଟି-୨୦ | ହାଇଦରାବାଦ୍ |
| ଅକ୍ଟୋବର ୧୭ | ପଞ୍ଚମ ଟି-୨୦ | ବେଙ୍ଗାଲୁରୁ |
| **ବନାମ ନ୍ୟୁଜିଲାଣ୍ଡ (ବିଦେଶରେ)** | | |
| ତାରିଖ | ଫର୍ମାଟ | ଭେନ୍ୟୁ |
| ଅକ୍ଟୋବର ୨୨ | ପ୍ରଥମ ଟି-୨୦ | ଖ୍ରୀଷ୍ଟଚର୍ଚ୍ଚ |
| ଅକ୍ଟୋବର ୨୪ | ଦ୍ୱିତୀୟ ଟି-୨୦ | ଖ୍ରୀଷ୍ଟଚର୍ଚ୍ଚ |
| ଅକ୍ଟୋବର ୨୭ | ତୃତୀୟ ଟି-୨୦ | ୱେଲିଂଟନ |
| ଅକ୍ଟୋବର ୩୦ | ଚତୁର୍ଥ ଟି-୨୦ | ଅକ୍‌ଲାଣ୍ଡ |
| ନଭେମ୍ବର ୦୧ | ପଞ୍ଚମ ଟି-୨୦ | ହାମିଲଟନ |
| **ଦିନିକିଆ** | | |
| ନଭେମ୍ବର ୦୪ | ପ୍ରଥମ ଦିନିକିଆ | ଅକ୍‌ଲାଣ୍ଡ |
| ନଭେମ୍ବର ୦୭ | ଦ୍ୱିତୀୟ ଦିନିକିଆ | ୱେଲିଂଟନ |
| ନଭେମ୍ବର ୧୦ | ତୃତୀୟ ଦିନିକିଆ | ହାମିଲଟନ |
| ନଭେମ୍ବର ୧୩ | ଚତୁର୍ଥ ଦିନିକିଆ | ବେ' ଓଭାଲ |
| ନଭେମ୍ବର ୧୫ | ପଞ୍ଚମ ଦିନିକିଆ | ବେ' ଓଭାଲ |
| **ଟେଷ୍ଟ** | | |
| ୧୯ରୁ୨୩।୧୧ | ପ୍ରଥମ ଟେଷ୍ଟ | ୱେଲିଂଟନ |
| ୨୭ରୁ୦୧।୧୨ | ଦ୍ୱିତୀୟ ଟେଷ୍ଟ | ଖ୍ରୀଷ୍ଟଚର୍ଚ୍ଚ |
| **ବନାମ ଶ୍ରୀଲଙ୍କା (ଦେଶରେ)** | | |
| ତାରିଖ | ଫର୍ମାଟ | ଭେନ୍ୟୁ |
| ଡିସେମ୍ବର ୧୩ | ପ୍ରଥମ ଦିନିକିଆ | ନୂଆଦିଲ୍ଲୀ |
| ଡିସେମ୍ବର ୧୬ | ଦ୍ୱିତୀୟ ଦିନିକିଆ | ବେଙ୍ଗାଲୁରୁ |
| ଡିସେମ୍ବର ୧୯ | ତୃତୀୟ ଦିନିକିଆ | ଅହମ୍ମଦାବାଦ |
| **ଟି-୨୦** | | |
| ଡିସେମ୍ବର ୨୨ | ପ୍ରଥମ ଟି-୨୦ | ରାଜକୋଟ |
| ଡିସେମ୍ବର ୨୪ | ଦ୍ୱିତୀୟ ଦିନିକିଆ | କଟକ |
| ଡିସେମ୍ବର ୨୭ | ତୃତୀୟ ଦିନିକିଆ | ପୁଣେ |
| **୨୦୨୭: ଜିମ୍ବାୱେ ଓ ଅଷ୍ଟ୍ରେଲିଆ (ଦେଶରେ)** | | |
| (ଜାନୁଆରୀ ୩, ୬ ଓ ୯ରେ ଜିମ୍ବାୱେ ସହ ୩ ଦିନିକିଆ ଓ ଅଷ୍ଟ୍ରେଲିଆ ସହ ଜାନୁଆରୀ ମାର୍ଚ୍ଚ ୩ ମଧ୍ୟରେ ୫ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ।) | | |

ୟୁଏସ୍ ଓପନ୍

# ପ୍ରଥମଥର ଫାଇନାଲରେ ସେଲଟନ୍

ନ୍ୟୁୟର୍କ, ୧୨।୯ (ଏଜେନ୍ସି): ଘରୋଇ ଆମେରିକା ତାରକା ବେନ୍ ସେଲଟନ୍ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଆର୍ଥର ଆସ୍ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଅଲ୍-ଆମେରିକାନ ସେମିଫାଇନାଲ ମ୍ୟାଚରେ ଅଷ୍ଟମ ସିଡ୍ ସେଲଟନ୍ ଓ ୧୧ତମ ସିଡ୍ ଫ୍ରାନ୍ସିସ ତିଆଫୋଏ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ୩ ଘଣ୍ଟା ୧୭ ମିନିଟ୍ ଲଢ଼େଇ କରି ଶେଷରେ ସେଲଟନ୍ ୪-୬, ୬-୩, ୬-୩, ୭-୫ ସେଟରେ ବିଜୟୀ ହୋଇଥିଲେ। ଫଳରେ ୨୩ ବର୍ଷୀୟ ସେଲଟନ୍ ତାଙ୍କ କ୍ୟାରିୟରରେ ପ୍ରଥମଥର ଲାଗି କୌଣସି ଏକ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଛନ୍ତି। ରବିବାର ଫାଇନାଲରେ ସେଲଟନଙ୍କ ମୁକାବିଲା ଟପ୍ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଜର୍ମାନୀ ତାରକା ଜ୍ୱେରେଭ ୬-୩, ୭-୬ (୯/୭), ୭-୬ (୮/୬) ସେଟ୍‌ରେ ରୁଷିଆର କାରେନ ଖାଚାନୋଭଙ୍କୁ ହରାଇଥିଲେ। ୨୯ ବର୍ଷୀୟ ଜ୍ୱେରେଭଙ୍କ କ୍ୟାରିୟରର ଚତୁର୍ଥ ଓ ଚଳିତ ସିଜନରେ ତୃତୀୟଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିପୂର୍ବରୁ ସେ ଚଳିତ ବର୍ଷ ଫ୍ରେଞ୍ଚ ଓପନରେ ଚାମ୍ପିଅନ ଓ ୱିମ୍ବଲଡନରେ ରନର୍ସଅପ୍ ହୋଇଥିଲେ।

### ସିନିଆକୋଭା-ଟାଉନସେଣ୍ଡ ଯୋଡ଼ିଙ୍କ କ୍ୟାରିୟର ଗ୍ରାଣ୍ଡସ୍ଲାମ

ୟୁଏସ୍ ଓପନ୍ ମହିଳା ଡବଲ୍ସରେ ଟପ୍ ସିଡ୍ କାଟେରିନା ସିନିଆକୋଭା ଓ ଟେଲର ଟାଉନସେଣ୍ଡ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଶନିବାର ଅନୁଷ୍ଠିତ



ଫାଇନାଲରେ ସିନିଆକୋଭା-ଟାଉନସେଣ୍ଡ ଯୋଡ଼ି ୫-୭, ୬-୦, ୬-୨ ସେଟରେ ଆମେରିକୀୟ ଯୋଡ଼ି ଆଶଲିନ କର୍ଗର ଓ ରବିନ ମୋଣ୍ଟଗୋର୍ମି ଯୋଡ଼ିଙ୍କୁ ହରାଇଥିଲେ। ଏଥିସହ କାଟେରିନା-ଟେଲର ଯୋଡ଼ି କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କରିଛନ୍ତି। ଏହି ଯୋଡ଼ି ପୂର୍ବରୁ ୨୦୨୪ରେ ୱିମ୍ବଲଡନ, ୨୦୨୫ରେ ଅଷ୍ଟ୍ରେଲିଆନ ଓ ଫ୍ରେଞ୍ଚ ଓପନ୍‌ର ମହିଳା ଡବଲ୍ସରେ ଚାମ୍ପିଅନ ହୋଇଥିଲେ।

● ପାକିସ୍ତାନର ହ୍ୟାଟ୍ରିକ ପରାଜୟ

# ଟେଷ୍ଟ ସିରିଜକୁ କ୍ଲିନ୍‌ସୁଇପ୍ କଲା ଇଂଲଣ୍ଡ

ବର୍ମିଂହାମ, ୧୨।୯ (ଏଜେନ୍ସି): ଅଧିନାୟକ ଜୋ ରୁଟ୍ ଓ ଜୋର୍ଡାନ କକ୍ସଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ପାକିସ୍ତାନ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ତୃତୀୟ ଟେଷ୍ଟରେ ଇଂଲଣ୍ଡ ୮ ୱିକେଟରେ ବିଜୟୀ ହୋଇଛି। ୧୩୦ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଇଂଲଣ୍ଡ ଶନିବାର ଚତୁର୍ଥ ଦିବସରେ ୨୪.୨ ଓଭର ଖେଳି ଦୁଇଟି ୱିକେଟ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଥମ ଓଭରରେ ଇଂଲଣ୍ଡର ଦୁଇ ଓପନର୍ ଇମିଲିଓ ଗେ ଓ ବେନ୍ ଡକେଟଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ୍ କରି ମହମ୍ମଦ ଆବାସ ପାକିସ୍ତାନକୁ ଭଲ ଆରମ୍ଭ ଦେଇଥିଲେ। ତେବେ ଅଭିଜ୍ଞ ରୁଟ୍ ଓ ଜୋର୍ଡାନ ଯୋଡ଼ି ଆଉ କୌଣସି କ୍ଷତି ହେବାକୁ ନ ଦେଇ ଇଂଲଣ୍ଡକୁ ୮ ୱିକେଟରେ ଜିତାଇଥିଲେ। ରୁଟ୍ ୬୨ ଓ ଜୋର୍ଡାନ ୫୯ ରନରେ ଅପରାଜିତ ରହିଥିଲେ। ପୂର୍ବରୁ ଏହି ମ୍ୟାଚର ପ୍ରଥମ ପାଳିରେ ପାକିସ୍ତାନର ୧୩୩ ରନ ଜବାବରେ ଇଂଲଣ୍ଡ ୪୫୩ ରନ କରିଥିଲା। ୩୨୦ ରନ ପଛରେ ଥାଇ ପାକିସ୍ତାନ ଦ୍ୱିତୀୟ ପାଳିରେ ୪୪୯ ରନରେ ସୀମିତ ରହିଥିଲା। ପୂର୍ବରୁ ପ୍ରଥମ ଦୁଇଟି ଟେଷ୍ଟକୁ ଇଂଲଣ୍ଡ ଯଥାକ୍ରମେ ଇନିଂସ ଓ ୧୦୩ ରନ ଏବଂ ୧୯୪ ରନରେ ଜିତିଥିଲା। ଏବେ ତୃତୀୟ ଟେଷ୍ଟକୁ ଜିତି ଇଂଲଣ୍ଡ ୩-୦ରେ ଟେଷ୍ଟ ସିରିଜକୁ କ୍ଲିନସୁଇପ୍ କରିନେଇଛି। ୩-୦ରେ ବିଜୟ ସତ୍ତ୍ୱେ ଇଂଲଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟ ଟେବୁଲରେ ମାତ୍ର ଗୋଟିଏ ସ୍ଥାନ ଉପରକୁ ଉଠି ୬ଷ୍ଠରେ ରହିଛି।

■ ଏସିଆ କପ୍ ଜୁନିଅର ମହିଳା ହକି

# ଫାଇନାଲରେ ଭାରତ; ଆଜି ଚାଇନା ସହ ଟାଇଟଲ୍ ଲଢ଼େଇ

ମୋକି, ୧୨।୯ (ଏଜେନ୍ସି): ପୁରୁଷଙ୍କ ଭଳି ଭାରତୀୟ ମହିଳା ହକି ଦଳ ମଧ୍ୟ ଚାଇନାରେ ଚାଲିଥିବା ଏସିଆ କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଶନିବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ




୫-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ଭାରତୀୟ ଦଳ ପକ୍ଷରୁ ସୁପ୍ରିୟା ହ୍ୟାଟ୍ରିକ ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ସୁଖବୀର ଓ ସିଦାରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ରବିବାର ଭାରତ ଓ ଚାଇନା ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ଅନ୍ୟ ଏକ ସେମିଫାଇନାଲରେ ଆୟୋଜକ ଚାଇନା ୬-୦ ଗୋଲରେ ଜାପାନକୁ ହରାଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଭାରତୀୟ ମହିଳା ହକି ଦଳ ରେକର୍ଡ ଚତୁର୍ଥଥର ଲାଗି ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛି। ଏଥିପୂର୍ବରୁ ଭାରତ ୨୦୨୩ ଓ ୨୦୨୪ରେ କ୍ରମାଗତ ଦୁଇଟି ସଂସ୍କରଣରେ ଚାମ୍ପିଅନ ହୋଇଥିଲା। ସେହିଭଳି ୨୦୧୨ରେ ଦଳ ରନର୍ସଅପ୍ ରହିଥିଲା।

### ପୁରୁଷ ଦଳ ମଧ୍ୟ ଆଜି ଫାଇନାଲ ଖେଳିବ

ଭାରତୀୟ ଜୁନିଅର ପୁରୁଷ ହକି ଦଳ ମଧ୍ୟ ଏସିଆ କପ୍ ହକିର ଫାଇନାଲରେ ପ୍ରବେଶ କରିଛି। ଅନମୋଲ୍ ଏକ୍କାଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଗତକାଲି ସେମିଫାଇନାଲରେ ୩-୧ ଗୋଲରେ ମାଲେସିଆକୁ ହରାଇଥିଲା। ରବିବାର ସ୍ୱର୍ଣ୍ଣ ପଦକ ମୁକାବିଲାରେ ଭାରତ ଓ ଦକ୍ଷିଣ କୋରିଆ ସାମ୍ନାସାମ୍ନି ହେବେ। ଦକ୍ଷିଣ କୋରିଆକୁ ହରାଇ ଭାରତ ରେକର୍ଡ ଷଷ୍ଠଥର ଲାଗି ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଛି।

# ନିଖିଳ ଓଡ଼ିଶା ସିକ୍ସରେଡ ସ୍ନୁକର ଆଜିଠୁ




ଭୁବନେଶ୍ୱର, ୧୨।୯ (ସମିସ)

ଗୋଲ୍ଡେନ କିଙ୍ଗ ୬-ରେଡ୍ ଓପନ୍ ସ୍ନୁକର ଚାମ୍ପିଅନସିପ୍‌ର ଦ୍ୱିତୀୟ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବ। କଟକ ସିଡିଏସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଟି-୨୦ ଫର୍ମାଟରେ ଏହି ସ୍ନୁକର ପ୍ରତିଯୋଗିତା ଖେଳାଯିବ। ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଦ୍ୱିତୀୟ ସଂସ୍କରଣରେ ମୋଟ୍ ୪୪ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏଥର ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍ ହୋଇଥିବା ଖେଳାଳିଙ୍କୁ ୧୨ ହଜାର ଏବଂ ସେମିଫାଇନାଲରେ ପରାଜିତ ଦୁଇ ଖେଳାଳିଙ୍କୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯିବ। ସେହିଭଳି କ୍ୱାର୍ଟର ଫାଇନାଲରେ ହାରିଥିବା ଖେଳାଳିଙ୍କୁ ୨୫୦୦ ଟଙ୍କା, ସର୍ବାଧିକ ବ୍ରେକ୍ କରିଥିବା ଖେଳାଳିଙ୍କୁ ୫ ହଜାର ଟଙ୍କା ଦିଆଯିବ ବୋଲି ଶନିବାର ସମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ସଂଘର ସମ୍ପାଦକ ସମୀର ଅଲି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗୋଲ୍ଡେନ କିଙ୍ଗ ସ୍ନୁକର ସେଣ୍ଟର ମାଲିକ ଜ୍ଞାନରଞ୍ଜନ ବେହେରା, ଜାତୀୟ ଜୁନିଅର ଚାମ୍ପିଅନ ଆଶୁତୋଷ ପାଢ଼ୀ, ଫତେ ସିଂହ, ପୂର୍ବତନ ରାଜ୍ୟ ଚାମ୍ପିଅନ ଆକାଶ ମହାପାତ୍ର, ଆୟୋଜକ କମିଟିର ସଦସ୍ୟ ଅଞ୍ଜୁ କୁମାର ପଣ୍ଡା, ବରୁଣ ପୂର୍ବା ପ୍ରମୁଖ ଉପସ୍ଥିତ ରହିଥିଲେ। ଗତବର୍ଷ ଅନୁଷ୍ଠିତ ପ୍ରଥମ ସିଜନରେ ଆଶୁତୋଷ ପାଢ଼ୀ ଚାମ୍ପିଅନ ହୋଇଥିଲେ।

# ସନ୍ତରଣ ଚାମ୍ପିଅନ ଆଦ୍ୱିକାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୨।୯ (ସମିସ): ନିକଟରେ ବ୍ୟାଙ୍କକରେ ଶେଷ ହୋଇଥିବା ଏସିଆନ ସ୍କୁଲ ଆମନ୍ତ୍ରଣୀୟ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରି ଓଡ଼ିଶାର କୁନି ସନ୍ତରଣକାରୀ ଆଦ୍ୱିକା ଉକ୍ରଳ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ୮ ବର୍ଷୀୟା ଆଦ୍ୱିକା ଏହି ଚାମ୍ପିଅନସିପ୍‌ରେ ୭ଟି ପଦକ ଜିତିଥିଲେ। ଯେଉଁଥିରେ ୫ଟି ସ୍ୱର୍ଣ୍ଣ



ଓ ୨ଟି ରୌପ୍ୟ ପଦକ ଥିଲା। ଏଥିସହ କଟକର ଏହି କୁନି ପ୍ରତିଭା ୩ଟି ନୂତନ ରେକର୍ଡ ମଧ୍ୟ ସୃଷ୍ଟି କରିଥିଲେ। ସେ ୫୦ ମିଟର୍ ଫ୍ରିଷ୍ଟାଇଲ ଇଭେଣ୍ଟକୁ ୩୩.୧୦ ସେକେଣ୍ଡରେ ଫିନିଶ କରି ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ରେକର୍ଡ ୧୫.୫୭ ସେକେଣ୍ଡରେ ୨୫ ମିଟର୍ ଫ୍ରିଷ୍ଟାଇଲକୁ ଶେଷ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ତୃତୀୟ ରେକର୍ଡଟି ଆଦ୍ୱିକା ୫୦ ମିଟର୍ ବଟରଫ୍ଲାଇ ଇଭେଣ୍ଟରେ କରିଥିଲେ। ଏହି ଅବସରରେ ଦି ଡିଏନ୍ ୱିଜଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲ ପକ୍ଷରୁ ଆଦ୍ୱିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲ କ୍ୟାମ୍ପସରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଏନ ଗ୍ରୁପର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ନାଏକ ଉତ୍ତରୀୟ ଓ ଏକଲକ୍ଷ ଟଙ୍କାର ଚେକ୍ ଆଦ୍ୱିକାଙ୍କୁ ପ୍ରଦାନ କରି କରିଥିଲେ। ଉଲ୍ଲେଖଯୋଗ୍ୟ ଆଦ୍ୱିକା ବର୍ତ୍ତମାନ ଦି ଡିଏନ୍ ୱିଜଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢ଼ୁଛନ୍ତି।

# ବାରବାଟୀରେ ୧୦୬ ଅମ୍ପାୟାରଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର,୧୨।୯ (ସମିସ): ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ବାରବାଟୀ ଷ୍ଟାଡିୟମ୍‌ସ୍ଥିତ ସମ୍ମିଳନୀ କକ୍ଷରେ ଶନିବାରଠାରୁ ଦୁଇଦିନିଆ ଅମ୍ପାୟାର ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଛି। ରାଜ୍ୟର ବିଭିନ୍ନ ଜିଲ୍ଲାର ୧୦୬ ଜଣ ଅମ୍ପାୟାର ଏଥିରେ ଯୋଗଦେଇଛନ୍ତି। ଆଇସିସି ଓ ବିସିସିଆଇର ନୂଆ ନିୟମ, ଖେଳ ପରିସ୍ଥିତି ଓ ବିଧିବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ଦିଆଯାଉଛି। ବରିଷ୍ଠ ଅମ୍ପାୟାର ସୁବ୍ରତ ଦାସ, ଅରୁଣ କୁମାର ବାସା ଓ ଧୀରଜ ସିଂହ ଅଧିବେଶନ ପରିଚାଳନା କରୁଛନ୍ତି। ଓସିଏ ସିଇଓ ସୁବ୍ରତ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଉଚ୍ଚମାନର ଅମ୍ପାୟାରିଂ ଉପରେ ଗୁରୁତ୍ୱ ଦେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS